19

ଫାର୍ମର ଉଦ୍ଦେଶ୍ୟ : ଲାଭ ଅଧିକତମ କରଣ

OBJECTIVE OF A FIRM: PROFIT MAXIMISATION

ସାଧାରଣତଃ ଏକ ଉତ୍ପାଦନକାରୀ ଅଧିକତମ ଲାଭ ପାଇବାକୁ ଚାହିଥାନ୍ତି । ତାଙ୍କୁ ଉତ୍ପାଦନର ଅଧିକତମ ଲାଭ ଅବସ୍ଥାର ନିର୍ଦ୍ଧାରଣ କରିବାକୁ ହେବ । ଏହି ପ୍ରସଙ୍ଗରେ ଆମେ ଅଧ୍ୟାୟ-୧୭ରେ ପରିବ୍ୟୟ ଓ ଅଧ୍ୟାୟ-୧୮ରେ ଆୟ ବିଷୟରେ ଆଲୋଚନା କରିଛନ୍ତି ।

ଉପରୋକ୍ତ ଅଧ୍ୟାୟରୁ ପ୍ରାପ୍ତ ଆୟ ଓ ପରିବ୍ୟୟ ବିଷୟର ଜ୍ଞାନକୁ ପ୍ରୟୋଗ କରି ଆମେ ଉତ୍ପାଦକର ଅଧିକତମ ଲାଭର ସ୍ଥିତିକୁ ନିର୍ଦ୍ଧାରଣ କରିବା ।

ଉଦ୍ଦେଶ୍ୟ :

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ ଆପଣ :

- ବ୍ୟବସାୟରେ ବ୍ୟବହୃତ ଲାଭର ଅବଧାରଣାକୁ ବୁଝିପାରିବେ ।
- ସାଧାରଣ ଲାଭକୁ ପରିବ୍ୟୟର ଏକ ଉପାଦାନ ରୂପେ ବର୍ଣ୍ଣନା କରିପାରିବେ ।
- ସାଧାରଣ ଠାରୁ ଅଧିକ ଲାଭର ଧାରଣା ବ୍ୟାଖ୍ୟା କରିପାରିବେ ।
- ସାଧାରଣ ଠାରୁ କମ୍ ଲାଭର ଧାରଣାକୁ ମଧ୍ୟ ବୁଝିପାରିବେ ।
- ମୋଟ ପରିବ୍ୟୟ ଏବଂ ମୋଟ ଆୟର ତଥ୍ୟାବଳୀର ଆଧାର ଉପରେ ଉତ୍ପାଦନର ବିଭିନ୍ନ ସ୍ତରରେ ଲାଭକୁ ଜାଣିପାରିବେ ।
- ସୀମାନ୍ତ ପରିବ୍ୟୟ ଓ ସୀମାନ୍ତ ଆୟର ତଥ୍ୟର ଆଧାର ଉପରେ ଅଧିକତମ ଲାଭର ଅବସ୍ଥା ନିର୍ଦ୍ଧାରଣା କରିପାରିବେ ।
- ଏହା ଆପଣ ବୁଝିପାରିବେ ଯେ $MR>MC$ ଓ $MR<MC$ ତଥା $MR=MC$ ପରିସ୍ଥିତିରେ ଉତ୍ପାଦକ ନିଜର ଲାଭକୁ ଅଧିକତମ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିବେ ।

- ବୁଝିପାରିବେ ଯେ ଅଧିକତମ ଲାଭ ସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ କେବଳ MR=MC ପର୍ଯ୍ୟାପ୍ତ ନୁହେଁ ।
- ବୁଝିପାରିବେ ଯେ ଅଧିକତମ ଲାଭ ତାହା ହିଁ ହୋଇଥାଏ ଯେଉଁଠାରେ MR=MC ଠାରୁ ଅଧିକ ଲାଭପ୍ରଦ ଅବସ୍ଥା ଆଡକୁ ଅଗ୍ରସର ହେବା ସମ୍ଭବ ନୁହେଁ ଏବଂ
- ବୁଝିପାରିବେ ଯେ TR ଏବଂ TCର ତଥ୍ୟ ଉପରେ ଆଧାରିତ ଅଧିକ ତମ ଲାଭର ସ୍ଥିତିରେ ସେତିକି ଉତ୍ପାଦନ ହେବ ଯେତିକି MR ଓ MCର ତଥ୍ୟ ଉପରେ ଆଧାରିତ ଅଧିକତମ ଲାଭ ଉତ୍ପାଦନ ହୁଏ ।

19.1 ଲାଭର ବିଭିନ୍ନ ଧାରଣା

(କ) ଲାଭର ଅର୍ଥ

ଲାଭ ଶବ୍ଦଟିକୁ ବିଭିନ୍ନ ପ୍ରକାରରେ ପ୍ରୟୋଗ କରାଯାଇଥାଏ । ଲାଭର ବିଭିନ୍ନ ଅବଧାରଣାଗୁଡ଼ିକୁ ବୁଝିବାକୁ ଗୋଟିଏ ଉଦାହରଣ ନିଆଯାଉ । ଜଣେ ବଢେଇ ନିଜ ଘରେ ସ୍ୱୟଂ ନଜ ପୁଞ୍ଜି ଲଗାଇ ଓ ନିଜ ପରିଶ୍ରମରେ କାଠରେ ତିଆରି ୧୦ଟି ଟେବୁଲ ଗୋଟିଏ ସପ୍ତାହରେ ତିଆରି କରିପାରନ୍ତି । ସେ କାଠ ତଥା ଅନ୍ୟ ଜିନିଷଗୁଡିକରେ କିଛି ଖର୍ଚ୍ଚ କରିଥିବେ । ଏହି ଖର୍ଚ୍ଚ ଟେବୁଲଗୁଡ଼ିକୁ ତିଆରି କରିବାରେ ବଢେଇଙ୍କର ମୌଦ୍ରିକ ତଥା ପ୍ରତ୍ୟକ୍ଷ ଉତ୍ପାଦାନର ପରିବ୍ୟୟ । ଧରି ନିଅନ୍ତୁ ଯେ ଏହି ପରିବ୍ୟୟ ୬୦୦ ଟଙ୍କା ଏବଂ ୧୦ଟି ଟେବୁଲକୁ ୧୩୦୦ ଟଙ୍କରେ ବିକ୍ରି କଲେ । ବଢେଇଙ୍କୁ ଲାଗିଲା ଯେ ସେ ୭୦୦ ଟଙ୍କା (୧୩୦୦-୬୦୦)ର ଲାଭ ଆୟ କଲେ । ପ୍ରାୟତଃ ବ୍ୟବସାୟୀ ଏହିପରି ନିଜ ଖାତାରେ ଲାଭର ଆକଳନ ଏହି ରୂପରେ କରିବା ଦେଖାଯାଏ । କିନ୍ତୁ ଏହି ବଢେଇ ବର୍ତ୍ତମାନ ଟେବୁଲଗୁଡ଼ିକରେ ମୋଟ ପରିବ୍ୟୟର ସଠିକ୍ ଗଣନା କରିନାହିଁ । ସେ କେବଳ ପ୍ରତ୍ୟକ୍ଷ ପରିବ୍ୟୟର ହିସାବ କରିଛନ୍ତି । ସେ ନିଜର ଶ୍ରମ, ନିଜର ପୁଞ୍ଜି ଓ ନିଜ ଘରର ବ୍ୟବହାର କରିଛନ୍ତି । ଏହି ସବୁର ନିଜ ନିଜର ନିହିତ ପରିବ୍ୟୟ ରହିଛି । ଆପଣମାନେ ଅଧ୍ୟାୟ ୧୭ରେ ଏହି ନିହିତ ପରିବ୍ୟୟ ବିଷୟରେ ଭଲ ଭାବରେ ଅଧ୍ୟୟନ କରିଛନ୍ତି ।

ଅତଏବ ଟେବୁଲଗୁଡିକ ତିଆରିରେ ପରିବ୍ୟୟର ହିସାବ କରିବା ସମୟରେ ପ୍ରତ୍ୟକ୍ଷ, ମୌଦ୍ରିକ ପରିବ୍ୟୟରେ ଏହି ନିହିତ ପରିବ୍ୟୟକୁ ମଧ୍ୟ ଯୋଗ କରିବାକୁ ହେବ । କେବଳ ଏତିକି ନୁହେଁ, ବଢେଇ ମଧ୍ୟ ଅନ୍ୟ ଏକ ସାଧନ ଆଗତ ମଧ୍ୟ ପ୍ରଦାନ କରିଛନ୍ତି । ଉଦ୍ୟମୀ ରୂପରେ ସେ ଉତ୍ପାଦନ ସହିତ ଜଡିତ ଆଶଙ୍କା ଓ ଅନିଶ୍ଚିତତା ମଧ୍ୟ ବହନ କରିଛନ୍ତି । ଏହାର ପ୍ରତିଫଳ ମଧ୍ୟ ତାଙ୍କୁ ମିଳିବା ଦରକାର । ଏହା ସେହି ନ୍ୟୁନତମ ରାଶି ହେବ । ଯାହା ତାଙ୍କୁ ଏହି କାର୍ଯ୍ୟ କରିବାପାଇଁ ପ୍ରୋତ୍ସାହିତ କରି ରଖିପାରିବ । ଏହି ନ୍ୟୁନତମ ପ୍ରତିଫଳ ତାଙ୍କର (ନିଜ ଉଦ୍ୟମର) ଟେବୁଲ ତିଆରି କରିବାର ଅବସର ପରିବ୍ୟୟ । ଯଦି ତାଙ୍କୁ ଏହା ନ ମିଳେ ତେବେ ସେ ଟେବୁଲ

ତିଆରି କରିବା ଛାଡି ଅନ୍ୟ କୌଣସି କାମ କରିବେ । ଏହି ନ୍ୟୁନତମ ପ୍ରତିଫଳ ସାଧାରଣ ଲାଭ ରୂପେ ଗଣନା କରାଯାଏ- ଏହା ଉଦ୍ୟମ ରୂପୀ ଆଗତର ପ୍ରତିଫଳ । ଏହାକୁ ମଧ୍ୟ ଟେବୁଲ ତିଆରି ପରିବ୍ୟୟରେ ଯୋଗ କରିବାକୁ ହେବ। ଧରାଯାଉ କି ବଢେଇଙ୍କର ଶ୍ରମ, ପୁଞ୍ଜି ଓ ଗୃହର ନିହିତ ପରିବ୍ୟୟ ୪୦୦ ଟଙ୍କା ଏବଂ ତାଙ୍କର ନ୍ୟୁନତମ ଲାଭର ଆଶା (ସାଧାରଣ ଲାଭ) ୧୦୦ ଟଙ୍କା। ଏହିପରି ତାଙ୍କର ମୋଟ ପରିବ୍ୟୟ ହେବ ୬୦୦+୪୦୦+୧୦୦=୧୧୦୦ ଟଙ୍କା । (ଏହା ପ୍ରତ୍ୟକ୍ଷ ପରିବ୍ୟୟ + ନିହିତ ପରିବ୍ୟୟ + ସାଧାରଣଲାଭର ଯୋଗଫଳ) । ଅତଏବ ଏଠାରେ ୧୩୦୦ ଟଙ୍କାରେ ଟେବୁଲ ବିକ୍ରିରେ ତାଙ୍କୁ ନିଜର ସମସ୍ତ ପରିବ୍ୟୟ ଠାରୁ ୨୦୦ ଟଙ୍କା ଅଧିକ ମିଳୁଅଛି। ଏହା ହିଁ ଆଧିକ୍ୟ ଲାଭ କୁହାଯାଏ। ଏହି ପରିବ୍ୟୟରେ ତାଙ୍କର ସାଧାରଣ ଲାଭ ସହିତ ଏକ ଅତିରିକ୍ତ ଲାଭ ମଧ୍ୟ ମିଶିଅଛି। ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଲାଭ ଶବ୍ଦ ଏହି ଅତିରିକ୍ତ ଲାଭ ପାଇଁ ହିଁ ପ୍ରୟୋଗ ହୋଇଥାଏ। ଆସନ୍ତୁ ବର୍ତ୍ତମାନ, ଲାଭର ବିଭିନ୍ନ ସ୍ତର ମଧ୍ୟରେ ପାର୍ଥକ୍ୟ ଆଲୋଚନା କରିବା ।

(ଖ) ଲାଭର ସ୍ତର :

(i) ସାଧାରଣ (ଶୂନ୍ୟ) ଲାଭ :

ଆମେ ଲାଭକୁ TC ଠାରୁ TRର ଅଧିକତା ରୂପେ ପରିଭାଷିତ କରିଥାନ୍ତି। ଅତଏବ TR=TC ସ୍ଥିତିରେ ଲାଭ ଶୂନ୍ୟ ହେବ। ତେଣୁ ଶୂନ୍ୟଲାଭର ଅର୍ଥ ହେବ ଯେ ଫାର୍ମକୁ କେବଳ ସାଧାରଣ ଲାଭ ମିଳୁଛି। କାରଣ ସାଧାରଣ ଲାଭ ପରିବ୍ୟୟର ହିଁ ଅଂଶ । TR=TC ସ୍ଥିତିରେ ଉତ୍ପାଦକର ନ୍ୟୁନତମ ପ୍ରାପ୍ତିର ଆଶା ହିଁ ଫଳିଭୂତ ହୋଇଛି, ସେ ଯେତିକି ପରିବ୍ୟୟ ଖର୍ଚ୍ଚ କରିଥିଲେ, ତାଙ୍କର ସେତିକି ଫେରିଯାଇଛନ୍ତି। ଅତଏବ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଶୂନ୍ୟଲାଭ ସାଧାରଣ ଲାଭ ସହିତ ସମାନ ହୋଇଥାଏ।

(ii) ଅସାଧାରଣ (ବା ଶୂନ୍ୟ ଠାରୁ ଅଧିକ) ଲାଭ :

ଯେତେବେଳେ TR, TC ଠାରୁ ଅଧିକ (TR>TC) ହୁଏ, ଲାଭ ଶୂନ୍ୟରୁ ଅଧିକ ହୋଇଯାଏ। କିନ୍ତୁ ଶୂନ୍ୟଲାଭ ସାଧାରଣ ଲାଭ ସହିତ ସମାନତା କାରଣରୁ ଏହି ଶୂନ୍ୟ ଠାରୁ ଅଧିକ ଲାଭକୁ ସାଧାରଣ ଠାରୁ ଅଧିକ ବା ଅସାଧାରଣ ଲାଭ କୁହାଯାଏ। ଏ ପ୍ରକାର ଧନାତ୍ମକ ଲାଭ (ଶୂନ୍ୟଠାରୁ ଅଧିକ ଲାଭ) ହିଁ ସାଧାରଣ ଠାରୁ ଅଧିକ ବା ଅସାଧାରଣ ଲାଭ ହୋଇଯାଏ।

(ଗ) କ୍ଷତି ଅବସ୍ଥା :

ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରାୟତଃ ସାଧାରଣ ତଥା ଅସାଧାରଣ ଲାଭର ବିଚାର ଉପରେ ହିଁ ଆଲୋଚନା ହୋଇଥାଏ। ସାଧାରଣ ଠାରୁ କମ୍, ଲାଭର ସ୍ଥିତି ମଧ୍ୟ ସମ୍ଭବ ହୋଇଥାଏ କିନ୍ତୁ ଏହା ବାସ୍ତବରେ 'କ୍ଷତି'ର ପରିସ୍ଥିତି ହୋଇଥାଏ। ଏଠାରେ TRର ସ୍ତର TCଠାରୁ କମ୍ ରହିଥାଏ । ଅନ୍ୟ ଅର୍ଥରେ ଉତ୍ପାଦକ ସାଧାରଣ ଲାଭ ସହିତ ସମସ୍ତ ପରିବ୍ୟୟକୁ ପୂରଣ କରିବାରେ ସଫଳ

ହୋଇନଥାନ୍ତି । ଏହା ହୋଇପାରେ ଯେ ତାଙ୍କର ସାଧାରଣ ଲାଭର ଆଂଶିକ ପ୍ରାପ୍ତି ହୋଇଥାଏ ବା ସେ କିଛି ହେଲେ ବି ଲାଭ ପାଇନଥାନ୍ତି । ଉଭୟ ପରିସ୍ଥିତି ଉତ୍ପାଦକ ପାଇଁ 'କ୍ଷତି'ର ସ୍ଥିତି ହିଁ ହୋଇଥାଏ । ଯଦି ଏହି ସ୍ଥିତି ଲାଗି ରହେ, ତାଙ୍କର ହେଉଥିବା ଏ ପ୍ରକାର କ୍ଷତିକୁ ପୂରଣ କରିବା ପାଇଁ ସୁଯୋଗ ନ ମିଳିଲେ, ଉଦ୍ୟମକାରୀ ଏହି ଦ୍ରବ୍ୟର ଉତ୍ପାଦନ ବନ୍ଦ କରିବା 'ସୁଯୋଗ' ଖୋଜିଥାନ୍ତି । ଏପରିକି ଯଦି କୌଣସି ଦ୍ରବ୍ୟର ଉତ୍ପାଦନରେ ନିଜ ଗଣନା ଅନୁସାରେ କ୍ଷତିର ସମ୍ଭାବନା ଥାଏ ତେବେ ସେହି ଉତ୍ପାଦନକାରୀ କେବେହେଲେ ତାଙ୍କର ଉତ୍ପାଦନ ପ୍ରକ୍ରିୟା ଆରମ୍ଭ କରିବେ ନାହିଁ । ସେ ଏପରି ଦ୍ରବ୍ୟର ଉତ୍ପାଦନ ଆରମ୍ଭ କରିବେ, ଯେଉଁଥିରୁ ତାଙ୍କୁ ଅତି କମ୍‌ରେ ସାଧାରଣ ଲାଭ ଅବଶ୍ୟ ମିଳୁଥିବ ।

ଆମେ ଯେତେବେଳେ ଉତ୍ପାଦକ ଦ୍ୱାରା ଅଧିକତମ ଲାଭ ଆୟ କରିବା କଥା କହନ୍ତି ସେତେବେଳେ ବସ୍ତୁତଃ ଅଧିକତମ ଅସାଧାରଣ ଲାଭର କଥା ପ୍ରାୟ କହିଥାନ୍ତି । କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ସାଧାରରଣ ଲାଭ ମିଳୁଥାଏ, ବ୍ୟବସାୟୀ ଉତ୍ପାଦନ କାର୍ଯ୍ୟ କରି ଚାଲିଥାଏ । ବେଳେବେଳେ ତାଙ୍କୁ ମାତ୍ର ସାଧାରଣ ଲାଭ (ବା ଗୁଣ ଲାଭ)ର ମଧ୍ୟ ସମ୍ମୁଖୀନ ହେବାକୁ ପଡିଥାଏ । ଏଠାରେ ଶୂନ୍ୟଲାଭ ହିଁ ଅଧିକତମ ସମ୍ଭବଲାଭ । ଅତଏବ ଉତ୍ପାଦକଙ୍କର ଅଧିକତମ ଲାଭ-ଶୂନ୍ୟ ଠାରୁ ନେଇ ଯେକୌଣସି ଧନାତ୍ମକ ସ୍ତର ପର୍ଯ୍ୟନ୍ତ ହୋଇପାରେ ।

ମନେରଖ :

- ଅର୍ଥଶାସ୍ତ୍ରରେ ମୋଟ ପରିବ୍ୟୟ (ପ୍ରତ୍ୟକ୍ଷ ପରିବ୍ୟୟ + ନିହିତ ପରିବ୍ୟୟ + ସାଧାରଣ ଲାଭ) ଠାରୁ ମୋଟ ଆୟର ପରିମାଣ ଅଧିକକୁ ଲାଭ କୁହାଯାଏ ।
- ଯେତେବେଳେ ମୋଟ ଆୟ ମୋଟ ପରିବ୍ୟୟ ସହିତ ସମାନ ହୁଏ ତେବେ ଆମେ ଏହାକୁ ଶୂନ୍ୟ ଲାଭ ବା ସାଧାରଣ ଲାଭର ସ୍ଥିତି କହିଥାନ୍ତି ।
- ଯେତେବେଳେ ମୋଟ ଆୟର ସ୍ତର ମୋଟ ପରିବ୍ୟୟ ଠାରୁ ଅଧିକ ହୁଏ, ଏହି ଅଧିକତାକୁ ଅସାଧାରଣ ଲାଭ (ଅନାତ୍ମକ ଲାଭ)ର ବ୍ୟବସ୍ଥା କୁହାଯାଏ ।
- ଯଦି ମୋଟ ଆୟ ମୋଟ ପରିବ୍ୟୟ ଠାରୁ କମ୍ ହୁଏ ତେବେ ଉଦ୍ୟୋଗୀଙ୍କୁ କ୍ଷତି ସହିବାକୁ ପଡେ ।

ପାଠ୍ୟଗତ ପ୍ରଶ୍ନ 19.1

1. ଠିକ୍/ଭୁଲ କୁହ

(I) ଲାଭ TR ଓ ପ୍ରତ୍ୟକ୍ଷ ପରିବ୍ୟୟର ଅନ୍ତରଫଳ

(II) ଲାଭ TR ଓ TCର ଅନ୍ତର ।

(III) ସାଧାରଣ ଲାଭ ହେଉଛି ନ୍ୟୁନତମ ମୌଦ୍ରିକ ପ୍ରତିଫଳ ଯାହା କୌଣସି ଦ୍ରବ୍ୟର ଉତ୍ପାଦକଙ୍କୁ ନିଶ୍ଚିତ ମିଳିବା ଦରକାର। ଅନ୍ୟଥା ସେ ଉତ୍ପାଦନ କରିବେ ନାହିଁ ।

(IV) TC ଠାରୁ TR ଅଧିକ ହେଲେ ହିଁ ଉତ୍ପାଦକଙ୍କୁ କେବଳ ସାଧାରଣ ଲାଭ ହୋଇଥାଏ।

(V) ସାଧାରଣ ଲାଭ ବ୍ୟବସାୟିକ ଦୃଷ୍ଟିରୁ ଲାଭ ସହିତ ସମାନ ହୁଏ।

(VI) ସାଧାରଣ ଲାଭ ପରିବ୍ୟୟର ଅଂଶ ହୋଇଥାଏ।

(VII) ଯଦି TR=TC ହୁଏ ତେବେ ଉତ୍ପାଦନକୁ କେବଳ ସାଧାରଣ ଲାଭ ମିଳିଥାଏ।

19.2 ମୋଟ ଆୟ ଓ ମୋଟ ପରିବ୍ୟୟର ତଥ୍ୟରୁ ଲାଭ ଅଧିକତମ କରିବା

ଅଧିକତମ ଲାଭର ସ୍ଥିତିର ନିର୍ଣ୍ଣୟ ଯେତେବେଳେ ଉତ୍ପାଦକ କୌଣସି ଦ୍ରବ୍ୟର ଉତ୍ପାଦନ କରିବାକୁ ଓ ବିକ୍ରୟ ଯୋଗୁଁ କରିବାକୁ ସ୍ଥିର କରିନିଅନ୍ତି, ତେବେ ସେ ମଧ୍ୟ ଏହା ସ୍ଥିର କରିଥିବେ ଯେ ଅଧିକତମ ଲାଭ ପାଇବାକୁ ସେ ଉକ୍ତ ଦ୍ରବ୍ୟ କେତେ ପରିମାଣରେ ଉତ୍ପାଦନ କରିବେ । ତାଙ୍କର ଉତ୍ପାଦନର ପରିମାଣ ନିଶ୍ଚିତ କରିବା ପାଇଁ ଉକ୍ତ ଦ୍ରବ୍ୟର ବିଭିନ୍ନ ଉତ୍ପାଦନ ସ୍ତର ସହିତ ଜଡିତ ପରିବ୍ୟୟ ଓ ଆୟର ତଥ୍ୟାବଳୀର ଆବଶ୍ୟକ ହୋଇଥାଏ। ତାଲିକା 19.1ରେ କୌଣସି ଦ୍ରବ୍ୟର ପରିମାଣ, TC ଓ TRର କାଳ୍ପନିକ ତଥ୍ୟାବଳୀ ଦିଆଗଲା।

ନିଜର ଆୟ ସମ୍ବନ୍ଧୀୟ ଅଧ୍ୟାୟ-18ରେ ଦୁଇଟି ସ୍ଥିତିର ଆଲୋଚନା କରିଥିଲେ। ଗୋଟିଏ ସ୍ଥିତିରେ ଉତ୍ପାଦକ ଦିଆଯାଇଥିବା ବଜାର ଦର ଉପରେ ମନଇଚ୍ଛା ଯେତେ ପରିମାଣରେ ମାଲ ବିକ୍ରି କରିପାରନ୍ତି। ଅନ୍ୟ ସ୍ଥିତିରେ ତାଙ୍କୁ ଅଧିକ ଦ୍ରବ୍ୟ ବିକ୍ରି କରିବାକୁ ଦର ହ୍ରାସ କରିବାକୁ ପଡିଥାଏ। ଏଠାରେ ଆମେ ଦ୍ୱିତୀୟ ସ୍ଥିତି ଉପରେ ଆଲୋଚନା କରୁଛନ୍ତି । ଏହି ପଦ୍ଧତିକୁ ବ୍ୟବହାର କରି ପ୍ରଥମ ଅବସ୍ଥାରେ ମଧ୍ୟ ଅଧିକତମ ଲାଭ ଥିବା ଉତ୍ପାଦନ ସ୍ତରର ନିର୍ଦ୍ଧାରଣ ହୋଇପାରେ ।

ତାଲିକା 19.1 ଏକ ଦ୍ରବ୍ୟର TR, TC ଓ ଲାଭ ତାଲିକା

ଉତ୍ପାଦକ (ଏକକରେ)	ଦର (ଟଙ୍କାରେ)	ମୋଟ ଆୟ (TR) ଟଙ୍କାରେ	ମୋଟ ପରିବ୍ୟୟ (TC) ଟଙ୍କାରେ	ଲାଭ (TR-TC) ଟଙ୍କାରେ
1	2	3	4	5
1	50	50	40	10
2	45	90	70	20
3	40	120	90	30
4	35	140	120	20
5	30	150	160	-10

ଆସନ୍ତୁ ଜାଣିନେବା ଯେ ତାଲିକା 19.1ର ତଥ୍ୟକୁ କିପରି କରାଯାଇଛି । ପ୍ରଥମେ ଆୟର ତଥ୍ୟ ଉପରେ ଧ୍ୟାନ ଦେବା । ଅଧ୍ୟାୟ-୧୮ରେ କୁହାଯାଇଛି ଯେ ବଜାର ସ୍ଥିତି ଦୁଇ ପ୍ରକାର ହୋଇଥାଏ । ଗୋଟିକରେ ଉତ୍ପାଦକ ସ୍ଥିର କରିଥିବା ବଜାର ଦର ଉପରେ ମନଇଚ୍ଛା ଦ୍ରବ୍ୟ ବିକ୍ରି କରିପାରିଲା ବେଳେ ଅନ୍ୟ ଏକ ସ୍ଥିତିରେ ଅଧିକ ଦ୍ରବ୍ୟ ବିକ୍ରି କରିବା ପାଇଁ ତାଙ୍କୁ ଦର ହ୍ରାସ କରିବାକୁ ପଡିଥାଏ । ଆମର ଏହି ଉଦାହରଣ ଦ୍ୱିତୀୟ ସ୍ଥିତି ସହିତ ଜଡିତ ।

ଆମେ ଏହା ମଧ୍ୟ ସ୍ପଷ୍ଟ କରିଦେବାକୁ ଚାହିଁବା ଯେ ପ୍ରଥମସ୍ଥିତିର ବିଶ୍ଳେଷଣ ମଧ୍ୟ ଏହି ନିୟମ ଅନୁସାରେ ହୋଇପାରିବ । ଅଧିକତମ ଲାଭ ବିନ୍ଦୁର ନିର୍ଦ୍ଧାରଣ ନିୟମ ଏକାପରି ରହିଥାଏ । ଆମର ଏହି ଉଦାହରଣରେ ଉତ୍ପାଦନ ବୃଦ୍ଧି ସହିତ TRର ମଧ୍ୟ ବୃଦ୍ଧି ହୋଇଛି । କିନ୍ତୁ ଏହି ବୃଦ୍ଧି ପୂର୍ବ ସ୍ତରର ବୃଦ୍ଧି ଠାରୁ କମ୍ ରହିଯାଏ । ଏହାର କାରଣ ଦରରେ ହ୍ରାସ । ତାଲିକା 19.1ର ତୃତୀୟ ସ୍ତମ୍ଭରେ ଏହି ପ୍ରବୃତ୍ତି ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି ।

ମୋଟ ଆୟର ତଥ୍ୟାବଳୀ ମଧ୍ୟ ଆମର ପୂର୍ବ ପରିଚିତ ମାନ୍ୟତା ଅନୁସାରେ ତିଆରି ହୋଇଛି ଯେ ଉତ୍ପାଦନରେ ବୃଦ୍ଧି ଆରମ୍ଭ ହେବାରୁ ପ୍ରଥମେ ହାରାହାରି ଉତ୍ପାଦନ ପରିବ୍ୟୟ (TC/ ଉତ୍ପାଦନର ଏକକ)ରେ କିଛି ହ୍ରାସ ଆସେ, କିନ୍ତୁ ଗୋଟିଏ ଉତ୍ପାଦକ ସ୍ତର ପରେ ସେଥିରେ ବୃଦ୍ଧି ହେବାକୁ ଲାଗିଥାଏ । ମନେ ରଖିବେ ଯେ, ଯେତେବେଳେ ଉତ୍ପାଦନ ବୃଦ୍ଧି କରାଯାଏ ତେବେ ପ୍ରଥମେ ACରେ ହ୍ରାସ ଆସିଥାଏ । ମାତ୍ର ପୁଣି ଏହା ମଧ୍ୟ ଉପରକୁ ଉଠିବାକୁ ଲାଗିଥାଏ । ଉତ୍ପାଦନ ବୃଦ୍ଧି ଏବଂ ପରିବ୍ୟୟର ଏହି ସମ୍ବନ୍ଧ ବ୍ୟଷ୍ଟି ଅର୍ଥନୈତିକ ସିଦ୍ଧାନ୍ତର ଏକ ସାଧାରଣ ଢାଞ୍ଚା । ଏଥିରେ ଭିନ୍ନ ଢାଞ୍ଚା ମଧ୍ୟ ସମ୍ଭବ ।

ତାଲିକା 19.1 ସ୍ତମ୍ଭ-୫ରେ ଆୟର ପରିବ୍ୟୟ ଉପରେ ଆଧିକ୍ୟତା ଦେଖାଯାଏ ।ଏହାକୁ ହିଁ ଲାଭ କୁହାଯାଏ । ଉତ୍ପାଦକ ଏହି ଆଧିକ୍ୟତାକୁ ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ନେଇଯିବାକୁ ଚାହେଁ । ତେଣୁ ସେ ସେହି ସ୍ତର ପର୍ଯ୍ୟନ୍ତ ଉତ୍ପାଦନ କରିବାକୁ ଚାହିଁଥାଏ ଯେଉଁଥିରେ ତାଙ୍କୁ ଅଧିକତମ



ଚିତ୍ର 19.1 ମୋଟ ଆୟ ଓ ମୋଟ ପରିବ୍ୟୟ

ଲାଭପ୍ରାପ୍ତି ହୋଇଥାଏ। ତେଣୁ ଉତ୍ପାଦକଙ୍କୁ ୩ ଏକକ ଉତ୍ପାଦନ କଲାପରେ ଅଧିକତମ ଲାଭ ହୋଇଥାଏ ୩୦ଟଙ୍କା । କୌଣସି ଅନ୍ୟ ଉତ୍ପାଦନ ସ୍ତରରେ ଏତେ ଲାଭ ହୋଇପାରେ ନାହିଁ। ଅତଏବ ଆମେ ପ୍ରତ୍ୟେକ ଉତ୍ପାଦନ ସ୍ତରରେ TRର TC ଠାରୁ ଅଧିକତାର ଆକଳନ କରନ୍ତି ଏବଂ ସେହି ଉତ୍ପାଦନ ସ୍ତରର ସ୍ଥିର କରିଥାନ୍ତି ଯେଉଁ ସ୍ତରରେ ଏହି ଲାଭ ଅଧିକତମ ହୋଇଥାଏ । ଆମେ ଦଣ୍ଡ ଚିତ୍ର ସାହାଯ୍ୟରେ ଅଧିକତମ ଲାଭ ଦେଉଥିବା ଉତ୍ପାଦନ ସ୍ତରର ନିର୍ଦ୍ଧାରଣ ଅଧିକ ସହଜରେ କରିପାରିବା ।

ଉପରୋକ୍ତ ଚିତ୍ରରେ ଖାଲି ଦଣ୍ଡ ବିଭିନ୍ନ ଉତ୍ପାଦକ ସ୍ତର ଉପରେ TR ତଥା ଆଚ୍ଛାଦିତ ଦଣ୍ଡ TC ଦର୍ଶାଉଅଛି। ଆମେ ଦେଖୁଛନ୍ତି ଯେ ଚାରି ଏକକ ଉତ୍ପାଦନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଖାଲି ଦଣ୍ଡର କ୍ଷେତ୍ରଫଳ ଆଚ୍ଛାଦିତ ଦଣ୍ଡର କ୍ଷେତ୍ରଫଳ ଠାରୁ ଅଧିକ। ପଞ୍ଚମ ଏକକରେ ଆଚ୍ଛାଦିତ କ୍ଷେତ୍ରଫଳ (TC) ଖାଲି ଦଣ୍ଡ (TR) ଠାରୁ ଅଧିକ ହୋଇଛି। TC ଠାରୁ TRର ଅଧିକତାକୁ ଚିତ୍ର 19.2ରେ ପୃଥକ ଭାବେ ଦେଖାଯାଇଛି । ଏହି ଉତ୍ପାଦନର ପ୍ରତ୍ୟେକ ସ୍ତର ଉପରେ ଅଣ ଆଚ୍ଛାଦିତ ଓ ଆଚ୍ଛାଦିତ ଦଣ୍ଡଗୁଡିକର କ୍ଷେତ୍ରଫଳର ଅନ୍ତର ।



ଚିତ୍ର ୧୯.୨ ମୋଟ ଆୟ ଓ ମୋଟ ପରିବ୍ୟୟ

ଉପରୋକ୍ତ ଆୟତାକାର ଚିତ୍ରଗୁଡିକ ଅସାଧାରଣ ଲାଭ ଦର୍ଶାଉଛନ୍ତି । ୫ମ ଆୟତ X ଅକ୍ଷର ନିମ୍ନରେ ଅଛି । ଏଠାରେ କ୍ଷତି ହେଉଛି । ଉତ୍ପାଦକ ଅଧିକତମ ଲାଭ ଚାହାନ୍ତି। ଅତଏବ ସେ X ଅକ୍ଷ ଉପରେ ଥିବା ଅଧିକତମ କ୍ଷେତ୍ରଫଳ ବିଶିଷ୍ଟ ଆୟତକୁ ହିଁ ବାଛିବେ । ଏହି ଆୟତ କ୍ଷେତ୍ରକୁ ଚିତ୍ରରେ ଆଚ୍ଛାଦିତ କରାଯାଇଛି। ଏଥିରୁ ଏହା ସ୍ପଷ୍ଟ ଯେ ଯଦି ଉତ୍ପାଦକ ୩ ଏକକ ଉତ୍ପାଦନ କରନ୍ତି ତେବେ ତାଙ୍କୁ ଏଥିରୁ ଅଧିକତମ ଲାଭ ପ୍ରାପ୍ତି ହୁଏ (୩୦ ଟଙ୍କା)। ଯଦି ସେ ୩ରୁ କମ୍ ବା ଅଧିକ ଏକକ ଉତ୍ପାଦନ କରନ୍ତି ତେବେ ତାଙ୍କର ଲାଭ ୩୦ ଟଙ୍କାରୁ କମ୍ ରହିବ।

ସଂକ୍ଷେପରେ ଆମେ କହିପାରିବା ଯେ ଉତ୍ପାଦକ ଉତ୍ପାଦନର ପ୍ରତ୍ୟେକ ସ୍ତର ଉପରେ ମୋଟ ଆୟ ତଥା ମୋଟ ପରିବ୍ୟୟର ତୁଳନା କରିବେ ଏବଂ ସେହି ସ୍ତରରେ ଉତ୍ପାଦନ କରିବେ ଯେଉଁଠାରେ TR, TC ଠାରୁ ଅଧିକତା ଅଧିକତମ ହେଉଥିବ। ଏଠାରେ ତାଙ୍କୁ ଅଧିକତମ ଲାଭ

ପ୍ରାପ୍ତି ହେବ । ଲାଭ ସେହିଠାରେ ହିଁ ଅଧିକତମ ହେବ ଯେଉଁଠାରେ ମୋଟ ପରିବ୍ୟୟ ଠାରୁ ମୋଟ ଆୟର ଅଧିକତା ଅଧିକତମ ହୋଇଥାଏ ।

ପାଠ୍ୟଗତ ପ୍ରଶ୍ନ 19.2

1) ନିମ୍ନ ଉକ୍ତିଗୁଡ଼ିକୁ ଠିକ୍/ଭୁଲ ବାଛ

(i) TR>TC ଅସାଧାରଣ ଲାଭର ସ୍ଥିତି ।

(ii) TR=TC ସାଧାରଣ ଲାଭର ସ୍ଥିତି ।

(iii) TR<TC ଏଠାରେ ଲାଭର ସ୍ଥିତି ।

(iv) ଯେତେବେଳେ TRର TC ଉପରେ ଅଧିକତା ଅଧିକତମହେବ ତେବେ ଉତ୍ପାଦକଙ୍କୁ ଅଧିକତମ ଲାଭ ମିଳିଥାଏ ।

2. ପ୍ରତ୍ୟେକ ଉତ୍ପାଦନ ସ୍ତର ଉପରେ ଲାଭର ଗଣନା କର ।

ଉତ୍ପାଦନ (ଏକକ)	TR (ଟଙ୍କାରେ)	TC (ଟଙ୍କାରେ)	ଲାଭ (ଟଙ୍କାରେ)
1	75	60	-
2	147	117	-
3	216	180	-
4	282	258	-
5	345	345	-

19.3 ସୀମାନ୍ତ ଆୟ ଓ ସୀମାନ୍ତ ପରିବ୍ୟୟର ତଥ୍ୟର ଅଧିକତମ ଲାଭ ଥିବା ଉତ୍ପାଦନ ସ୍ତରର ନିର୍ଦ୍ଧାରଣ

ସୀମାନ୍ତ ଆୟ ଓ ସୀମାନ୍ତ ପରିବ୍ୟୟ ଦ୍ୱାରା ମଧ୍ୟ ଅଧିକତମ ଲାଭ ଥିବା ଉତ୍ପାଦନ ସ୍ତରର ନିର୍ଦ୍ଧାରଣ କରିପାରିବା । ଆପଣ ଜାଣନ୍ତି ଯେ ସୀମାନ୍ତ ଆୟ ଏକ ଅତିରିକ୍ତ ଏକକର ବିକ୍ରିରୁ ଆୟର ବୃଦ୍ଧି ଏବଂ ସୀମାନ୍ତ ପରିବ୍ୟୟ ଏହିଭଳି ଅତିରିକ୍ତ ଏକକର ଉତ୍ପାଦନ ଫଳରେ ମୋଟ ପରିବ୍ୟୟରେ ବୃଦ୍ଧିକୁ ଦର୍ଶାଇଥାଏ ।

(କ) ଏକ ଅତିରିକ୍ତ ଏକକର ଉତ୍ପାଦନ କରିବା କି ନାହିଁ ।

ଏକ ଅତିରିକ୍ତ ଏକକ ଉତ୍ପାଦନ କରିବା ଓ ବିକ୍ରି କରିବା ନିଷ୍ପତ୍ତି ପୂର୍ବରୁ ଫାର୍ମ ଏହା

ଜାଣିବାକୁ ଚାହିଁବ ଯେ କଣ ଏହାଦ୍ୱାରା ତାଙ୍କ ଲାଭରେ ବୃଦ୍ଧି ହେବ ? ଅତଏବ ସେ ଅତିରିକ୍ତ ଏକକର ସୀମାନ୍ତ ଆୟର ସୀମାନ୍ତ ପରିବ୍ୟୟ ସହିତ ତୁଳନା କରିବ । ତାହା ସମ୍ମୁଖରେ ତିନୋଟି ସ୍ଥିତି ହୋଇପାରେ ।

(i) ଯେତେବେଳେ MR>MC ହୁଏ ।

ଯଦି MR>MC ହୁଏ ତେବେ, ଫାର୍ମକୁ ଲାଭ ହେବ । ସେ ସେତେବେଳ ପର୍ଯ୍ୟନ୍ତ ଉତ୍ପାଦନ ବୃଦ୍ଧି କରି ଅଧିକ ଲାଭ ପ୍ରାପ୍ତି ହୋଇପାରିବ ଯେତେବେଳଯାଏ MRର MC ଠାରୁ ଅଧିକତା ହୋଇଥାଏ । କିନ୍ତୁ ଉତ୍ପାଦନ ବୃଦ୍ଧି କଲେ MRରେ ହ୍ରାସ ହୁଏ । ସେ ଅଧିକ ଉତ୍ପାଦନକୁ କମ୍ ଦରରେ ବିକ୍ରି କରୁଛି । ଏହା ସେହି ବଜାରର ସ୍ଥିତି ଯାହା ଉପରେ ଅଧିକ ବିକ୍ରୟ କମ୍ ଦରରେ ହିଁ ସମ୍ଭବ । ଅତଏବ ପ୍ରତ୍ୟେକ ଏକକରୁ ମୋଟ ଆୟରେ ହେଉଥିବା ବୃଦ୍ଧି କ୍ରମାଗତ ହ୍ରାସ ହେଉଥାଏ । ଅନ୍ୟ ଭାଷାରେ ମୋଟ ଆୟ ହ୍ରାସ ମାନ ଦରରେ ବର୍ଦ୍ଧିତ ହୁଏ । ହ୍ରାସ ମାନବର ଅର୍ଥ TRରେ ହେଉଥିବା ପ୍ରତ୍ୟେକ ବୃଦ୍ଧି ତାର ପୂର୍ବବର୍ତ୍ତୀ ବୃଦ୍ଧି ଠାରୁ କମ୍ ହୋଇଥାଏ । ଅନ୍ୟପକ୍ଷରେ ଉତ୍ପାଦନ ସହିତ ଏକ ସ୍ତର ପରେ ସୀମାନ୍ତ ପରିବ୍ୟୟରେ ନିରନ୍ତର ବୃଦ୍ଧି ହୋଇଥାଏ ।

(ii) ଯେତେବେଳେ MR=MC

ଏହିଭଳି ଭାବେ ଆମକୁ ଜଣାପଡେ ଯେ MR>MC ପରିସ୍ଥିତିରେ ଉତ୍ପାଦକଙ୍କୁ ଉତ୍ପାଦନ ବୃଦ୍ଧି କରିବାକୁ ପ୍ରେରଣା ମିଳିଥାଏ କାରଣ ଅତିରିକ୍ତ ଉତ୍ପାଦନରୁ ତାଙ୍କୁ ଅସାଧାରଣ ଲାଭ ପ୍ରାପ୍ତ ହେଉଅଛି । କିନ୍ତୁ ଏହି କ୍ରମରେ MRରେ ହ୍ରାସ ଓ MCରେ ବୃଦ୍ଧି ହୋଇଥାଏ । ଅତଏବ ଶୀଘ୍ର ହିଁ ଉତ୍ପାଦନର କୌଣସି ସ୍ତରରେ MR ଓ MCର ଅନ୍ତର ସମାପ୍ତ ହୋଇଯିବ । ତେଣୁ MRର ହ୍ରାସମାନ ଓ MCର ବର୍ଦ୍ଧିତ ପ୍ରବୃତି ସେମାନଙ୍କୁ ସମାନ କରିଦେବ । ଚିତ୍ର 19.3ରେ ଏହି ପରିବର୍ତ୍ତନ ଦର୍ଶାଯାଇଅଛି ।



ଚିତ୍ର 19.3



ଚିତ୍ର 19.4

ପୂର୍ଣ୍ଣରେଖା CD ଦ୍ୱାରା MR ତଥା ବିନ୍ଦୁରେଖା AB ଦ୍ୱାରା MCକୁ ଦର୍ଶାଯାଇଅଛି । CDର ଉଚ୍ଚତା AB ଠାରୁ ଅଧିକ । ତେଣୁ MR>MC, ଏଥିରେ ଉତ୍ପାଦିତ ହୋଇ ଫାର୍ମ ଅଧିକ ଉତ୍ପାଦନ କରିଥାଏ । ଏହି ଅବସ୍ଥାରେ MRରେ ହ୍ରାସ ଏବଂ MCରେ ବୃଦ୍ଧିର କ୍ରମ ଆରମ୍ଭ ହୋଇଯାଏ । ଚିତ୍ର 19.4 ଦେଖନ୍ତୁ ।

ଯେତେବେଳେ MR ହ୍ରାସ ପାଏ ତଥା MC ବୃଦ୍ଧି ହେବାକୁ ଲାଗେ ତେବେ MR ଦର୍ଶାଉଥିବା ରେଖା CDର ଉଚ୍ଚତା ହ୍ରାସ ପାଇ MCକୁ ଦର୍ଶାଉଥିବା ରେଖା ABର ଉଚ୍ଚତା ବୃଦ୍ଧି ହୋଇଥାଏ । ସେହିପରି ଯେତେବେଳେ MR ହ୍ରାସପାଇ RD ରହିଯାଏ ଏବଂ MC ବୃଦ୍ଧି ହୋଇ BK ଉପରେ ପହଞ୍ଚିଥାଏ ଫଳରେ ଉଭୟ (MR ଏବଂ MC) ସମାନ ହୋଇଯାଏ ।

(iii) ଯେତେବେଳେ MR<MC :

ଯଦି ଫାର୍ମ MR=MC ବିନ୍ଦୁଠାରୁ ଆଗକୁ ମଧ୍ୟ ଅଧିକ ଉତ୍ପାଦନ କରିବ ତେବେ ତାଙ୍କୁ MCକୁ MR ଠାରୁ ଅଧିକତାର ସମ୍ମୁଖୀନ ହେବାକୁ ପଡିବ । ପ୍ରତ୍ୟେକ ଅତିରିକ୍ତ ଏକକ ଉତ୍ପାଦନରୁ କ୍ଷତିରେ ବୃଦ୍ଧି ଘଟିବ- କାରଣ ପରିବ୍ୟୟର ବୃଦ୍ଧି ଆୟର ବୃଦ୍ଧି ଠାରୁ ଅଧିକ ହେଉଅଛି । ଫାର୍ମକୁ କ୍ଷତି ପସନ୍ଦ ହେବ ନାହିଁ । ଅତଏବ ସେ MR=MC ବିନ୍ଦୁରୁ ଆଗକୁ ଉତ୍ପାଦନ ବୃଦ୍ଧି କରିବେ ନାହିଁ ।

(ଖ) ଅଧିକତମ ଲାଭ ବିନ୍ଦୁର ନିର୍ଦ୍ଧାରଣ :

ବର୍ତ୍ତମାନ ଏକ ସଂଖ୍ୟାତ୍ମକ ଉଦାହରଣ ଦ୍ୱାରା ଅଧିକତମ ଲାଭ ବିନ୍ଦୁର ନିର୍ଦ୍ଧାରଣ ବୁଝାଇ ଦିଆଯାଉଛି ।

ତାଲିକା 19.2

ଉତ୍ପାଦନ ସ୍ତର ଏକକ	ସୀମାନ୍ତ ଆୟ (ଟଙ୍କାରେ)	ସୀମାନ୍ତ ପରିବ୍ୟୟ (ଟଙ୍କାରେ)	ଅସାଧାରଣ ଲାଭ (ଟଙ୍କାରେ)	MR ଓ MC ମଧ୍ୟରେ ତୁଳନା	ଉତ୍ପାଦକଙ୍କ ପ୍ରତିକ୍ରିୟା
1	50	45	5	MR>MC	ଉତ୍ପାଦନର ବୃଦ୍ଧିରେ ପ୍ରେରଣା
2	49	40	9	MR>MC	
3	47	42	5	MR>MC	
4	45	45	0	MR=MC	ଏଠାରେ ବନ୍ଦ ହୋଇଯିବ
5	40	50	-10	MR<MC	ଉତ୍ପାଦନ ହ୍ରାସ ହେବ

(i) MC=MR : ଏକ ଆବଶ୍ୟକ ସର୍ତ୍ତ ।

ପ୍ରତ୍ୟେକ ଅତିରିକ୍ତ ଉତ୍ପାଦିତ ଏକକ ମୋଟ ଆୟରେ ପ୍ରଥମରୁ କମ୍ ବୃଦ୍ଧି କରିଥାଏ। ଏହି କଥା MR ସ୍ତମ୍ଭରୁ ସ୍ପଷ୍ଟ ହେଉଅଛି । ୨ ଏକକ ଉତ୍ପାଦନ ଉପରେ ମୋଟ ଆୟରେ ବୃଦ୍ଧି ୫୦ରୁ ହ୍ରାସ ହୋଇ ୪୯ ରହୁଛି। ତୃତୀୟ ଏକକର ଉତ୍ପାଦନ ଫଳରେ ଏହା ୪୭ ରହୁଛି। ଏହି କ୍ରମ ଏହିପରି ଚାଲିଥାଏ। ଅନ୍ୟପକ୍ଷରେ ଉତ୍ପାଦନ ବୃଦ୍ଧିର ଆରମ୍ଭରୁ MC କମ୍ ହୋଇଥାଏ । ମାତ୍ର ପରେ ଏହା ବୃଦ୍ଧି ପାଏ ।

ଯଦି ଫାର୍ମ ଗୋଟିଏ ଏକକ ଉତ୍ପାଦନ କରେ ତେବେ ତାକୁ ୫୦ଟଙ୍କା MR ମିଳେ ଓ ତାଙ୍କର MC 45 ଟଙ୍କା ଫଳରେ MR>MC ଏବଂ ତାଙ୍କୁ ୫ ଟଙ୍କା ଲାଭ ମିଳୁଛି। ତେଣୁ ସେ ଅଧିକ ଉତ୍ପାଦନ କରିବାକୁ ଉତ୍ସାହିତ ଅଛନ୍ତି । ଦ୍ୱିତୀୟ ଏକକର ଉତ୍ପାଦନ କରିବାରୁ ମଧ୍ୟ MR>MC ଏବଂ ଏଠାରେ ତାଙ୍କୁ ୯ ଟଙ୍କାର ଅସାଧାରଣ ଲାଭ ଦେଉଛି। ଉତ୍ପାଦନ ଅଧିକ ବୃଦ୍ଧି କରାଯାଏ। ତୃତୀୟ ଏକକ ଉତ୍ପାଦନରୁ ମଧ୍ୟ MR>MC ହିଁ ରହେ। ତେଣୁ ସେ ଆଉ ଅଧିକ ଉତ୍ପାଦନ କରିବାକୁ ଚାହାନ୍ତି। ୪ର୍ଥ ଏକକ ଉତ୍ପାଦନରେ ପହଞ୍ଚିଫାର୍ମ ପାଏ ଯେ ବର୍ତ୍ତମାନ MR=MC ହେଲା। ତେଣୁ ଏହାଠାରୁ କମ୍ ଉତ୍ପାଦନରେ MR>MC ଥିଲା । ଅତଏବ ସେ ୪ର୍ଥ ଏକକ ଉତ୍ପାଦନରେ ହିଁ ରହିଯିବ । ଯଦି ସେ ୪ର୍ଥ ଏକକରୁ ଆଗକୁ ଯାଏ ତେବେ MC>MR ସ୍ଥିତି ଆସିଯିବ ଫଳରେ ଏହା କ୍ଷତିର କାମ ହେବ । ଅତଏବ ଫାର୍ମ ୪ର୍ଥ ଏକକରୁ ଅଧିକ ଉତ୍ପାଦନ କରିବ ନାହିଁ । ଏହାଠାରୁ କମ୍ ଉତ୍ପାଦନ ଉପରେ ଲାଭ ବୃଦ୍ଧିର ସମ୍ଭାବନା ରହୁଛି ଏବଂ ଏହାଠାରୁ ଅଧିକରେ ଲାଭରେ ହ୍ରାସ ଆସିବ। ଅତଏବ ଉତ୍ପାଦକ ୪ର୍ଥ ଏକକ (ଉତ୍ପାଦନରୁ କମ୍ ନୁହେଁ କି ବେଶୀ ନୁହେଁ) ଉତ୍ପାଦନରୁ ଅଧିକତମ ଲାଭ ପ୍ରାପ୍ତି କରିଥାନ୍ତି । ସେ କେବଳ ୪ର୍ଥ ଏକକ ଉତ୍ପାଦନ କରି ନିଜର ଲାଭ ଅଧିକତମ କରିପାରନ୍ତି । ଅତଏବ ଉତ୍ପାଦକଙ୍କ ଲାଭ ସେହିଠାରେ ଅଧିକତମ ହେବ ଯେଉଁଠାରେ MR=MC

(II) MC=MR ସ୍ଥିତି ଆଗକୁ MC>MR : ଏକ ଅତିରିକ୍ତ ସର୍ତ୍ତ ।

ଯଦିଓ କେବଳ MC ଏବଂ MRର ସମାନତା ଉତ୍ପାଦକଙ୍କ ପାଇଁ ଅଧିକତମ ଲାଭ ସୁନିଶ୍ଚିତ କରିପାରେ ନାହିଁ । ଏହି ସମତା ସେହି ଉତ୍ପାଦନ ବିନ୍ଦୁ ଉପରେ ହେବା ଦରକାର ଯେଉଁଠାରୁ କୌଣସି ଅଧିକ ଲାଭପ୍ରଦ ବିନ୍ଦୁକୁ ଯାଇ ପହଞ୍ଚିବା ସମ୍ଭବ ହିଁ ନୁହେଁ । ସମ୍ଭବ ହେବ ଯେ ଦୁଇଟି ବିନ୍ଦୁ ଉପରେ MR=MCର ସର୍ତ୍ତ ପୂରଣ ହେଉଅଛି, ପୁଣି ତେବେ ଆମକୁ ସେହି ବିନ୍ଦୁ ବାଛିବାକୁ ହେବ, ଯାହାଠାରୁ ଦୂରକୁ ଗଲେ ମୋଟ ଲାଭରେ ହ୍ରାସ ହେବ। ତେଣୁ ଆମକୁ MR=MCର ସେହି ବିନ୍ଦୁକୁ ଖୋଜିବାକୁ ହେବ ଯାହା ଆଗକୁ MC>MR ଏବଂ ଯାହା ପୂର୍ବରୁ MR>MC.

ଆସନ୍ତୁ, ସେହି ବିନ୍ଦୁକୁ ଅଧିକ ସ୍ପଷ୍ଟ କରିବା ପାଇଁ ଏକ ଉଦାହରଣ ନେବା ।

ତାଲିକା 19.3

ଉତ୍ପାଦନ ସ୍ତର ଏକକରେ	MR (ଟଙ୍କାରେ)	MC (ଟଙ୍କାରେ)	MC ଏବଂ MR ମଧ୍ୟରେ ତୁଳନା	ଉତ୍ପାଦକଙ୍କ ପ୍ରତିକ୍ରିୟା
1	35	35	MR=MC	ଉତ୍ପାଦନର ବୃଦ୍ଧି କରିବାକୁ ପ୍ରେରଣା
2	34	28	MR>MC ବୃଦ୍ଧି ଠାରୁ	ଅଧିକ ଉତ୍ପାଦନରୁ ଆୟରେ ବୃଦ୍ଧି ପରିବ୍ୟୟ
3	33	29	MR>MC	ଅଧିକ ହେଉଛି ।
4	31	31	MR=MC	ବର୍ତ୍ତମାନ ଉତ୍ପାଦନ ବୃଦ୍ଧି ବନ୍ଦ ହେବ
5	29	34	MR<MC	ବର୍ତ୍ତମାନ ଉତ୍ପାଦନ ହ୍ରାସ କରିବା ଲାଭପ୍ରଦ ହେବ । କାରଣ ଏହି ଏକକର ଉତ୍ପାଦନରେ ଲାଭରେ ହ୍ରାସ ହେବ ।

ଏହି ଉଦାହରଣରେ ଉତ୍ପାଦନର ଦୁଇଟି ସ୍ତରରେ MR ଓ MC ସମାନ । ଏହା ପ୍ରଥମ ତଥା ଚତୁର୍ଥ ଏକକ ଉତ୍ପାଦନରେ ସମାନ ରହିଛି । ପ୍ରଶ୍ନ ହେଉଛି ଯେ ଉତ୍ପାଦକଙ୍କୁ କେଉଁଠାରେ ଉତ୍ପାଦନ କରିବା ଉଚିତ । କେବଳ ପ୍ରଥମ ଏକକର ଉତ୍ପାଦନରେ ଫାର୍ମ ୨ ଓ ୩ ଏକକ ଉତ୍ପାଦନରୁ ସମ୍ଭବ ଲାଭରୁ ବଞ୍ଚିତ ରହିଯିବ । (ଏଠାରେ MR>MC) ସୁତରାଂ ଏକ ଏକକର ଉତ୍ପାଦନ ଉପରେ ଏହାର ଲାଭ ଅଧିକତମ ହୋଇପାରେ ନାହିଁ ଯଦ୍ୟପି ଉତ୍ପାଦନର ଏହି ସ୍ତରରେ MR=MC ହୁଏ । ସେ ଦ୍ୱିତୀୟ ଓ ତୃତୀୟ ଏକକର ଉତ୍ପାଦନ କରି କରି ଚତୁର୍ଥରେ ପହଞ୍ଚିବେ । ଏଠାରେ ମଧ୍ୟ ପୁଣି MR=MCର ସମ୍ମୁଖୀନ ହେବେ । କିନ୍ତୁ ଏହି ଠାରୁ ଆଗକୁ ଗଲେ MR<MC ସ୍ପଷ୍ଟ ଭାବରେ କହୁଅଛିଯେ ପଞ୍ଚମ ଏକକର ଉତ୍ପାଦନରେ ଲାଭର ହ୍ରାସ ଆସିବ । ୪ର୍ଥରୁ କମ୍ ଉତ୍ପାଦନରେ ମଧ୍ୟ ସମ୍ଭାବିତ ଲାଭକୁ ତ୍ୟାଗ କରିବାକୁ ପଡିବ । କାରଣ ସେଠାରେ ମଧ୍ୟ MR>MC । ଅତଏବ ୪ର୍ଥ ଏକକ ବ୍ୟତୀତ ଅନ୍ୟ ଏକକ ଉତ୍ପାଦନ ସ୍ତରରେ ଲାଭରେ ହ୍ରାସ ହୁଏ । ଏଥିପାଇଁ କେବଳ ୪ର୍ଥ ଏକକ ଉତ୍ପାଦନରେ ହିଁ ଲାଭର ସ୍ତର ଅଧିକତମ ରହିବ ।

ସଂକ୍ଷେପରେ କୁହାଯାଇପାରେ ଯେ ସେହି ସ୍ତରରେ ଉତ୍ପାଦନ କଲେ ହିଁ ଫାର୍ମକୁ ଅଧିକତମ ଲାଭ ହେବ ଯେଉଁଠାରେ ଏହି ଦୁଇ ସର୍ତ୍ତ ପୂରଣ ହେଉଥାଏ ।

(I) MR ତଥା MC ସମାନ ଥିବ, ଅଥବା

(II) MR=MC ଠାରୁ ଭିନ୍ନ କୌଣସି ଅନ୍ୟ ଉତ୍ପାଦନ ସ୍ତରରେ ଲାଭ ଏହି ସ୍ତରର

ଲାଭ ଠାରୁ କମ୍ ହୋଇଥିବ । ଏତିକି ନୁହେଁ MR=MCର ପୂର୍ବ MR>MC ତଥା ଏହାପରେ MR<MC ହେବା ଆବଶ୍ୟକ ।

(ଗ) ଅସାଧାରଣ ଲାଭ ବଳବତ୍ତର ରହିପାରେ କି ?

ବର୍ତ୍ତମାନ ଆମେ ଏହା ଜାଣିଗଲେ ଯେ ଉତ୍ପାଦକ ଅଧିକତମ ଲାଭ ହେଉଥିବା ଉତ୍ପାଦନ ସ୍ତରର ନିର୍ଦ୍ଧାରଣ କିପରି କରନ୍ତି । ଉତ୍ପାଦକ ଅଧିକତମ ସମ୍ଭବ ଲାଭ ପାଇବାକୁ ଇଚ୍ଛୁକ ହୁଅନ୍ତି । କିନ୍ତୁ ତାଙ୍କୁ ଅସାଧାରଣ ଲାଭ ପାଉଥିବାର ଦେଖି ଅନ୍ୟ ଫାର୍ମଗୁଡିକ ଯିଏ ପ୍ରଥମେ କିଛି ଅନ୍ୟ କାର୍ଯ୍ୟ କରୁଥିଲେ ବର୍ତ୍ତମାନ ଏହି ଉଦ୍ୟୋଗରେ ପ୍ରବେଶ କରିବାକୁ ଚେଷ୍ଟା କରିବେ । ଏଗୁଡିକର ଯୋଗଦାନ ଫଳରେ ବଜାରରେ ଉପଲବ୍ଧ ଯୋଗାଣରେ ବୃଦ୍ଧି ହୁଏ । ଫଳରେ ଦର ହ୍ରାସ ପାଇବ । ଦର ହ୍ରାସ ପାଇବା ଫଳରେ ଅସାଧାରଣ ଲାଭ କମ୍ ହୋଇଯିବ । ଏହି ପ୍ରକ୍ରିୟା ସେ ପର୍ଯ୍ୟନ୍ତ ଚାଲିବ,ଯେ ପର୍ଯ୍ୟନ୍ତ ବ୍ୟବସାୟରେ ବର୍ତ୍ତମାନର ଫାର୍ମଗୁଡିକ ଅସାଧାରଣ ଲାଭ ପାଇବାକୁ ସଫଳ ହୁଅନ୍ତି । ଅନ୍ତତଃ ଏପରି ଏକ ସ୍ଥିତି ଆସିଥାଏ ଯେତେବେଳେ କୌଣସି ଫାର୍ମ ମଧ୍ୟ ଅସାଧାରଣ ଲାଭ ପାଇପାରନ୍ତି ନାହିଁ । ସମସ୍ତଙ୍କୁ କେବଳ ସାଧାରଣ ଲାଭ ଉପରେ ସନ୍ତୁଷ୍ଟ ହେବାକୁ ପଡୁଛି । ଏଠାରେ MC=MR ତଥା TC=TR । ଏଥିପାଇଁ AC ମଧ୍ୟ AR ସହିତ ସମାନ ହୋଇଯିବ ।

ଯଦି କେତେକ ଫାର୍ମକୁ ଏହି ବସ୍ତୁର ଉତ୍ପାଦନ କରିବାକୁ ବନ୍ଦ କରାଯାଏ ତେବେ ଯେକୌଣସି ଫାର୍ମକୁ ଅସାଧାରଣ ଲାଭ ପାଇବାର ସୁଯୋଗ ମିଳିପାରେ । ଆପଣଙ୍କୁ ଧ୍ୟାନ ରଖିବା ଦରକାର ଯେ ଅଧିକତମ ଲାଭ ପାଇବା ସ୍ଥିତିକୁ ଦୁଇଟି ବୈକଳ୍ପିକ ନିୟମ, ଗୋଟିଏ TR ଓ TC ସହାୟତାରେ ଏବଂ ଅନ୍ୟଟି MR ଏବଂ MCର ସହାୟତାରେ ସମାନ ପରିଣାମ ପାଇପାରିବେ । ଅନ୍ୟ ଅର୍ଥରେ TR ତଥା TCର ସହାୟତାରେ ପ୍ରାପ୍ତ ଅଧିକତମ ଲାଭ ହେଉଥିବା ଉତ୍ପାଦନର ସ୍ତର MR ତଥା MCର ସହାୟତାରେ ନିର୍ଦ୍ଧାରିତ ଉତ୍ପାଦନ ସ୍ତରର ହିଁ ସମାନ ହେବ । ଅତଏବ ଆମେ କହିପାରନ୍ତିଯେ ଯେତେବେଳେ MR=MC ତେବେ TR ତଥା TC ମଧ୍ୟରେ ଅନ୍ତର ମଧ୍ୟ ଅଧିକତମ ହେବ । ଏହି ଉଭୟ ସ୍ଥିତି ଅଧିକତମ ଲାଭର ସ୍ଥିତିକୁ ଦର୍ଶାଇଥାନ୍ତି ।

ମନେରଖ :

- ଲାଭ ସେଇ ସମୟରେ ମଧ୍ୟ ଅଧିକତମ ହେଉଥାଏ ଯେଉଁଠାରେ ସୀମାନ୍ତ ପରିବ୍ୟୟ ସୀମାନ୍ତ ଆୟ ସହିତ ସମାନ ହୁଏ ଏବଂ ତାହା ଆଗକୁ ଉତ୍ପାଦକଙ୍କୁ ଅଧିକ ଲାଭଦାୟକ ସ୍ତର ସମ୍ଭବ ହେବ ନାହିଁ ।
- ଯଦି ନୂତନ ଫାର୍ମଗୁଡିକର ଉତ୍ପାଦନକୁ ବଜାର ପ୍ରବେଶ ଉପରେ କଟକଣା ଲଗାଯାଏ ତେବେ ଏହି ଅସାମାନ୍ୟ ଲାଭ ବଳବତ୍ତର ରହିପାରେ ।

ପାଠ୍ୟଗତ ପ୍ରଶ୍ନ 19.3

ନିମ୍ନ ଉକ୍ତିଗୁଡିକୁ ଠିକ୍/ଭୁଲ କୁହ ।

(I) ଫାର୍ମ ଅଧିକତମ ଲାଭ ପାଇବାକୁ ଉଦ୍ଦେଶ୍ୟରେ ସେ ପର୍ଯ୍ୟନ୍ତ ଉତ୍ପାଦନ ବୃଦ୍ଧି କରିଥାନ୍ତି, ଯେତେବେଳେ MR>MC ।

(II) ଯେତେବେଳେ MC=MR ହୁଏ, ସେତେବେଳେ ଉତ୍ପାଦକଙ୍କୁ ଅଧିକତମ ଲାଭ ମିଳେ ।

(III) MC=MR ଯଦି ସେହି ଉତ୍ପାଦନ ସ୍ତରରେ ହେଉଥାଏ ଯେଉଁଠାରେ ଅଧିକ ଲାଭଦାୟକ ଉତ୍ପାଦନ ଦିଗକୁ ଗତି କରିବା ସମ୍ଭବ ନୁହେଁ ତେବେ ଅଧିକତମ ଲାଭ ଦାୟକ ଏହି ଉତ୍ପାଦନ ହିଁ ହୁଏ ।

(IV) ଯଦି TC=TR ହୁଏ ତେବେ ଉତ୍ପାଦକଙ୍କୁ ସାଧାରଣରୁ ଅଧିକ ଲାଭ ହୋଇଥାଏ ।

ପରିଭାଷା ଶବ୍ଦାବଳୀ :

ବ୍ୟବସାୟିକ ଦୃଷ୍ଟିରୁ ଲାଭ : ମୋଟ ଆୟର ପ୍ରତ୍ୟକ୍ଷ ପରିବ୍ୟୟ ଠାରୁ ଅଧିକତା ।

ସାଧାରଣ ଲାଭ : କୌଣସି ଉଦ୍ୟୋଗୀଙ୍କୁ ଦ୍ରବ୍ୟର ଉତ୍ପାଦନ ଚାଲୁ ରଖିବାକୁ ଆବଶ୍ୟକ ନ୍ୟୂନତମ ଲାଭ । ଏହା ଉଦ୍ୟମର ପାରିଶ୍ରମିକ । ଏଠାରେ TR=TC ସ୍ଥିତି ସୁଲଭ ହୁଏ ।

ଅସାଧାରଣ ଲାଭ : TRର TC ଠାରୁ ଆଧିକତା (TR>TC)

ଆପଣ କ'ଣ ଶିକ୍ଷା କଲେ

- ମୋଟ ଆୟରୁ ମୋଟ ପରିବ୍ୟୟର ଅନ୍ତର ହିଁ ଲାଭ ।
- ଯେଉଁ ସ୍ଥଳରେ ମୋଟ ଆୟ ଏବଂ ମୋଟ ପରିବ୍ୟୟର ଅନ୍ତର ଅଧିକତମ ହୋଇଥାଏ ତାହାକୁ ହିଁ ଅଧିକତମ ଲାଭ କୁହାଯାଏ ।
- ଯଦି TR=TC ହୁଏ ତେବେ ଲାଭ ଶୂନ୍ୟ ହୁଏ । ଏହାକୁ ସାଧାରଣ ଲାଭର ସ୍ଥିତି କୁହାଯାଏ କାରଣ ସାଧାରଣ ଲାଭକୁ ଆମେ ପରିବ୍ୟୟର ଏକ ଅଂଶ କହନ୍ତି ।
- ଯଦି TR>TC ତେବେ ଫାର୍ମକୁ ଅସାଧାରଣ ଲାଭ ହୋଇଥାଏ ।
- ଯଦି TR<TC ତେବେ ଫାର୍ମକୁ କ୍ଷତି ବା ସାଧାରଣରୁ କମ୍ ଲାଭ ହୋଇଥାଏ ।
- TR ଏବଂ TC ନିୟମ ଦ୍ୱାରା ଆମକୁ ସେହି ବିନ୍ଦୁ ଉପରେ ଲାଭ ଅଧିକତମ ହେବ

ଯେଉଁଠି TR ଏବଂ TC ବକ୍ର ମଧ୍ୟରେ ଭୂଲମ୍ବ ଅନ୍ତର ଅଧିକତମ ହୋଇଥାଏ ।

- MR ଓ MC ନିୟମ ଦ୍ୱାରା ଲାଭ ସେଠାରେ ଅଧିକତମ ହୁଏ, ଯେଉଁଠାରେ

  (I) MR=MC ଆବଶ୍ୟକ ସର୍ତ୍ତ (II) MC=MR ଠାରୁ ଆଗକୁ MC>MR

ପାଠ୍ୟାନ୍ତ ପ୍ରଶ୍ନ :

1) ଲାଭ ଶବ୍ଦର ଅଭିପ୍ରାୟ କ'ଣ ? ଅସାଧାରଣ ଓ ସାଧାରଣ ଲାଭ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

2) ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ପ୍ରୟୋଗ ଅଧିକତମ ଲାଭ ବାକ୍ୟାଂଶର ବ୍ୟାଖ୍ୟା କର ।

3) ମୋଟ ଆୟ ଏବଂ ମୋଟ ପରିବ୍ୟୟର ତଥ୍ୟାବଳୀ ସହାୟତାରେ ଉତ୍ପାଦକଙ୍କ ଅଧିକତମ ଲାଭ ସ୍ଥିତିର ଚୟନକୁ ବୁଝାଅ ।

4) ସୀମାନ୍ତ ଆୟ ଓ ସୀମାନ୍ତ ପରିବ୍ୟୟର ତଥ୍ୟାବଳୀ ସହାୟତାରେ ଉତ୍ପାଦକଙ୍କ ଅଧିକତମ ଲାଭ ହେଉଥିବା ଉତ୍ପାଦନ ସ୍ତରର ନିର୍ଦ୍ଧାରଣ ପ୍ରକ୍ରିୟା ବୁଝାଇଦିଅ ।

5) ନ୍ୟୂନତମ ମୋଟ ପରିବ୍ୟୟର ସ୍ଥିତି ହିଁ ଅଧିକତମ ଲାଭର ସ୍ଥିତି ହୋଇଥାଏ କି ? ନିଜ ଉତ୍ତର ସପକ୍ଷରେ କାରଣ ଦର୍ଶାଅ ।

6) ଅଧିକତମ ମୋଟ ଆୟ ଅବସ୍ଥା ହିଁ ଅଧିକତମ ଲାଭ ସ୍ଥିତି ମଧ୍ୟ ହୋଇଥାଏକି ? ନିଜ ଉତ୍ତର ସପକ୍ଷରେ କାରଣ ଦର୍ଶାଅ ।

7) କ'ଣ ଏହା କହିବା ଯଥାର୍ଥ ଯେ MR=MC ଉପରେ ଲାଭ ଅଧିକତମ ହେବ ? ନିଜ ଉତ୍ତର ପକ୍ଷରେ ତର୍କ ରଖ ।

8) ନିମ୍ନ ତାଲିକାର ତଥ୍ୟ ଅନୁସାରେ ଫାର୍ମର ଅଧିକତମ ଲାଭର ସ୍ଥିତି ନିର୍ଦ୍ଧାରଣ କର । ନିଜ ଉତ୍ତରର କାରଣ ମଧ୍ୟ ଦର୍ଶାଅ ।

ଉତ୍ପାଦନ (ଏକକ)	ମୋଟ ଆୟ (ଟଙ୍କାରେ)	ମୋଟ ପରିବ୍ୟୟ(ଟଙ୍କାରେ)
3	30	20
4	40	26
5	50	33
6	60	44
7	70	56

9) ନିମ୍ନ ସୂଚନାକୁ ବ୍ୟବହାର କରି ଫାର୍ମର ଅଧିକତମ ଲାଭ ଅବସ୍ଥା କୁହ । ନିଜ ଉତ୍ତର ପକ୍ଷରେ କାରଣ ଦର୍ଶାଅ । ଏହା ମଧ୍ୟ ଦର୍ଶାଅ ଯେ ଅଧିକତମ ଲାଭ ସ୍ଥିତିରେ କେତେ ଲାଭ ହେବ ?

ଉତ୍ପାଦନ (ଏକକ)	ମୋଟ ଆୟ (ଟଙ୍କାରେ)	ମୋଟ ପରିବ୍ୟୟ(ଟଙ୍କାରେ)
1	10	5
2	10	6
3	10	7
4	10	8
5	10	9
6	10	10
7	10	11
8	10	12

10) ନିମ୍ନ ତଥ୍ୟକୁ ବ୍ୟବହାର କରି ଅଧିକତମ ଲାଭର ଉତ୍ପାଦନ ସ୍ତର ସ୍ଥିର କର ।

ଉତ୍ପାଦନ (ଏକକ)	ମୋଟ ଆୟ (ଟଙ୍କାରେ)	ମୋଟ ପରିବ୍ୟୟ(ଟଙ୍କାରେ)
1	10	12
2	18	20
3	24	24
4	21	36
5	18	50

ଏହି ଅଧିକତମ ଲାଭ ଅସାଧାରଣ କି ସାଧାରଣ କାରଣ ଦର୍ଶାଅ ।

11) ଏହି ତଥ୍ୟର ଆଧାର ଉପରେ ଅଧିକତମ ଲାଭର ସ୍ଥିତି ନିର୍ଦ୍ଧାରଣ କର ।

ଉତ୍ପାଦନ (ଏକକ)	TR (ଟଙ୍କାରେ)	TC (ଟଙ୍କାରେ)
1	10	4
2	9	5
3	8	6
4	7	7
5	6	8

ଅଧିକତମ ଲାଭର ମଧ୍ୟ ଗଣନା କର । ଏହି ଲାଭ ସ୍ତର ଉପରେ ଟିପ୍ପଣୀ ଦିଅ ।

12) TR ତଥା TCର ନିମ୍ନ ତଥ୍ୟର ଆଧାର ଉପରେ ଅଧିକତମ ଲାଭର ସ୍ଥିତି ସ୍ଥିର କର ।

ଉତ୍ପାଦନ (ଏକକ)	TR (ଟଙ୍କାରେ)	TC (ଟଙ୍କାରେ)
1	12	7
2	11	9
3	10	10
4	9	11
5	8	12

13) ଏକ ସ୍ତର ବିଶେଷ ଉତ୍ପାଦନରେ ଉତ୍ପାଦକ ପାଏ MR=MC । ଏହା ଉତ୍ପାଦକଙ୍କ ପାଇଁ ଅଧିକତମ ଲାଭର ସ୍ଥିତି କି ? ଯଦି ନୁହେଁ ତେବେ କ'ଣ ?

14) ଯଦି କୌଣସି ଉତ୍ପାଦନ ସ୍ତରରେ MC<MR ହୁଏ, ତେବେ ଉତ୍ପାଦକ ଅଧିକତମ ଲାଭ ପାଇବାକୁ କି ପଦକ୍ଷେପ ଗ୍ରହଣ କରିବେ ?

ପାଠ୍ୟଗତ ପ୍ରଶ୍ନର ଉତ୍ତର

19.1

(I) ଭୁଲ (II) ଠିକ୍ (III) ଠିକ୍ (IV) ଭୁଲ (V) ଭୁଲ (VI) ଠିକ୍ (VII) ଠିକ୍

19.2

1. (I) ଠିକ୍ (II) ଠିକ୍ (III) ଭୁଲ (IV) ଠିକ୍

2. ଲାଭ 15. 30. 36. 24 0

19.3

(I) ଠିକ୍ (II) ଭୁଲ (III) ଠିକ୍ (IV) ଭୁଲ

ପାଠ୍ୟାନ୍ତ ପ୍ରଶ୍ନଗୁଡିକ ପାଇଁ ସୂଚନା :

1) ଭାଗ 19.3 (କ) ଏବଂ (ଖ) ପାଠ କରନ୍ତୁ ।

2) (କ) ଅଧିକତମ ଲାଭ ହିଁ ସେହି ଉତ୍ପାଦନ ସ୍ତର ଯେଉଁଠାରେ ଅସାଧାରଣ ଲାଭ ଅଧିକତମ ହୁଏ।

(ଖ) 'ସାଧାରଣ' ତଥା 'ଅସାଧାରଣ' ଲାଭର ଅର୍ଥ ସଂକ୍ଷେପରେ ବୁଝାଅ ।

(ଗ) TR ଏବଂ TCର ଏକ କାଳ୍ପନିକ ତାଲିକା କରି ଅଧିକମ ଲାଭର ସ୍ଥିତି ସ୍ଥିର କର ।

3) ଭାଗ 19.3 ପଢନ୍ତୁ ।

4) ଭାଗ 19.3 ପଢନ୍ତୁ ।

5) ଲାଭର ଆକଳନ ପାଇଁ TRର ତଥ୍ୟ ଆବଶ୍ୟକ କେବଳ TC ପର୍ଯ୍ୟାପ୍ତ ହୁଏ ନାହିଁ ।

6) କେବଳ TR ଦ୍ୱାରା ଲାଭର ନିର୍ଦ୍ଧାରଣ ହୁଏ ନାହିଁ, TCର ତଥ୍ୟ ଆବଶ୍ୟକ ହୁଏ।

7) ଭାଗ 19.3 ପଢନ୍ତୁ ।

8) 5 ଏକକ ଉତ୍ପାଦନ, କାରଣ ପାଇଁ ଭାଗ 19.3 ପଢନ୍ତୁ।

9) 6 ଏକକ ଉତ୍ପାଦନ, ମୋଟ ଲାଭ 15 ଟଙ୍କା, କାରଣ ପାଇଁ ଭାଗ 19.3 (ଖ) ପଢନ୍ତୁ।

10) 36 ଏକକ ଉତ୍ପାଦନ, କାରଣ ପାଇଁ ଭାଗ 19.3 (ଖ) ପଢନ୍ତୁ ।

11) 4 ଏକକ ଉତ୍ପାଦନ, ଲାଭ 12 ଟଙ୍କା ।

12) 1 ଏକକ ଉତ୍ପାଦନ ।

13) ଭାଗ 19.3 (ଖ) ପଢନ୍ତୁ ।

14) ଭାଗ 19.3 (ଖ) ପଢନ୍ତୁ ।

20

ସରକାର ଏବଂ ବଜେଟ୍ (ଅଟକଳ)

GOVERNMENT AND THE BUDGET

ଭାରତରେ ସାଧାରଣତଃ ପ୍ରତ୍ୟେକ ବର୍ଷ ଫେବୃଆରୀ ମାସରେ ବଜେଟ୍‌କୁ ଲୋକସଭାରେ ଆଗତ କରାଯାଏ । ବଜେଟ ପ୍ରସ୍ତୁତ କରାଯିବା ପୂର୍ବରୁ ଅନେକ ଦିନରୁ ଲୋକମାନଙ୍କ ମଧ୍ୟରେ ଆନୁମାନିକ ବିଭିନ୍ନ କରରେ ପରିବର୍ତ୍ତନକୁ ନେଇ ଅଟକଳ କରାଯାଇଥାଏ କ'ଣ ଆୟକରର ହାରରେ କମ୍ ହେବ ? ସିଗାରେଟ୍ ଉପରେ କର ବଢ଼ିବନି ? ପେଟ୍ରୋଲ ବା ଘରୋଇ ଗ୍ୟାସ୍ ସିଲିଣ୍ଡର ଉପରେ କର ଅପରିବର୍ତ୍ତିତ ରହିବ କି ? ଆମେ ସମସ୍ତେ ବଜେଟ୍‌ରେ ଆନୁମାନିକ ପରିବର୍ତ୍ତନ ଉପରେ ଆଲୋଚନା କରନ୍ତି କାରଣ ଏହା ଦ୍ରବ୍ୟ ଓ ସେବା ଉପରେ ଭବିଷ୍ୟତରେ କରାଯିବାକୁ ଥିବା ବ୍ୟୟକୁ ପ୍ରଭାବିତ କରିଥାଏ । ବର୍ତ୍ତମାନ ଏହା ଏହି ଧାରଣାକୁ ଜନ୍ମ ଦେଇଥାଏ ଯେ ସରକାରଙ୍କ ବଜେଟ୍ କେବଳ କର ସହିତ ସମ୍ବନ୍ଧିତ ଏକ ପଦ୍ଧତିମୂଳକ ଅଭ୍ୟାସ । ମାତ୍ର ବାସ୍ତବରେ ସରକାରଙ୍କ ବଜେଟ୍ କରରେ ପରିବର୍ତ୍ତନ ବ୍ୟତୀତ ମଧ୍ୟ ଅନେକ କିଛି ରହିଛି ।

ଏହି ଅଧ୍ୟାୟ ସରକାରଙ୍କ ବଜେଟର ସଂରଚନା ଏବଂ ଉଦ୍ଦେଶ୍ୟଗୁଡ଼ିକୁ ବର୍ଣ୍ଣନା କରୁଅଛି । ଏହି ଅଧ୍ୟୟନରେ ଆପଣ ସରକାରଙ୍କ ବଜେଟ୍ ଅଧ୍ୟୟନ କରିବେ ଏବଂ ଜାଣିବେ ଯେ ଏହା କେବଳ କରର ହାରରେ ପରିବର୍ତ୍ତନ ଭିନ୍ନ ମଧ୍ୟ ଆଉ କିଛି ରହିଛି ।

ଉଦ୍ଦେଶ୍ୟ :

ଏହି ଅଧ୍ୟାୟକୁ ପାଠ କରିବା ପରେ ଆପଣ :

- ସରକାରଙ୍କ ବଜେଟ୍‌ର ଅର୍ଥ ଜାଣିପାରିବେ ।
- ସରକାରଙ୍କ ବଜେଟ୍‌ର ସଂରଚନା ବୁଝିପାରିବେ ।
- ରାଜସ୍ୱ ଓ ପୁଞ୍ଜିଗତ ପ୍ରାପ୍ତି ବୁଝିପାରିବେ ।
- ରାଜସ୍ୱ ଓ ପୁଞ୍ଜିଗତ ବ୍ୟୟ ବୁଝିପାରିବେ ।
- ଯୋଜନା ଓ ଅଣ ଯୋଜନା ବ୍ୟୟ ବୁଝିପାରିବେ ।
- ବଜେଟ ନିଅଣ୍ଟ ଓ ରାଜକୋଷ ନିଅଣ୍ଟ ବୁଝିପାରିବେ ।

- ନିଅଣ୍ଟର ଅର୍ଥ ଯୋଗାଣର ଉପାୟ ଜାଣିପାରିବେ ।
- ବଜେଟ୍ ନୀତିର ଅର୍ଥ ଓ ଉଦ୍ଦେଶ୍ୟ ବୁଝିପାରିବେ ।

20.1 ସରକାରଙ୍କ ବଜେଟ୍ କ'ଣ ?

କେନ୍ଦ୍ରୀୟ, ରାଜ୍ୟ ବା ସ୍ଥାନୀୟ ସରକାର ପ୍ରତ୍ୟେକ ସ୍ତରରେ ବଜେଟ୍ ତିଆରି କରିଥାନ୍ତି । ଲୋକ କଲ୍ୟାଣ ପାଇଁ ସରକାରଙ୍କ ବ୍ୟାପକ ନୀତିଗୁଡ଼ିକୁ ଧ୍ୟାନରେ ରଖି ଏହାକୁ ତିଆରି କରିଥାନ୍ତି । ବିଭିନ୍ନ ପ୍ରକାର ସୁବିଧା ଯଥା ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ସେବା ପ୍ରଦାନ କରିବାକୁ ସରକାର ବିଭିନ୍ନ ବ୍ୟୟ କରିଥାନ୍ତି । ଏହା ଉତ୍ପାଦନ ବୃଦ୍ଧି କରିବା, ବେକାରୀ ତଥା ଦରିଦ୍ରତା କମ୍ କରିବା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସମାନତା ଦୂର କରିବା ପାଇଁ ମଧ୍ୟ ବ୍ୟୟ କରିଥାନ୍ତି ।

ସରକାରଙ୍କର ଏହି ବ୍ୟୟ ଯୋଗୁଁ ଲୋକ କଲ୍ୟାଣରେ ବୃଦ୍ଧି ଆସେ । ଏହି ବ୍ୟୟ ନିମିତ୍ତ ଅର୍ଥ ଯୋଗାଣ ପାଇଁ ସରକାର କର, ଲୋକ-ଋଣ ଆଦି ସ୍ରୋତରୁ ରାଜସ୍ୱ ପାଇଥାନ୍ତି । ସରକାରଙ୍କ ବ୍ୟୟର ପ୍ରବନ୍ଧ କରୁଥିବା ଏହି ଆର୍ଥିକ ସଂସାଧନକୁ ଜନସାଧାରଣଙ୍କ ଠାରୁ ଆଦାୟ କରିଥାନ୍ତି । ବ୍ୟୟର ଶୀର୍ଷକ ଏବଂ ଏହାର ଅର୍ଥ ଯୋଗାଣର ସ୍ରୋତର ଯୋଜନା ଜନକଲ୍ୟାଣର ଉଦ୍ଦେଶ୍ୟକୁ ଧ୍ୟାନରେ ରଖି ସରକାରଙ୍କ ଦ୍ୱାରା ତିଆରି ହୁଏ । ତେଣୁ ସରକାର ଜନତାଙ୍କ ତରଫରୁ ଏହା ନିଷ୍ପତ୍ତି ନିଅନ୍ତି ଯେ ଜନସାଧାରଣଙ୍କ ଅର୍ଥକୁ ବିଭିନ୍ନ ଶୀର୍ଷ ଉପରେ କିପରି ବ୍ୟୟ କରାଯିବ ଏବଂ ବିଭିନ୍ନ ସ୍ରୋତରୁ କିପରି ସଂଗ୍ରହ କରାଯିବ । ଏହା ସରକାରଙ୍କୁ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ କରିଥାଏ । ବିଧାନମଣ୍ଡଳ, ସଂସଦ ଏବଂ ଅନ୍ୟ ବିଭିନ୍ନ ନାଗରିକ ସମୁଦାୟଙ୍କ ଦ୍ୱାରା, ଜନସାଧାରଣଙ୍କ ଅର୍ଥ ସରକାର କିପରି ଖର୍ଚ୍ଚ କରୁଛନ୍ତି ଓ ଜନତାଙ୍କ ଠାରୁ କିପରି ସଂଗ୍ରହ କରୁଛନ୍ତି ଏହା ଜନସାଧାରଣଙ୍କର ନିଜର ଜାଣିବାର ଅଧିକାରକୁ ପ୍ରୟୋଗ କରିଥାନ୍ତି । ଜନତାଙ୍କ ପ୍ରତି ସରକାରଙ୍କ ଉତ୍ତର ଦାୟିତ୍ୱ ଅଭିବ୍ୟକ୍ତି ସରକାରଙ୍କ ବଜେଟରେ ହୋଇଥାଏ । ଅତଏବ "ବଜେଟ୍ ହେଉଛି ଏକ ଅର୍ଥିକବର୍ଷ ମଧ୍ୟରେ ଆନୁମାନିକ ଲୋକ ବ୍ୟୟ ଏବଂ ଲୋକ ରାଜସ୍ୱ ଉପରେ ଆଧାରିତ ଏକତ୍ରିକୃତ ବିତ୍ତୀୟ ବିବରଣୀ ।"

ସାରାଂଶରେ ସରକାରଙ୍କ ବଜେଟ୍‌ର ତିନୋଟି ବିଶେଷତ୍ୱ ଅଛି । ପ୍ରଥମ ଏହା ସରକାର କର, ଆନୁମାନିକ ବ୍ୟୟ ଏବଂ ରାଜସ୍ୱ ସ୍ରୋତର ଏକତ୍ରିକୃତ ବିତ୍ତୀୟ ବିବରଣ । ଦ୍ୱିତୀୟରେ ଏହା ଆର୍ଥିକ ବର୍ଷ ସହିତ ସମ୍ବନ୍ଧିତ ଏବଂ ତୃତୀୟରେ ବ୍ୟୟ ଏବଂ ସରକାରଙ୍କର ରାଜସ୍ୱର ସ୍ରୋତର ଯୋଜନା ସରକାରଙ୍କ ଘୋଷିତ ନୀତି ଉଦ୍ଦେଶ୍ୟ ଅନୁସାରେ ତିଆରି ହୋଇଥାଏ ।

20.2 ବଜେଟ୍‌ର ସଂରଚନା

ସରକାରଙ୍କ ବଜେଟ୍‌ର ସଂରଚନା ପ୍ରତ୍ୟେକ ସ୍ତରର ସରକାରଙ୍କ ପାଇଁ ପ୍ରାୟତଃ ସମାନ ହୋଇଥାଏ । ମାତ୍ର ରାଜସ୍ୱ ଏବଂ ବ୍ୟୟ ଶୀର୍ଷକକୁ ନେଇ ବିଭିନ୍ନ ବଜେଟ୍‌ରେ ପାର୍ଥକ୍ୟ ଥାଇପାରେ ।

ବଜେଟ୍‌ର ସଂରଚନା ଏବଂ ଏହାର ବିଭିନ୍ନ ଘଟକ (ଉପାଦାନ)କୁ ବୁଝିବା ପାଇଁ ଆମେ ଭାରତର କେନ୍ଦ୍ର ସରକାରଙ୍କ ବିତ୍ତ ବର୍ଷ 2004-05 ଏବଂ 2005-06ର ବଜେଟ ଉପରେ ଆଲୋଚନା କରିବା ଯାହା ତାଲିକା 20.1ରେ ପ୍ରସ୍ତୁତ କରାଯାଇଛି । ଏହି ତାଲିକାରୁ ଜଣାଯାଏ ଯେ ବଜେଟର ଦୁଇଟି ଅଂଶ ଥାଏ (1) ପ୍ରାପ୍ତି ଓ (2) ବ୍ୟୟ ।

ତାଲିକା 20.1 : କେନ୍ଦ୍ରୀୟ ବଜେଟ : କେନ୍ଦ୍ରୀୟ ସରକାରଙ୍କ ପ୍ରାପ୍ତି ଓ ବ୍ୟୟ (କୋଟି ଟଙ୍କାରେ)

	2004-05	2005-06
1. ରାଜସ୍ୱପ୍ରାପ୍ତି (କ+ଖ)	309322	351200
(କ) କର ରାଜସ୍ୱ (ରାଜ୍ୟର ଅଂଶ ବାଦ ଦେଇ)	233906	273466
(ଖ) ଅଣ- କର ରାଜସ୍ୱ	75416	77734
2. ପୁଞ୍ଜିଗତ ପ୍ରାପ୍ତି(କ+ଖ+ଗ)	168507	163144
(କ) ଧାର ଗ୍ରହଣ ଓ ଅନ୍ୟ ଦେୟ	137407	151144
(ଖ) ଋଣର ଅସୁଲୀ	027100	12000
(ଗ) ଅନ୍ୟାନ୍ୟ ପ୍ରାପ୍ତି	4000	0
(ମୁଖ୍ୟତଃ ସାର୍ବଜନୀନ ଉପକ୍ରମର ବିନିଯୋଗ)		
3. ମୋଟ ପ୍ରାପ୍ତି	477829	514344
4. ରାଜସ୍ୱ ବ୍ୟୟ ଯେଉଁଥିରେ ନିମ୍ନଲିଖିତ ଉପରେ ହୋଇଥିବା ବ୍ୟୟ	385493	446512
(କ) ସୁଧ ପ୍ରଦାନ	129500	133945
(ଖ) ମୁଖ୍ୟ ଆର୍ଥିକ ସହାୟତା	42214	46358
(ଗ) ପ୍ରତିରକ୍ଷା ବ୍ୟୟ	43517	48625
5. ପୁଞ୍ଜିଗତ ବ୍ୟୟ	92336	67832
6. ମୋଟ ବ୍ୟୟ [3+4=6 (କ) +6(ଖ)]	477829	514344

ଯେଉଁଥିରେ ନିମ୍ନଲିଖିତ ଉପରେ ହୋଇଥିବା ବ୍ୟୟ		
(କ) ଯୋଜନା ମୂଳକ ବ୍ୟୟ	145590	132160
(ଖ) ଅଣ ଯୋଜନା ମୂଳକ ବ୍ୟୟ	332239	370847
7. ରାଜକୋଷୀୟ କ୍ଷତି {5-1-2(ଖ)-2(ଗ)}	137407	151144

(I) ପ୍ରାପ୍ତି

ସରକାରଙ୍କ ପ୍ରାପ୍ତିଗୁଡ଼ିକ ବିଭିନ୍ନ ସ୍ରୋତକୁ ଦର୍ଶାଇଥାଏ ଯେଉଁଥିରୁ ସରକାର ରାଜସ୍ୱ ପାଇଥାନ୍ତି । ଏହି ପ୍ରାପ୍ତି ଦୁଇ ପ୍ରକାର ହୋଇଥାଏ। ରାଜସ୍ୱ ପ୍ରାପ୍ତି ଏବଂ ପୁଞ୍ଜିଗତପ୍ରାପ୍ତି ରାଜସ୍ୱ ପ୍ରାପ୍ତି ସମସ୍ତ ସ୍ରୋତରୁ ମିଳୁଥିବା ବର୍ତ୍ତମାନ ଆୟ ଯଥା : କର, ସରକାରୀ ଉଦ୍ୟମରୁ ଲାଭ, ଅନୁଦାନ, ଇତ୍ୟାଦି, ଅନ୍ୟପକ୍ଷରେ ପୁଞ୍ଜିଗତପ୍ରାପ୍ତି ହେଉଛି ସରକାରଙ୍କ ଋଣ ଯାହାକୁ ଭବିଷ୍ୟତରେ ସୁଧସହିତ ପରିଶୋଧ କରିବାକୁ ପଡିଥାଏ। ସମସ୍ତ ପୁଞ୍ଜିଗତ ପ୍ରାପ୍ତି ସରକାରଙ୍କ ପାଇଁ ଦେୟର ନିର୍ମାଣ କରିଥାଏ କାରଣ ଭବିଷ୍ୟତରେ ଏହାକୁ ସୁଧ ସହିତ ପରିଶୋଧ କରିବାକୁ ପଡିଥାଏ। ବିପରୀତରେ ସରକାରଙ୍କୁ ରାଜସ୍ୱ ପ୍ରାପ୍ତି ଫେରସ୍ତ ଦେବାକୁ କୌଣସି ବାଧ୍ୟବାଧକତା ନଥାଏ।

ଏହାର ଉଲ୍ଲେଖ କରିବା ଆବଶ୍ୟକ ଯେ ଏହି ବ୍ୟକ୍ତି ଦ୍ୱାରା ଅର୍ଥ ଯୋଗାଣ ଏବଂ ସରକାରଙ୍କ ଦ୍ୱାରା ଅର୍ଥ ଯୋଗାଣ ମଧ୍ୟରେ ପାର୍ଥକ୍ୟ ନାହିଁ, ଜଣେ ବ୍ୟକ୍ତି ସାଧାରଣତଃ ନିଜର ବର୍ତ୍ତମାନ ବ୍ୟୟର ଭରଣା ନିଜର ବର୍ତ୍ତମାନ ଆୟରୁ ହିଁ କରିଥାଏ। ଯଦି ତାଙ୍କର ବର୍ତ୍ତମାନ ଆୟ ବର୍ତ୍ତମାନ ବ୍ୟୟ ପାଇଁ ପର୍ଯ୍ୟାପ୍ତ ନହୁଏ ତେବେ ସେ ଧାର କରଜ କରିଥାନ୍ତି । ଏହିପରି ସରକାରଙ୍କ ପାଖରେ ନିଜର ବ୍ୟୟର ଭରଣା ପାଇଁ ଦୁଇଟି ସ୍ରୋତ ରହିଛି । ବର୍ତ୍ତମାନ ଆୟ ବା ରାଜସ୍ୱ ପ୍ରାପ୍ତି ଏବଂ ଧାର ବା ପୁଞ୍ଜିଗତ ପ୍ରାପ୍ତି । ଯଦି ରାଜସ୍ୱ ପ୍ରାପ୍ତି ବର୍ତ୍ତମାନ ବ୍ୟୟ ଠାରୁ ଉଣା ହୁଏ ତେବେ ସରକାର ଧାର ନେଇଥାନ୍ତି। ଏକ ବ୍ୟକ୍ତିଙ୍କ ଦ୍ୱାରା ବିତ୍ତ ଭରଣା ଏବଂ ସରକାରଙ୍କ ଦ୍ୱାରା ବିତ୍ତ ଭରଣା ମଧ୍ୟରେ ପାର୍ଥକ୍ୟ ଏତିକି ଯେ ଜଣେ ବ୍ୟକ୍ତି ପ୍ରଥମେ ନିଜର ବର୍ତ୍ତମାନ ଆୟର ଅନୁମାନ କରିଥାନ୍ତି ଏବଂ ପୁଣି ନିଜ ବ୍ୟୟର ଯୋଜନା କରିଥାନ୍ତି । କିନ୍ତୁ ସରକାର ନିଜ ବ୍ୟୟର ଯୋଜନା ପ୍ରଥମେ କରି ଅର୍ଥ ଯୋଗାଣ ସ୍ରୋତକୁ ଖୋଜି ବାହାର କରନ୍ତି।

(I) ରାଜସ୍ୱପ୍ରାପ୍ତି: ସରକାରଙ୍କ ବର୍ତ୍ତମାନର ଆୟ ହିଁ ରାଜସ୍ୱ ପ୍ରାପ୍ତି ଯାହା ଭବିଷ୍ୟତରେ ପରିଶୋଧ କରିବା ଆବଶ୍ୟକ ପଡେ ନାହିଁ। ଏହି ପ୍ରାପ୍ତିଗୁଡ଼ିକୁ (କ) କର ରାଜସ୍ୱ (ଖ) ଅଣ କର ରାଜସ୍ୱରେ ବିଭକ୍ତ କରାଯାଇଛି।

(କ) କର ରାଜସ୍ୱ : ଜନସାଧାରଣଙ୍କ ଦ୍ୱାରା ସରକାରଙ୍କୁ ପ୍ରଦାନ କରାଯାଉଥିବା ବୈଧାନିକ ଓ ଅନିର୍ବାର୍ଯ୍ୟ ଦେୟ ହିଁ କର ରାଜସ୍ୱ। ସରକାରଙ୍କ ଦ୍ୱାରା ଏହାକୁ ଲୋକମାନଙ୍କ ଉପରେ

ଲଗାଯାଇଥାଏ। ସରକାରଙ୍କ ବିଭିନ୍ନ କର ଯଥା- ଆୟ କର, ବିକ୍ରିକର, ସେବା କର, ଉତ୍ପାଦନ କର, ଆମଦାନୀ କର ଆଦି ଦ୍ୱାରା ରାଜସ୍ୱର ଅସୁଲ କରାଯାଏ। ପାରମ୍ପରିକ ଦୃଷ୍ଟିରୁ କର ମାଧ୍ୟମରେ ପ୍ରାପ୍ତି ରାଜସ୍ୱ ସରକାରଙ୍କ ଆୟର ସର୍ବପ୍ରଧାନ ସ୍ରୋତ ଅଟେ।

ଆୟକର ସେହି ଲୋକମାନଙ୍କ ଉପରେ ଲଗାଯାଏ ଯେଉଁମାନେ ମଜୁରୀ, ବେତନ, ଭଡା ସୂତ୍ରରେ, ସୁଧ ବା ଲାଭ ପାଇଥାନ୍ତି। ଦ୍ରବ୍ୟର ବିକ୍ରି ଉପରେ ଲଗାଯାଉଥିବା କରକୁ ବିକ୍ରି କର କୁହାଯାଏ। ଯେତେବେଳେ ଆମେ କୌଣସି ଦ୍ରବ୍ୟର କ୍ରୟ କରିଥାନ୍ତି ଦେୟ (ମୂଲ୍ୟର ପରିମାଣ)ର ଏକଭାଗକୁ ବିକ୍ରିକର ରୂପରେ ସରକାରଙ୍କ ପାଖକୁ ଚାଲିଯାଏ, ସେବାକର ମଧ୍ୟ ସେହିପରି ଯାହା ସେବାର ବ୍ୟବହାର ପାଇଁ ଲଗାଯାଇଥାଏ ଯେପରି- ଟେଲିଫୋନ ସେବା, ମୋବାଇଲ ସେବା ଉତ୍ପାଦନକର ଦ୍ରବ୍ୟର ଉତ୍ପାଦନ କରୁଥିବା ନିର୍ମାତାଙ୍କ ଦ୍ୱାରା ଦେୟ ଦେବାକୁ ପଡୁଥିବା କର। କୌଣସି ଦ୍ରବ୍ୟର ଆମଦାନୀ ଓ ରପ୍ତାନୀ କଲେ, ଆମଦାନୀ ରପ୍ତାନୀ କର ଦେବାକୁ ପଡିଥାଏ।

କର ଦୁଇ ପ୍ରକାରର ହୋଇଥାଏ (କ) ପ୍ରତ୍ୟକ୍ଷ କର ଏବଂ (ଖ) ପରୋକ୍ଷ କର । ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ନିର୍ଭର କରେ (1) ସରକାରଙ୍କୁ କର ଦେବା ପାଇଁ ଦାୟିତ୍ୱ ଏବଂ (2) କରର ବାସ୍ତବିକ ଭାର ।

ପ୍ରତ୍ୟକ୍ଷ କର ବିଷୟରେ କର ଦାନର ଦାୟିତ୍ୱ ଏବଂ କରର ଭାର ଜଣେ ବ୍ୟକ୍ତିଙ୍କ ଉପରେ ପଡିଥାଏ। ଉଦାହରଣ ସ୍ୱରୂପ ଆୟକର ଏକ ପ୍ରତ୍ୟକ୍ଷ କର କାରଣ ବ୍ୟକ୍ତି ଯାହା ଉପରେ କର ଦେବା ଦାୟିତ୍ୱ, ସେହିଁ କରର ଭାର ମଧ୍ୟ ବହନ କରିଥାଏ ଓ କରର ଭାର ଅନ୍ୟ ଉପରେ ପକାଇ ହୁଏ ନାହିଁ, ମାତ୍ର ପରୋକ୍ଷ କର କ୍ଷେତ୍ରରେ ଏହା ହୋଇନଥାଏ। ମାତ୍ର ବିକ୍ରି କର କ୍ଷେତ୍ରରେ ଯେପରି ବର୍ତ୍ତମାନ କରଦାନର ଦାୟିତ୍ୱ ଦ୍ରବ୍ୟର ବିକ୍ରେତାଙ୍କ ଉପରେ, ମାତ୍ର କରର ବାସ୍ତବିକ ଭାର ଗ୍ରାହକଙ୍କ ଉପରେ ପଡିଥାଏ। ବିକ୍ରି କରର ଦେୟ ଗ୍ରାହକ ନହୋଇ ବିକ୍ରେତା କରିଥାଏ। ବିକ୍ରେତା ମାତ୍ର ଗ୍ରାହକଙ୍କ ଠାରୁ କର ନେଇ ସରକାରଙ୍କୁ ଦେୟ ଦେଇଥାଏ । ଅତଏବ ଆମେ ବିକ୍ରିକର ବିଷୟରେ ପାଉଛନ୍ତି ଯେ କରର ଭାର ବିକ୍ରେତାଙ୍କ ଠାରୁ ଗ୍ରାହକମାନଙ୍କ ଉପରକୁ ଚାଲିଯାଏ। ଉତ୍ପାଦନ ଉପରେ ଲଗାଯାଉଥିବା ସମସ୍ତ କର ପରୋକ୍ଷ କର ହୋଇଥାଏ କାରଣ ଉତ୍ପାଦକ ଗ୍ରାହକମାଙ୍କ ଠାରୁ କର ଅସୁଲ କରିଥାଏ ।

ପ୍ରତ୍ୟକ୍ଷ କର :

- ଆୟ କର : ବ୍ୟକ୍ତିଙ୍କ ଆୟ ଉପରେ କର ।
- ନିଗମ କର : ନିଗମର ଲାଭ ଉପରେ କର ।
- ସମ୍ପତ୍ତି କର : ବ୍ୟକ୍ତିଙ୍କ ସମ୍ପତ୍ତି ଉପରେ କର ।
- ଉପହାର କର : ଦିଆଯାଉଥିବା ଉପହାର ଉପରେ କର ।

ପରୋକ୍ଷ କର :

- ବିକ୍ରି କର : ସମସ୍ତ ବିକ୍ରି ଦ୍ରବ୍ୟର ମୂଲ୍ୟ ଉପରେ କର ।
- ଉତ୍ପାଦନ କର : କାରଖାନା ଉତ୍ପାଦିତ ଉପରେ କର ।
- ଆମଦାନୀ- ରପ୍ତାନୀ କର : ଆମଦାନୀ ଓ ରପ୍ତାନି ଉପରେ କର ।
- ସେବା କର : ପ୍ରଦାନ କରଯାଇଥିବା ସେବା ଉପରେ କର

(ଖ) ଅଣ- କର ରାଜସ୍ୱ : କର ଅତିରିକ୍ତ ଅନ୍ୟ ସ୍ରୋତରୁ ସରକାରଙ୍କୁ ପ୍ରାପ୍ତି ହେଉଥିବା ଆୟକୁ ଅଣ-କର ରାଜସ୍ୱ କୁହାଯାଏ । ଭାରତରେ କେନ୍ଦ୍ର ସରକାରଙ୍କ ଅଣ କର ରାଜସ୍ୱର ତିନୋଟି ପ୍ରମୁଖ ସ୍ରୋତ ଅଛି ।

1) ସୁଧ ପ୍ରାପ୍ତି : କେନ୍ଦ୍ରୀୟ ସରକାରଙ୍କ ଦ୍ୱାରା ରାଜ୍ୟ ସରକାର, ସ୍ଥାନୀୟ ସରକାର, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଇତ୍ୟାଦିକୁ ଦିଆଯାଇଥିବା ଋଣ ଉପରେ ସୁଧ ଅର୍ଜନ ।

2) ଲାଭାଂଶ ଓ ଲାଭ : ଏହା କେନ୍ଦ୍ର ସରକାରଙ୍କୁ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗର ଅଂଶୀଦାର ବା ମାଲିକ ହେବା ଯୋଗୁଁ ପ୍ରାପ୍ତି ହୋଇଥାଏ । ସରକାରୀ ଶିଳ୍ପର ଉତ୍ପାଦନ ଏକକ ଯାହାର ମାଲିକ ସରକାର ହୋଇଥାନ୍ତି ଯଥା : ଭାରତୀୟ ରେଳ, ଏୟାର ଇଣ୍ଡିଆ, ଇଣ୍ଡିଆନ୍ ଏୟାର ଲାଇନ୍ସ, ଭାରତ ସଂଚାର ନିଗମ ଲିମିଟେଡ, ମହାନଗର ଟେଲିଫୋନ ନିଗମ ଲିମିଟେଡ ଇତ୍ୟାଦି ।

3) ବାହ୍ୟ ଅନୁଦାନ : ସରକାରଙ୍କୁ ବିଦେଶୀ ସରକାରଙ୍କ ଠାରୁ କିଛି ଅର୍ଥ ମଧ୍ୟ ମିଳିଥାଏ । ଏହା ଦାନ ଉପହାର ତଥା ବିପତ୍ତିକାଳୀନ ସାହାଯ୍ୟ ସହାୟତା ଅର୍ଥ ରୂପରେ ପ୍ରାପ୍ତି ହୋଇଥାଏ ।

(II) ପୁଞ୍ଜିଗତ ପ୍ରାପ୍ତି: କେନ୍ଦ୍ରୀୟ ସରକାରଙ୍କ ପୁଞ୍ଜିଗତ ପ୍ରାପ୍ତିର ମୁଖ୍ୟ ସ୍ରୋତଗୁଡିକ : (i) ଧାର (ii) ଋଣର ଅସୁଲ, ଏବଂ (iii) ବିନିବେଶ- ସରକାରୀ କ୍ଷେତ୍ରର ଶିଳ୍ପରେ ଅଂଶଧନର ପୁନଃ ବିକ୍ରି ।

(i) ଧାର-କେନ୍ଦ୍ରୀୟ ସରକାରଙ୍କ ଧାରର ଦୁଇଟି ପ୍ରମୁଖ ସ୍ରୋତ ଅଛି ।

(କ)ଘରୋଇ ଧାର : ସରକାର ପ୍ରତିଭୂତ (ଅଂଶଧନ) ଏବଂ କୋଷପତ୍ର (Treasury Bill) ଜାରିକରି ଘରୋଇ ବିତ୍ତୀୟ ବଜାରରୁ ଧାର ନେଇଥାନ୍ତି । ଏହା ବିଭିନ୍ନ ଜମା ଯୋଜନା ଯଥା (Public Providend Fund) ଲୋକ ଭବିଷ୍ୟନିଧି, କ୍ଷୁଦ୍ର ସଂଚୟ ଯୋଜନା, ତଥା ରାଷ୍ଟ୍ରୀୟ ସଂଚୟ ଯୋଜନା ଇତ୍ୟାଦିରୁ ମଧ୍ୟ କରଜ ନେଇଥାନ୍ତି । ଏହା ସରକାରଙ୍କୁ ଦେଶ ଆଭ୍ୟନ୍ତରର ଧାର ।

(ଖ) ବାହ୍ୟ ଧାର : ଘରୋଇ ଋଣ ବ୍ୟତୀତ ସରକାର ଅନ୍ୟ ଦେଶରୁ ଏବଂ ବିଦେଶୀ ସଂସ୍ଥାଗୁଡ଼ିକରୁ ଯଥା ଅନ୍ତଃରାଷ୍ଟ୍ରୀୟ ମୁଦ୍ରାକୋଷ (IMF) ବିଶ୍ୱ ବ୍ୟାଙ୍କ ଇତ୍ୟାଦିରୁ ମଧ୍ୟ କରଜ ନେଇଥାନ୍ତି । ବାହ୍ୟ ଋଣ ଦ୍ୱାରା ସରକାର ଘରୋଇ ଅର୍ଥ ବ୍ୟବସ୍ଥାରେ ବିଦେଶୀ ମୁଦ୍ରା ଆଣିଥାନ୍ତି ।

(ii) ଋଣର ଅସୁଲ : ଅନେକ ସମୟରେ ରାଜ୍ୟ ସରକାର ଓ ସ୍ଥାନୀୟ ସରକାରଗୁଡ଼ିକ କେନ୍ଦ୍ର ସରକାରଙ୍କ ଠାରୁ ଋଣ ନେଇଥାନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ଓ ସ୍ଥାନୀୟ ସରକାରଙ୍କ ଠାରୁ ଅସୁଲ କରାଯାଇଥିବା ଋଣକୁ ପୁଞ୍ଜିଗତ ପ୍ରାପ୍ତି ମଧ୍ୟରେ ରଖିଥାନ୍ତି ।

(iii) ସରକାରୀ କ୍ଷେତ୍ରର ଶିଳ୍ପର ଅଂଶଧନର ବିକ୍ରି । ଏହା ଏକ ନୂତନ ସ୍ରୋତ ଯାହାଦ୍ୱାରା କେନ୍ଦ୍ର ସରକାର ୧୯୯୧ ଠାରୁ ବିତ୍ତୀୟ ସଂସାଧନର ସଂଗ୍ରହ କରୁଛନ୍ତି। ୧୯୯୧ ପୂର୍ବରୁ କେନ୍ଦ୍ରୀୟ ସରକାର ସାର୍ବଜନୀକ କ୍ଷେତ୍ରରେ ଶିଳ୍ପଗୁଡ଼ିକର ଅଂଶରେ ସମ୍ପୂର୍ଣ୍ଣ ମାଲିକ ଥିଲେ । ୧୯୯୧ ଠାରୁ ସରକାର ସାର୍ବଜନୀକ କ୍ଷେତ୍ରରେ ଉପକ୍ରମକୁ ଘରୋଇକରଣ କରିବା ନୀତି ଗ୍ରହଣ କଲେ। ଫଳସ୍ୱରୂପ ଏହାକୁ ଜନସାଧାରଣ ତଥା ବିତ୍ତୀୟ ସଂସ୍ଥାକୁ ଅଂଶ ବିକ୍ରି କରିବା ଆରମ୍ଭ କଲେ । ସରକାରଙ୍କ ଦ୍ୱାରା ସାର୍ବଜନିକ କ୍ଷେତ୍ର ଶିଳ୍ପର ଅଂଶର ଏହି ବିକ୍ରୟକୁ ସାର୍ବଜନୀକ କ୍ଷେତ୍ରର ଉପକ୍ରମର ବିନିବେଶ କୁହାଯାଏ।

(2) ବ୍ୟୟ :

ସରକାରୀ ବ୍ୟୟଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ବ୍ୟୟକୁ ପୁଞ୍ଜିଗତ ବ୍ୟୟ ଏବଂ ରାଜସ୍ୱ ବ୍ୟୟ ଅଥବା ଯୋଜନା ଏବଂ ଅଣ ଯୋଜନା ବ୍ୟୟ ରୂପେ ବିଭକ୍ତ କରାଯାଏ।

ପୁଞ୍ଜିଗତ ଏବଂ ରାଜସ୍ୱ ବ୍ୟୟ : ଯେତେବେଳେ ସରକାରୀ ସମ୍ପତ୍ତି ଯଥା :- ବିଦ୍ୟାଳୟ, ଚିକିତ୍ସାଳୟ, ସଡକ, ପୋଲ, ନାଳ, ରେଳପଥ ଇତ୍ୟାଦିର ନିର୍ମାଣ ପାଇଁ ବ୍ୟୟ କରିଥାନ୍ତି ତାହାକୁ ପୁଞ୍ଜିଗତ ବ୍ୟୟ କହନ୍ତି । ମାତ୍ର ଯେତେବେଳେ ସରକାରଙ୍କ ବ୍ୟୟ ଫଳରେ କୌଣସି ସମ୍ପତ୍ତିର ନିର୍ମାଣ ହୁଏ ନାହିଁ ଏହାକୁ ରାଜସ୍ୱ ବ୍ୟୟ କହନ୍ତି । ଯେପରି ସରକାରୀ କର୍ମଚାରୀଙ୍କ ବେତନ ପ୍ରଦାନ । ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ, ଜନସାଧାରଣଙ୍କ ପାଇଁ ମାଗଣା ଶିକ୍ଷା ଏବଂ ଚିକିତ୍ସା ଇତ୍ୟାଦି ପ୍ରଦାନକୁ ରାଜସ୍ୱ ବ୍ୟୟ କହନ୍ତି । ଏହା ଫଳରେ କୌଣସି ସାର୍ବଜନୀକ ସମ୍ପତ୍ତିର ନିର୍ମାଣ ହୁଏ ନାହିଁ।

ଯୋଜନା ବ୍ୟୟ ଏବଂ ଅଣ- ଯୋଜନା ବ୍ୟୟ : ସ୍ୱାଧୀନତା ପରେ ଆମ ଦେଶ ଆର୍ଥିକ ବିକାଶର ଉପଲବ୍ଧି ପାଇଁ ଯୋଜନାବଦ୍ଧ ଉପାୟ ଗ୍ରହଣ କଲା। ଏହି ଯୋଜନା ଅନ୍ତର୍ଗତ, ସରକାରଙ୍କ ବଜେଟ୍‌ରେ ପଞ୍ଚବାର୍ଷିୟ ଯୋଜନାକୁ ପ୍ରାଥମିକତା ଆଧାର ଉପରେ ପ୍ରତିବର୍ଷ ହେଉଥିବା ବ୍ୟୟର ବ୍ୟବସ୍ଥା କରାଗଲା । ଏହି ପ୍ରକାର ବ୍ୟୟକୁ "ଯୋଜନା ବ୍ୟୟ" କୁହାଯାଏ। ଯୋଜନା ବ୍ୟୟ ବ୍ୟତୀତ ସରକାର ସମୟ ନିର୍ଘଣ୍ଟ ଭଳି ବ୍ୟୟ ଯଥା : ପୋଲିସ, ନ୍ୟାୟିକ ପ୍ରଣାଳୀ, ଜଳଯୋଗାଣ,

ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ବିଧାୟିକା, ପ୍ରତିରକ୍ଷା ଏବଂ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ମଧ୍ୟ ବ୍ୟୟ କରନ୍ତି । ଏହି ପ୍ରକାର ସମୟ ନିର୍ଘଣ୍ଟ ବ୍ୟୟକୁ ଅଣ-ଯୋଜନା ବ୍ୟୟ କୁହାଯାଏ ।

ମନେରଖ :

- ବଜେଟ ହେଉଛି ଏକ ବିତ୍ତୀୟ ବର୍ଷ ମଧ୍ୟରେ ଆନୁମାନିକ ଲୋକ ବ୍ୟୟ ଏବଂ ଲୋକ ରାଜସ୍ୱ ଉପରେ ଆଧାରିତ ଏକ ଏକତ୍ରୀକୃତ ଆର୍ଥିକ ବିବରଣ ଅଟେ ।
- ଭାରତରେ ବିତ୍ତୀୟ ବର୍ଷର ଅର୍ଥ ୧ ଏପ୍ରିଲଠାରୁ ୩୧ ମାର୍ଚ୍ଚ ସମୟ ଅଟେ ।
- ବ୍ୟୟ ଶୀର୍ଷକ ଏବଂ ଏହାକୁ ଅର୍ଥ ଯୋଗାଣର ସ୍ରୋତର ପରି ଯୋଜନା ସରକାରଙ୍କ ଉଦ୍ଦେଶ୍ୟଗୁଡିକୁ ଘୋଷିତ ନୀତି ଅନୁସାରେ କରାଯାଏ ।
- ସରକାରଙ୍କ ବଜେଟ୍‌ରେ ପ୍ରାପ୍ତି ଦୁଇ ପ୍ରକାର ଯଥା (I) ରାଜସ୍ୱ ପ୍ରାପ୍ତି (II) ପୁଞ୍ଜିଗତ ପ୍ରାପ୍ତି ।
- ସରକାରଙ୍କ ଦ୍ୱାରା ସାର୍ବଜନୀକ କ୍ଷେତ୍ରର ଶିଳ୍ପରେ ନିଜର ଅଂଶଧନର ବିକ୍ରିକୁ "ସାର୍ବଜନୀକ କ୍ଷେତ୍ରର ଉପକ୍ରମରେ ବିନିବେଶ" କୁହାଯାଏ ।
- ସରକାରୀ ବ୍ୟୟକୁ (କ) ପୁଞ୍ଜିଗତ ବ୍ୟୟ ଓ ରାଜସ୍ୱ ବ୍ୟୟ ତଥା (ଖ) ଯୋଜନା ଏବଂ ଅଣ ଯୋଜନା ବ୍ୟୟରେ ବିଭକ୍ତ କରାଯାଏ ।

ପାଠ୍ୟଗତ ପ୍ରଶ୍ନ

ଠିକ୍ ଉତ୍ତରଟି ବାଛ

1. ସରକାରଙ୍କ ବଜେଟ୍ କାହାର ବିତ୍ତୀୟ ବିବରଣ ?

   (କ) ବାସ୍ତବିକ ବ୍ୟୟ ଏବଂ ବାସ୍ତବିକ ପ୍ରାପ୍ତିର

   (ଖ) ଆନୁମାନିକ ବ୍ୟୟ ଓ ଆନୁମାନିକ ପ୍ରାପ୍ତିର

   (ଗ) ଆନୁମାନିକ ବ୍ୟୟର

   (ଘ) ଆନୁମାନିନ ପ୍ରାପ୍ତି

2. ଏଗୁଡିକ ମଧ୍ୟରୁ କେଉଁଟି ପୁଞ୍ଜିଗତ ପ୍ରାପ୍ତି ?

   (କ) କର

(ଖ) ଲାଭାଂଶ

(ଗ) ଲାଭ

(ଘ) ଧାର, କରଜର ଅସୁଲ, ବିଦେଶୀ ଅନୁଦାନ ।

3. କେଉଁଟି ରାଜସ୍ୱ ପ୍ରାପ୍ତି ?

(କ) ଧାର

(ଖ) ଋଣର ଅସୁଲ

(ଗ) ବିଦେଶୀ ଅନୁଦାନ

(ଘ) କର, ସୁଧ, ସରକାରୀ ଶିଳ୍ପରୁ ମିଳୁଥିବା ଲାଭାଂଶ ବା ଲାଭ ।

4. ପ୍ରତିରକ୍ଷା ଉପରେ ସରକାରଙ୍କ ଦ୍ୱାରା ବ୍ୟୟ କେଉଁଟି ?

(କ) ରାଜସ୍ୱ ବ୍ୟୟ

(ଖ) ପୁଞ୍ଜିଗତ ବ୍ୟୟ

(ଗ) ଯୋଜନା ବ୍ୟୟ

(ଘ) ଅଣ ଯୋଜନା ବ୍ୟୟ ।

20.3 ନିଅଣ୍ଟିଆ ବଜେଟ

ବଜେଟ୍‌କୁ ସେତେବେଳେ ନିଅଣ୍ଟିଆ କୁହାଯାଏ ଯେତେବେଳେ ଆନୁମାନିକ ମୋଟ ପ୍ରାପ୍ତି ଆନୁମାନିକ ମୋଟ ବ୍ୟୟ ଠାରୁ କମ୍ ହୋଇଯାଏ । ଭାରତରେ ନିଅଣ୍ଟକୁ ଦୁଇ ପ୍ରଧାନ ଅବଧାରଣାର ପ୍ରୟୋଗ କେନ୍ଦ୍ର ସରକାରଙ୍କ ବଜେଟରେ ହୋଇଥାଏ । ନିଅଣ୍ଟର କେଉଁ ଅବଧାରଣାର ଉପଯୋଗ କରାଯିବ ତାହା କେଉଁ ପ୍ରକାରର ପ୍ରାପ୍ତିଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି ସେହି ବିଷୟ ଉପରେ ନିର୍ଭର କରିଥାଏ । ନିମ୍ନରେ ନିଅଣ୍ଟର ଦୁଇଟି ଅବଧାରଣା ଦିଆଗଲା ।

(କ) ବଜେଟ୍ ନିଅଣ୍ଟ : ଏହାକୁ ମୋଟ ବଜେଟ୍ ପ୍ରାପ୍ତି ଉପରେ ମୋଟ ବଜେଟ୍ ବ୍ୟୟର ଆଧିକ୍ୟତା ଉପରେ ପରିଭାଷିତ କରାଯାଏ । ଅନ୍ୟ ଅର୍ଥରେ : ବଜେଟ୍ ନିଅଣ୍ଟିଆ = ମୋଟ ବଜେଟ୍ ବ୍ୟୟ-ମୋଟ ବଜେଟ୍ ପ୍ରାପ୍ତି ।

ନିଅଣ୍ଟର ଏହି ଅବଧାରଣା ରାଜସ୍ୱ ଓ ପୁଞ୍ଜିଗତ ପ୍ରାପ୍ତି ତଥା ରାଜସ୍ୱ ଏବଂ ପୁଞ୍ଜିଗତ ବ୍ୟୟ ଉଭୟ ଉପରେ ଆଧାରିତ । ଧରାଯାଉକି, ସରକାରଙ୍କ ବଜେଟ୍‌ରେ ମୋଟ ବ୍ୟୟ ୨୦୦ କୋଟି

ଟଙ୍କା ଥିଲା, ଯେତେବେଳେ ମୋଟ ପ୍ରାପ୍ତି 175 କୋଟି ଟଙ୍କା ଥିଲା । ଏହି ସ୍ଥିତିରେ ନିଅଣ୍ଟିଆ ବଜେଟ୍ 25 କୋଟି ଟଙ୍କା ହେବ । ଏହା ଅର୍ଥ କ'ଣ ? ଏହାର ଅର୍ଥ ଯେ ସରକାରଙ୍କ ମୋଟ ପ୍ରାପ୍ତି ସରକାରଙ୍କ ମୋଟ ବ୍ୟୟ ଠାରୁ ୨୫ କୋଟି ଟଙ୍କା କମ୍ ଅଛି ।

(ଖ) ରାଜକୋଷୀୟ ନିଅଣ୍ଟ : ନିଅଣ୍ଟର ଏହି ଅବଧାରଣା ପ୍ରଥମ ଅବଧାରଣା ଠାରୁ ଭିନ୍ନ କାରଣ ଏହା ଯେ ଋଣର ଗଣନା ସରକାରଙ୍କ ମୋଟ ପ୍ରାପ୍ତିରେ କରାଯାଇନଥାଏ । ରାଜକୋଷୀୟ ନିଅଣ୍ଟକୁ ଋଣ ବ୍ୟତୀତ ମୋଟ ବଜେଟ୍‌ର ପ୍ରାପ୍ତିର ମୋଟ ବଜେଟ୍ ବ୍ୟୟର ଆଧିକ୍ୟ ରୂପରେ ପରିଭାଷିତ କରନ୍ତି । ରାଜକୋଷୀୟ ନିଅଣ୍ଟ= ମୋଟ ବଜେଟ ବ୍ୟୟ – ଋଣ ବ୍ୟତୀତ ମୋଟ ଆୟର ପ୍ରାପ୍ତି । ଏହା କେନ୍ଦ୍ର ସରକାରଙ୍କ ଧାର ପାଇଁ ଦରକାରକୁ ଦର୍ଶାଏ ।

"ରାଜକୋଷୀୟ ନିଅଣ୍ଟ, ବଜେଟର ନିଅଣ୍ଟ ତୁଳନାରେ ନିଅଣ୍ଟର ଏକ ଉତ୍ତମ ମାନଦଣ୍ଡ"

ରାଜକୋଷୀୟ ନିଅଣ୍ଟ, ବଜେଟ ନିଅଣ୍ଟ ଠାରୁ ଦୁଇଟି କାରଣରୁ ଉତ୍ତମ ମାନଦଣ୍ଡ । ପ୍ରଥମତଃ ଏହା ସରକାରଙ୍କ ବ୍ୟୟକୁ ପୂରଣ କରିବା ପାଇଁ ଅତିରିକ୍ତ ଆର୍ଥିକ ସଂସାଧନର ଆବଶ୍ୟକକୁ ଇଙ୍ଗିତ କରିଥାଏ । ଦ୍ୱିତୀୟରେ ସୁଧ ପରିଶୋଧ ଏବଂ ଋଣ ପ୍ରତ୍ୟାହାର କାରଣରୁ ସରକାରଙ୍କ ଭବିଷ୍ୟତ ଦେୟର ବୃଦ୍ଧିକୁ ଦର୍ଶାଇଥାଏ । ସରକାରଙ୍କୁ ଧାର ନିଆଯାଇଥିବା ରାଶିକୁ ଭବିଷ୍ୟତରେ ସୁଧ ସହିତ ପରିଶୋଧ କରିବାକୁ ହୋଇଥାଏ । ଫଳତଃ ସୁଧ ଓ ଋଣ ପରିଶୋଧ କରିବାକୁ ସରକାରଙ୍କୁ ବା ହୁଏତ ଜନତାଙ୍କ ଠାରୁ ଅଧିକ ଋଣ ନେବାକୁ ପଡିଥାଏ ବା ଲୋକଙ୍କ ଉପରେ ଭବିଷ୍ୟତରେ ଅଧିକ କର ବସାଇବାକୁ ପଡିଥାଏ । ନିଅଣ୍ଟକୁ ଅର୍ଥ ଯୋଗାଣର ତିନୋଟି ପଦ୍ଧତି :

କେନ୍ଦ୍ର ସରକାର ୩ଟି ପଦ୍ଧତିରେ ନିଅଣ୍ଟକୁ ଅର୍ଥ ଯୋଗାଣ କରିଥାନ୍ତି ।

(କ) ଜନସାଧାରଣ ଏବଂ ବିଦେଶୀ ସରକାରଙ୍କ ଠାରୁ ଋଣ

(ଖ) ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ଥିବା ଜମା ମୁଦ୍ରାକୁ ବାହାର କରି ।

(ଗ) ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଋଣ ।

ସାଧାରଣ ଭାବେ, ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ଥିବା ଜମା ମୁଦ୍ରାକୁ ବାହାର କରି ବା ଋଣ ନନେଇ ନିଜ ନାଗରିକ ବା ବିଦେଶୀ ସରକାରଙ୍କ ଠାରୁ ଋଣ ନେବାକୁ ଅଧିକ ପସନ୍ଦ କରନ୍ତି । ଉପରେ ଦିଆଯାଇଥିବା ନିଅଣ୍ଟ ପାଇଁ ଅର୍ଥ ଯୋଗାଣର ଶେଷ ଦୁଇ ପ୍ରଣାଳୀ ମୁଦ୍ରାର ଯୋଗାଣକୁ ବୃଦ୍ଧି କରିଥାଏ, ଯାହା ବିଷୟରେ ଆପଣ ପର ଅଧ୍ୟାୟରେ ଜାଣିପାରିବେ । ଆପଣ ଏହା ମଧ୍ୟ ଜାଣିବେ ଯେ ମୁଦ୍ରାର ଯୋଗାଣରେ ବୃଦ୍ଧି ଫଳରେ ଅର୍ଥ ବ୍ୟବସ୍ଥାରେ ମୂଲ୍ୟରେ ବୃଦ୍ଧି ହୋଇଥାଏ ।

ଅନ୍ୟପକ୍ଷରେ ନାଗରିକମାନଙ୍କ ଠାରୁ ଦିଆଯାଇଥିବା ଘରୋଇ ଋଣ, ମୁଦ୍ରାର ଯୋଗାଣ ଏବଂ

ଦରଦାମ ଉପରେ କୌଣସି ପ୍ରଭାବ ପକାଇନଥାଏ। କାରଣ ଯେତେବେଳେ ସରକାର ଋଣ ନେଇଥାନ୍ତି ତେବେ ନାଗରିକମାନଙ୍କ ଅର୍ଥ ସରକାରଙ୍କ ପାଖକୁ ଚାଲିଯାଏ ଏବଂ ମୁଦ୍ରା ଯୋଗାଣ ଉପରେ କୌଣସି ପ୍ରଭାବ ପଡିନଥାଏ। ପରନ୍ତୁ ଯଦି ସରକାର ବିଦେଶରୁ ଋଣ ଆଣନ୍ତି, ତେବେ ମୁଦ୍ରା ଯୋଗାଣରେ ବୃଦ୍ଧି ହୋଇଯାଏ। ନିଅଣ୍ଟର ଅର୍ଥଯୋଗାଣର ଦୁଇଟି ଶେଷ ପ୍ରଣାଳୀ ମୁଦ୍ରାର ଯୋଗାଣ ବୃଦ୍ଧି କରିଥାଏ।

20.4 ବଜେଟ୍ ନୀତି କ'ଣ

ଏ ପର୍ଯ୍ୟନ୍ତ ଆପଣ ଜାଣି ସାରିଛନ୍ତି ଯେ ସରକାରଙ୍କ ବଜେଟ କ'ଣ ? ବର୍ତ୍ତମାନ ଆପଣ ବଜେଟ୍ ନୀତି ବିଷୟରେ ଜାଣିବେ । ବଜେଟ ନୀତି ଦୁଇଟି ପ୍ରମୁଖ ସର୍ତ୍ତ ସହିତ ଜଡିତ, ଯାହା ନିମ୍ନ ରୂପେ ଦିଆଗଲା ।

1) ବ୍ୟୟ ଶୀର୍ଷକ, ଯାହା ଉପରେ ସରକାରଙ୍କୁ ବ୍ୟୟ କରିବା ଆବଶ୍ୟକ ।

2) ବ୍ୟୟ ନିମିତ୍ତ ଅର୍ଥ ଯୋଗାଣ ପାଇଁ ସରକାର ସମ୍ବଳର ଆୟୋଜନ କିପରି କରନ୍ତି ?

ପ୍ରଥମ ପ୍ରଶ୍ନର ଉତ୍ତର, ବିଭିନ୍ନ ଆର୍ଥିକ, ସାମାଜିକ, ଦେଶ ସମ୍ମୁଖରେ ଏବଂ ଅନ୍ୟାନ୍ୟ ସମସ୍ୟାଗୁଡିକର ସମାଧାନ ପାଇଁ ସରକାରଙ୍କ ପ୍ରାଥମିକତା ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ଯଦି ଅନ୍ୟଦେଶରୁ ଅନବରତ ଆକ୍ରମଣ ଆଶଙ୍କାଥାଏ, ତେବେ ସରକାରଙ୍କ ପାଖରେ ପ୍ରତିରକ୍ଷା ଉପରେ ବ୍ୟୟ ବୃଦ୍ଧି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଯଦି କୌଣସି ମହାମାରୀ ହୁଏ ବା ବ୍ୟାପିବାର ଆଶଙ୍କା ଥାଏ, ତେବେ ସରକାରଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଉପରେ ବ୍ୟୟ ଅଧିକ କରିବାକୁ ପଡିଥାଏ । ଯଦି ସରକାର ପୂର୍ବରୁ ଋଣ ନେଇଥାନ୍ତି ତେବେ ସେଥିପାଇଁ ସୁଧ ପରିଶୋଧ କରିବାକୁ ଅଧିକ ବ୍ୟୟ କରିବାକୁ ପଡିଥାଏ। ଦ୍ୱିତୀୟ ପ୍ରଶ୍ନରେ ସରକାରଙ୍କୁ ସମ୍ବଳ ଆୟୋଜନର ବିଭିନ୍ନ ପ୍ରଣାଳୀ ଉପରେ ବିଚାର କରିବାକୁ ପଡିଥାଏ। କ'ଣ ଲୋକଙ୍କ ଉପରେ ଆଉ ଅଧିକ କର ବସାଯିବ ? କେଉଁ ବର୍ଗର ଲୋକଙ୍କ ଉପରେ ଅଧିକ କର ବସାଯିବ ? ଦ୍ରବ୍ୟ ଓ ସେବା ଉପରେ କର ବସାଯିବ ? ସରକାରଙ୍କୁ କେତେ ଋଣ ଦରକାର ? କାହାଠାରୁ ଋଣ ନିଆଯିବ ଏବଂ ଏହା କିପରି ଭାବେ ? ଏହି ପ୍ରଶ୍ନର ଉତ୍ତର ସରକାରଙ୍କ ନୀତି ଉଦ୍ଦେଶ୍ୟରୁ ମିଳିପାରିବ ।

ଅତଏବ, ସରକାର ବିଭିନ୍ନ ଶୀର୍ଷରେ ବ୍ୟୟର ବଣ୍ଟନ ଓ ଅର୍ଥ ଯୋଗାଣର ସ୍ରୋତର ନିର୍ବାଚନ, ନିଜର ନୀତି ଓ ପ୍ରାଥମିକତା ଉପରେ ଧ୍ୟାନରଖି କରିଥାନ୍ତି। ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ଅନୁସାରେ ବ୍ୟୟର ଶୀର୍ଷ ଏବଂ ଅର୍ଥଯୋଗାଣର ସ୍ରୋତଗୁଡିକର ନିର୍ବାଚନକୁ ସରକାରଙ୍କ ବଜେଟ ନୀତି କୁହାଯାଏ ।

ବଜେଟ୍ ନୀତିର ଉଦ୍ଦେଶ୍ୟ :

1) ଆର୍ଥିକ ବୃଦ୍ଧିକୁ ବଢାଇବା : ସରକାର ମୌଳିକ ତଥା ଭାରୀ ଶିଳ୍ପ ଯଥା- ଇସ୍ପାତ, ରସାୟନ, ସାର, ଯନ୍ତ୍ର ଇତ୍ୟାଦିର ସ୍ଥାପନା କରି ଆର୍ଥିକ ବୃଦ୍ଧିକୁ ପ୍ରୋତ୍ସାହନ ଦିଅନ୍ତି । ଏହା ମୌଳିକ ସଂରଚନା ଯଥା : ସଡକ, ନାଳ, ରେଳ, ବିମାନଘାଟୀ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଜଳ ଓ ବିଦ୍ୟୁତ୍ ଯୋଗାଣ, ଦୂର ସଂଚାର ଇତ୍ୟାଦିର ମଧ୍ୟ ନିର୍ମାଣ କରିଥାନ୍ତି ଯାହା ଆର୍ଥିକ ବୃଦ୍ଧି ପାଇଁ ସହାୟକ ହୋଇଥାଏ ।

ମୌଳିକ ଏବଂ ଭାରୀ ଶିଳ୍ପ ତଥା ମୌଳିକ ସଂରଚନା ଉଭୟ ପାଇଁ ଭାରୀ ନିବେଶ (ଅଧିକ ବିନିଯୋଗ)ର ଆବଶ୍ୟକ ହୋଇଥାଏ । ଏହାପାଇଁ ସାଧାରଣତଃ ଘରୋଇ କ୍ଷେତ୍ର ଆଗକୁ ଆସିନଥାନ୍ତି, କାରଣ ଏହି ଉଦ୍ୟୋଗ ଏବଂ ମୌଳିକ ସଂରଚନା ସୁବିଧାଗୁଡିକ ଦେଶର ଆର୍ଥିକ ବୃଦ୍ଧି ପାଇଁ ଅନିବାର୍ଯ୍ୟ, ଏଥିପାଇଁ ଏହାର ସ୍ଥାପନା ଏବଂ ଏହାର ବିକାଶକରଣ ଭାର ସରକାରଙ୍କ ଉପରେ ପଡିଥାଏ ।

2) ଆୟ ଓ ସମ୍ପତ୍ତିର ବୈଷମ୍ୟକୁ ହ୍ରାସ କରିବା : ସରକାର ଧନୀ ଲୋକଙ୍କ ଉପରେ କର ବସାଇ ଏବଂ ଗରିବମାନଙ୍କ ପାଇଁ ଅଧିକ ଖର୍ଚ୍ଚ କରି ଆୟ ଓ ସମ୍ପତ୍ତିର ଅସମାନତାକୁ ହ୍ରାସ କରନ୍ତି । ତା ସହିତ ଏହା ଗରିବଙ୍କୁ ରୋଜଗାରର ସୁଯୋଗ ଦିଅନ୍ତି ଯାହା ଫଳରେ ସେମାନଙ୍କୁ ରୋଜଗାରରେ ସହାୟତା ମିଳିଥାଏ ।

3) ରୋଜଗାର/ଆୟର ସୁଯୋଗ ପ୍ରଦାନ କରିବା : ସରକାର ବିଭିନ୍ନ ପ୍ରଣାଳୀରେ ରୋଜଗାରର ସୁଯୋଗ ବୃଦ୍ଧି କରିଥାନ୍ତି । ପ୍ରଥମତଃ ଯେତେବେଳେ ସରକାର ସାର୍ବଜନୀକ କ୍ଷେତ୍ରରେ ଉପକ୍ରମ /ଶିଳ୍ପ ସ୍ଥାପିତ କରନ୍ତି ତେବେ ରୋଜଗାରର ନିର୍ମାଣ ହୋଇଥାଏ । ଦ୍ୱିତୀୟରେ ଏହା ଘରୋଇ କ୍ଷେତ୍ରକୁ ଆର୍ଥିକ ସହାୟତା ଓ ଅନ୍ୟ ପ୍ରକାରରେ ପ୍ରୋତ୍ସାହନ ଯଥା କରମୁକ୍ତ । 'କର' ହାରରେ ରିହାତି/କମ୍ ଇତ୍ୟାଦି ଦ୍ୱାରା ଉତ୍ପାଦନ ଓ ରୋଜଗାର ବୃଦ୍ଧି କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ଏହା ରୋଜଗାରମୁଖି ଲୋକଙ୍କ ପାଇଁ ଲଘୁ, କୁଟୀର ତଥା ଗ୍ରାମୀଣ ଉଦ୍ୟୋଗର ସ୍ଥାପନ ପାଇଁ ପ୍ରୋତ୍ସାହିତ କରନ୍ତି । ଏହିପରି ଭାବେ ଏହା କରମୁକ୍ତ, ଆର୍ଥିକ ସହାୟତା, ଅନୁଦାନ, କମ୍ ହାରେ ଋଣ ଇତ୍ୟାଦି ପ୍ରଦାନ କରିଥାନ୍ତି । ଅନ୍ତତଃ, ଏହା ସଡ଼କ, ପୋଲ, ରେଳ, ନାଳ/କେନାଲ, ଗୃହ ଇତ୍ୟାଦି ଲୋକ ନିର୍ମାଣ କାର୍ଯ୍ୟକ୍ରମ ଦ୍ୱାରା ଗରିବମାନଙ୍କ ପାଇଁ ରୋଜଗାରୀ ସୃଜନ କରିଥାନ୍ତି ।

4) ମୂଲ୍ୟ ସ୍ଥିରତାକୁ ସୁନିଶ୍ଚିତ କରିବା : ସରକାର ଆବଶ୍ୟକ ଦ୍ରବ୍ୟ ଓ ସେବାର ଯୋଗାଣକୁ ନିୟନ୍ତ୍ରଣ କରି ଏହାର ମୂଲ୍ୟରେ ସ୍ଥିରତା ସୁନିଶ୍ଚିତ କରିଥାନ୍ତି । ଅତଏବ, ଏହା ପଡି ଓ ଉଚିତ ମୂଲ୍ୟ ଦୋକାନ ଉପରେ ଖର୍ଚ୍ଚ ଓ ନିୟନ୍ତ୍ରଣ କରିଥାନ୍ତି ଫଳରେ ଖାଦ୍ୟ ଦ୍ରବ୍ୟର ପର୍ଯ୍ୟାପ୍ତ ପରିମାଣ ରହିଥାଏ । ଏହା ଘରୋଇ ଗ୍ୟାସ୍, ବିଦ୍ୟୁତ୍, ଜଳ ଓ ଆବଶ୍ୟକ ସେବା

ଯଥା ଯାତାୟାତକୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି ଏବଂ ଏହାର ମୂଲ୍ୟକୁ କମ୍ କରିଥାନ୍ତି । ଯାହା ଫଳରେ ଏହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିଥାଏ ।

5) ଦେୟ ସନ୍ତୁଳନ ନିଅଣ୍ଟକୁ ଠିକ୍ କରିବା : କୌଣସି ଦେଶର ଦେୟ ସନ୍ତୁଳନ ଖାତା ଅନ୍ୟ ଦେଶ ସହିତ ତାହାର ପ୍ରାପ୍ତି ଏବଂ ଦେୟ ଆକଳନ କରିଥାଏ । ଯେତେବେଳେ ବିଦେଶକୁ ଦେବାକୁ ଥିବା ଦେୟ ଦେଶରୁ ପ୍ରାପ୍ତି ଠାରୁ ଅଧିକ ହୋଇଥାଏ ସେତେବେଳେ ଦେୟ ସନ୍ତୁଳନ ଖାତାକୁ ନିଅଣ୍ଟ ବୋଲି କୁହାଯାଏ । ଅନେକ ସମୟରେ ଏହି ନିଅଣ୍ଟ ଦେଶର ଆମଦାନୀ ରପ୍ତାନୀ ଠାରୁ ଅଧିକ ହେବା ଫଳରେ ହୋଇଥାଏ । ଫଳରେ ଆମଦାନୀ ଉପରେ ବିଦେଶକୁ ଦେୟ, ରପ୍ତାନୀ ଦ୍ୱାରା ବିଦେଶରୁ ପ୍ରାପ୍ତି ଠାରୁ ଅଧିକ ହୋଇଥାଏ । ଏଭଳି ପରିସ୍ଥିତିରେ ଦେୟ ସନ୍ତୁଳନ ନିଅଣ୍ଟକୁ କମ୍ କରିବା ପାଇଁ ସରକାର ଆମଦାନୀ ଉପରେ କର ବୃଦ୍ଧିକରି ଆମଦାନୀକୁ ହତୋତ୍ସାହିତ କରନ୍ତି ଏବଂ ରପ୍ତାନି ଉପରେ ଆର୍ଥିକ ସହାୟତା ତଥା ଅନ୍ୟ ପ୍ରୋତ୍ସାହନର ଉପଯୋଗ କରି ତାହାକୁ ପ୍ରୋତ୍ସାହିତ କରିଥାନ୍ତି ।

6) ସୁଦୃଢ ପ୍ରଶାସନ ପ୍ରଦାନ କରନ୍ତି : ଏକ ସୁଦୃଢ ତଥା ପ୍ରଭାବଶାଳୀ ପ୍ରଶାସନ ପ୍ରଦାନ କରିବା ପାଇଁ ସରକାର ପୋଲିସ, ସୁରକ୍ଷା ବଳ, ପ୍ରତିରକ୍ଷା, ବିଧାୟିକା, ନ୍ୟାୟପାଳିକା ଇତ୍ୟାଦି ଉପରେ ଖର୍ଚ୍ଚ କରିଥାନ୍ତି ।

ମନେ ରଖ

- ବଜେଟ ନିଅଣ୍ଟ ମୋଟ ବଜେଟ୍ ପ୍ରାପ୍ତି ଉପରେ ମୋଟ ବଜେଟ୍ ବ୍ୟୟର ଆଧିକ୍ୟତା ।
- ରାଜକୋଷୀୟ ନିଅଣ୍ଟ, ଋଣ ବ୍ୟତୀତ ମୋଟ ବଜେଟ୍‌ପ୍ରାପ୍ତି ଉପରେ ମୋଟ ବଜେଟ୍ ବ୍ୟୟର ଆଧିକ୍ୟତା । ଏହା ସରକାରଙ୍କ ମୋଟ ଋଣର ଆବଶ୍ୟକତାକୁ ଦର୍ଶାଏ ।
- ବଜେଟ୍‌ର ନିଅଣ୍ଟକୁ ତିନୋଟି ପଦ୍ଧତି ଦ୍ୱାରା ଅର୍ଥ ଯୋଗାଇ ଦିଆଯାଏ ।
  - ଜନତା ଏବଂ ବିଦେଶୀ ସରକାରଙ୍କ ଠାରୁ ଋଣ ।
  - ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଟଙ୍କା ଗ୍ରହଣ ।
  - ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଋଣ ।
- ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମ ଅନୁରୂପ ବ୍ୟୟ ଶୀର୍ଷକ ତଥା ଅର୍ଥ ଯୋଗାଣର ସ୍ରୋତର ନିର୍ବାଚନକୁ ସରକାରଙ୍କ ବଜେଟ ନୀତି କୁହାଯାଏ ।
- ବଜେଟ୍ ନୀତିର ମୁଖ୍ୟ ଉଦ୍ଦେଶ୍ୟ:-
  - ଆର୍ଥିକ ବୃଦ୍ଧିକୁ ବଢାଇବା ।

- ଆୟ ଓ ସମ୍ପତ୍ତିର ଅସମାନତାକୁ କମ୍ କରିବା ।
- ରୋଜଗାରର ସୁଯୋଗ ପ୍ରଦାନ କରିବା ।
- ମୂଲ୍ୟରେ ସ୍ଥିରତା ସୁନିଶ୍ଚିତ କରିବା ।
- ଦେୟ ସନ୍ତୁଳନ ନିଅଣ୍ଟକୁ ଠିକ୍ କରିବା ଏବଂ ଦୃଢ ଓ ପ୍ରଭାବଶାଳୀ ଶାସନ ପ୍ରଦାନ କରିବା

ପାଠ୍ୟଗତ ପ୍ରଶ୍ନ 20.2

ବନ୍ଧନୀରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

1) ସରକାରଙ୍କ ବଜେଟ୍ ନିଅଣ୍ଟରେ ହୋଇଥାଏ, ଯେତେବେଳେ ମୋଟ ବଜେଟ ବ୍ୟୟ ମୋଟ ବଜେଟ୍ ରାଜସ୍ୱ ....ହୋଇଥାଏ (ଠାରୁ କମ୍, ଠାରୁ ଅଧିକ, ସହ ସମାନ)

2) ରାଜକୋଷୀୟ ନିଅଣ୍ଟରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ଧାର .... ଥାଏ (ମିଶି, ମିଶି ନ)

3) ବଜେଟ୍ ନିଅଣ୍ଟ ରାଜକୋଷୀୟ ନିଅଣ୍ଟ ତୁଳନାରେ ନିଅଣ୍ଟର................ ମାନଦଣ୍ଡ । (ଉତ୍କୃଷ୍ଟ, ନିକୃଷ୍ଟ)

4) ମୁଦ୍ରାର ଯୋଗାଣ .... ହୁଏ ଯେତେବେଳେ ସରକାର ରିଜର୍ଭ ବ୍ୟାଙ୍କରୁ ଋଣ ଆଣିଥାନ୍ତି । (ବୃଦ୍ଧି, ହ୍ରାସ)

ଆପଣ କ'ଣ ଶିକ୍ଷା କଲେ

- ବଜେଟ ଏକ ବିତ୍ତୀୟ ବର୍ଷ ମଧ୍ୟରେ ଆନୁମାନିକ ଲୋକ ବ୍ୟୟ ଏବଂ ଆନୁମାନିକ ଲୋକ ରାଜସ୍ୱ ଉପରେ ଆଧାରିତ ଏକ ଏକତ୍ରିକୃତ ବିତ୍ତୀୟ ବିବରଣୀ ।
- ଭାରତରେ ବିତ୍ତ ବର୍ଷର ଅର୍ଥ ୧ ଏପ୍ରିଲ ଠାରୁ ୩୧ ମାର୍ଚ୍ଚ ମଧ୍ୟରେ ସମୟ ।
- ସରକାରଙ୍କ ଦ୍ୱାରା ସାର୍ବଜନୀକ କ୍ଷେତ୍ରର ଶିଳ୍ପରେ ନିଜର ଅଂଶର ବିକ୍ରିକୁ ସାର୍ବଜନୀକ କ୍ଷେତ୍ରର ଶିଳ୍ପର ବିନିବେଶ କୁହାଯାଏ ।
- ସରକାରଙ୍କ ବଜେଟ୍‌ରେ ପ୍ରାପ୍ତି ଦୁଇ ପ୍ରକାର ହୋଇଥାଏ (I) ରାଜସ୍ୱ ପ୍ରାପ୍ତି ଏବଂ (II) ପୁଞ୍ଜିଗତ ପ୍ରାପ୍ତି ।

- ବଜେଟ ନିଅଣ୍ଟ ମୋଟ ବଜେଟ ପ୍ରାପ୍ତି ଉପରେ ମୋଟ ବଜେଟ ବ୍ୟୟର ଆଧିକ୍ୟତା ।
- ରାଜକୋଷୀୟ ନିଅଣ୍ଟ "ଋଣ ବ୍ୟତୀତ ମୋଟ ବଜେଟ ପ୍ରାପ୍ତି ଉପରେ ମୋଟ ବଜେଟ୍ ବ୍ୟୟର ଆଧିକତା । ଏହା ସରକାରଙ୍କ ମୋଟ ଋଣର ଆବଶ୍ୟକତାକୁ ଦର୍ଶାଏ ।
- ବଜେଟ୍‌ରେ ନିଅଣ୍ଟକୁ ତିନୋଟି ପ୍ରଣାଳୀରେ ଅର୍ଥ ଯୋଗାଇ ଦିଆଯାଇଥାଏ ।
- ଜନସାଧାରଣ ଏବଂ ବିଦେଶୀ ସରକାରଙ୍କ ଠାରୁ ଋଣ ।
- ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଟଙ୍କା ଗ୍ରହଣ ।
- ଭାରତୀୟ ରିଜର୍ଭ ବ୍ୟାଙ୍କ ଠାରୁ ଋଣ ।
- ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମର ଅନୁରୂପ ବ୍ୟୟର ଶୀର୍ଷ ଏବଂ ଅର୍ଥଯୋଗାଣର ସ୍ରୋତର ନିର୍ବାଚନକୁ ସରକାରଙ୍କ ବଜେଟ ନୀତି କୁହାଯାଏ ।
- ବଜେଟ୍ ନୀତିର ମୁଖ୍ୟ ଉଦ୍ଦେଶ୍ୟ :-
- ଆର୍ଥିକ ବୃଦ୍ଧି ବଢାଇବା, ଆୟ ଓ ସମ୍ପତ୍ତିର ତାରତମ୍ୟକୁ କମ୍ କରିବା
- ରୋଜଗାରର ସୁଯୋଗ ପ୍ରଦାନ କରିବା, ମୂଲ୍ୟରେ ସ୍ଥିରତା ସୁନିଶ୍ଚିତ କରିବା
- ଦେୟ ସନ୍ତୁଳନ ନିଅଣ୍ଟକୁ ଠିକ୍ କରିବା ।
- ପ୍ରଭାବଶାଳୀ ଓ ଦୃଢ ଶାସନ ପ୍ରଦାନ ।

ପାଠ୍ୟାନ୍ତର ପ୍ରଶ୍ନ

1) ସରକାରଙ୍କ ବଜେଟ କ'ଣ ? ବିତ୍ତ ବର୍ଷ ଅର୍ଥ ଆପଣ କ'ଣ ବୁଝନ୍ତି ?
2) ସରକାରଙ୍କ ବଜେଟ ସଂରଚନାର ରୂପରେଖ ବର୍ଣ୍ଣନା କର ଏବଂ ଏହାର ବିଭିନ୍ନ ଘଟକ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।
3) ରାଜସ୍ୱ ପ୍ରାପ୍ତି ଏବଂ ପୁଞ୍ଜିଗତପ୍ରାପ୍ତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
4) ରାଜସ୍ୱ ବ୍ୟୟ ଏବଂ ପୁଞ୍ଜିଗତ ବ୍ୟୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
5) ଯୋଜନା ଓ ଅଣ ଯୋଜନା ବ୍ୟୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
6) ରାଜକୋଷୀୟ ନିଅଣ୍ଟ ଓ ବଜେଟ ନିଅଣ୍ଟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

7) ରାଜକୋଷୀୟ ନିଅଣ୍ଟକୁ ବଜେଟ ନିଅଣ୍ଟ ତୁଳନାରେ ନିଅଣ୍ଟର ଉତ୍କୃଷ୍ଟ ମାନଦଣ୍ଡ କାହିଁକି ମାନନ୍ତି ।

8) ସରକାରଙ୍କ ବଜେଟ୍‌ରେ ନିଅଣ୍ଟକୁ ବିତ୍ତ ଯୋଗାଣର ବିଭିନ୍ନ ପ୍ରଣାଳୀଗୁଡିକ କ'ଣ ? ବର୍ଣ୍ଣନା କର ।

9) ସରକାରଙ୍କ ଦ୍ୱାରା ନାଗରିକଙ୍କ ଠାରୁ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କରୁ ନିଆଯାଇଥିବା ଧାରାର ପ୍ରଭାବକୁ କୁହ । ଏଗୁଡିକ ମଧ୍ୟରୁ ଉତ୍କୃଷ୍ଟ କେଉଁଟି ଓ କାହିଁକି ?

10) ବଜେଟ୍ ନୀତିର ଉଦ୍ଦେଶ୍ୟକୁ କୁହ ଏବଂ ଏହାର ବର୍ଣ୍ଣନା କର

ପାଠ୍ୟଗତ ପ୍ରଶ୍ନର ଉତ୍ତର

20.1

1) ଖ, 2) ଘ 3) ଘ 4) ଘ

20.2

1) ଠାରୁ ଅଧିକ 2) ମିଶି ନଥାଏ 3) ନିକୃଷ୍ଟ 4) ବୃଦ୍ଧି

21

ମୁଦ୍ରାର ଯୋଗାଣ
MONEY SUPPLY

ମୁଦ୍ରା ଏପରି ଏକ ଦ୍ରବ୍ୟ ଯାହାକୁ ଆମେ ସମସ୍ତେ ଅଧିକରୁ ଅଧିକ ପରିମାଣରେ ରଖିବାକୁ ଚାହାନ୍ତି । ଏହା ଏଇଥିପାଇଁ ଯେ ମୁଦ୍ରା ଆମକୁ ଆର୍ଥିକ ଶକ୍ତି ଦିଏ- ଏହା ଆମର ଅଧିକରୁ ଅଧିକ ଇଚ୍ଛାକୁ ପୂରଣ କରିବାକୁ ଏବଂ ଦ୍ରବ୍ୟ ଓ ସେବା କ୍ରୟ କରିବାକୁ ବିକଳ୍ପକୁ ବୃଦ୍ଧିକରେ ।

ପୂର୍ବରୁ ଦ୍ରବ୍ୟ ଓ ସେବାର ଆଦାନ ପ୍ରଦାନ କରାଯାଉଥିଲା । ଯେଉଁ ବୁଣାକାର ଗହମ ନେବାକୁ ଚାହୁଁଥିଲେ ସେ ନିଜର ବୁଣାବସ୍ତ୍ର ଦେଇ ବା କୃଷକର ଭୂମିରେ କାମ କରି ପ୍ରତି ବଦଳରେ ଗହମ ନେଇପାରୁଥିଲା । ଏହାକୁ ପଣ୍ୟ ଦ୍ରବ୍ୟ ବିନିମୟ ପ୍ରଣାଳୀ କୁହାଯାଉଥିଲା । ଲୋକମାନଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ହେବାରୁ ଏବଂ ଉତ୍ପାଦନ ଅଧିକରୁ ଅଧିକ ଜଟିଳ ହେବାକୁ ଲାଗିବାରୁ ଲୋକମାନେ ଆଦାନ ପ୍ରଦାନର ଏକ ମାଧ୍ୟମ ରୂପେ ଏକ ଦ୍ରବ୍ୟକୁ ଗ୍ରହଣ କଲେ । କାଳକ୍ରମେ ଏହି ମାଧ୍ୟମ ମଧ୍ୟ ଅଧିକରୁ ଅଧିକ ଜଟିଳତର ହେବାକୁ ଲାଗିଲା । ତେଣୁ ଏହି ମାଧ୍ୟମ ଦ୍ରବ୍ୟ ପରିବର୍ତ୍ତେ ଏକ ଏପରି ବସ୍ତୁ ନିର୍ବାଚନ କଲେ ଯାହା ପରବର୍ତ୍ତୀ କାଳରେ ମୁଦ୍ରା ନାମରେ ନାମିତ ହେଲା । ଏହି ମୁଦ୍ରାର ନିଜସ୍ୱ କୌଣସି ମହତ୍ତ୍ୱ ନାହିଁ କାରଣ ଏହା କୌଣସି ଅଭାବ ଆବଶ୍ୟକତାକୁ ପ୍ରତ୍ୟକ୍ଷ ଭାବେ ପୂରଣ କରି ପାରେ ନାହିଁ । ମୁଦ୍ରାକୁ କ୍ଷୁଧା ନିବାରଣ ପାଇଁ ପ୍ରୟୋଗ କରାଯାଇପାରେ ନାହିଁ କି ଏହା ଆମକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଇପାରେ ନାହିଁ । ଗୋଟିଏ ବୁଡ଼ି ଯାଉଥିବା ଜାହାଜରେ କିଛି ପରିମାଣରେ ମୁଦ୍ରା କାହାରି ଅନ୍ତିମ ଜୀବନ ରକ୍ଷକ ନୌକାରେ ନିଜ ସ୍ଥାନ ଅନ୍ୟ ଜଣକୁ ଦେବା ପାଇଁ ପ୍ରଲୋଭିତ କରିପାରେ ନାହିଁ । ବିଦ୍ୟାର୍ଥୀମାନଙ୍କୁ ଏହା ସର୍ବଦା ମନେ ରଖିବା ଉଚିତଯେ ଯଦି କିଣିବା ପାଇଁ ଦ୍ରବ୍ୟ ବା ସେବା ନଥିବ ତେବେ ମୁଦ୍ରାର କୌଣସି ଉପଯୋଗ ନାହିଁ ଏବଂ ଏଥିପାଇଁ ମୁଦ୍ରାର ଇଚ୍ଛା ମଧ୍ୟ ଆମେ ରଖିବା ନାହିଁ । ମୁଦ୍ରାକୁ ମୁଦ୍ରା ପାଇଁ କେହି ଚାହାନ୍ତି ନାହିଁ । ମୁଦ୍ରାର ମହତ୍ତ୍ୱ ସେତେବେଳେ ରହିଥାଏ ଯେତେବେଳେ ଏହା ଦ୍ରବ୍ୟ ଓ ସେବାର ଆଦାନ ପ୍ରଦାନ ପାଇଁ ଉପଲବ୍ଧ ହୋଇଥାଏ । ଲୋକମାନଙ୍କ ପାଖରେ ପଡି ରହିଥିବା ମୁଦ୍ରାକୁ ଦ୍ୱିଗୁଣିତ କରିଦେଲେ ଉତ୍ପାଦିତ ଦ୍ରବ୍ୟର ପରିମାଣ ତଥା ସେବାର ପରିମାଣକୁ ଦ୍ୱିଗୁଣିତ କରାଯାଇପାରିନଥାଏ ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ ଆପଣ :

- ମୁଦ୍ରା କ'ଣ ଏହା ବର୍ଣ୍ଣନା କରିପାରିବେ ।
- ମୁଦ୍ରାର କାର୍ଯ୍ୟ କ'ଣ ଜାଣିପାରିବେ ।
- ମୁଦ୍ରାର ବିଭିନ୍ନ ପ୍ରକାରକୁ କହିପାରିବେ ।
- ବର୍ତ୍ତମାନ ସମୟରେ ବ୍ୟାଙ୍କିଙ୍ଗ୍‌ର ବିଭିନ୍ନ ଉପକରଣକୁ ବୁଝିପାରିବେ ।
- ବ୍ୟାଙ୍କ ଦ୍ୱାରା ପ୍ରତ୍ୟୟର ବର୍ଣ୍ଣନା କରିପାରିବେ ।
- ମୁଦ୍ରାର ଯୋଗାଣର ଘଟକଗୁଡ଼ିକର ବର୍ଣ୍ଣନା କରିପାରିବେ ।
- ମୁଦ୍ରାର ଯୋଗାଣ କିପରି ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ ତାହାର ବର୍ଣ୍ଣନା କରିପାରିବେ ।
- ମୁଦ୍ରାର ଯୋଗାଣକୁ ନିୟମିତ କରିବା ପାଇଁ ଆବଶ୍ୟକତାକୁ ଜାଣିପାରିବେ ।
- ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାର ଯୋଗାଣକୁ କିପରି ନିୟମିତ କରିଥାଏ ତାହା ବର୍ଣ୍ଣନା କରିପାରିବେ ।

ମୁଦ୍ରା କ'ଣ ?

ଯଦି ଆପଣଙ୍କୁ ପ୍ରଶ୍ନ କରାଯାଏ ଯେ ମୁଦ୍ରା କ'ଣ ? ତେବେ ଆପଣଙ୍କର ସମ୍ଭାବିତ ଉତ୍ତର ହେବ ଯେ ପଇସା ଓ ଟଙ୍କା (ନୋଟ୍) ଯାହାର ବ୍ୟବହାର ଆମେ ଆଗେ ବିଭିନ୍ନ ଦ୍ରବ୍ୟ ଓ ସେବାକୁ କିଣିବାରେ ଲଗାଇଥାନ୍ତି । ଏହା ଠିକ୍ ମଧ୍ୟ । କିନ୍ତୁ ଏଠାରେ ଏକ ଗହନ କଥାର ଆବଶ୍ୟକ ଅଛି । କଣ କାରଣ ଯେ ଏକ ସାଧାରଣ ଧାତୁ ବା କାଗଜ ଖଣ୍ଡିକୁ ମୁଦ୍ରା କରିଦେଇଛି । ଏହାର ଠିକ୍ ଉତ୍ତର ହେଉଛି ଯେ କାହିଁକି ସମସ୍ତ ଲୋକମାନେ ଦ୍ରବ୍ୟ ଓ ସେବାର ଆଦାନ ପ୍ରଦାନ ଏବଂ ଋଣ ନେବା ପାଇଁ ଓ ଦେବା ପାଇଁ ଏହାକୁ ମୁଦ୍ରା ରୂପରେ ସ୍ୱୀକାର କରୁଛନ୍ତି ? କ'ଣ ଆପଣ କେବେ ହେଲେ ଭାବିଛନ୍ତି ଯେ, ସୁନା ଓ ରୁପାକୁ ମୁଦ୍ରା ରୂପରେ କାହିଁକି ଗ୍ରହଣ କରାଯାଏ ନାହିଁ ? କାରଣ ସୁନା ଓ ରୁପାର ଶୁଦ୍ଧତାକୁ ପରୀକ୍ଷା କରିବା ଆବଶ୍ୟକ ହୋଇଥାଏ । ଏହା କେବଳ ଆଦାନ ପ୍ରଦାନ ପ୍ରକ୍ରିୟାକୁ ଧୀର କରାଏ ନାହିଁ ପରନ୍ତୁ ପ୍ରତ୍ୟେକଥର ଏହାକୁ ଆଦାନ ପ୍ରଦାନରେ ବ୍ୟବହାର କରିବା ପାଇଁ ଏହାର ଶୁଦ୍ଧତାକୁ ପରୀକ୍ଷା କରିବା ପାଇଁ ଖର୍ଚ୍ଚ କରିବାକୁ ପଡିଥାଏ । କିନ୍ତୁ ମୁଦ୍ରା ସହିତ ଏମିତି କିଛି ନାହିଁ କାରଣ ଏହାକୁ ସମସ୍ତେ ସ୍ୱୀକାର କରନ୍ତି । ଅତଏବ କୌଣସି ଦ୍ରବ୍ୟ ମଧ୍ୟ ଯାହାକୁ ଆଦାନପ୍ରଦାନ ଏବଂ ଋଣର ଦେୟର ସାଧନ/ମାଧ୍ୟମ

ରୂପରେ ବ୍ୟାପକ ଭାବରେ ସ୍ୱୀକାର କରାଯାଏ ତାହା ମୁଦ୍ରା ହୋଇପାରେ । ଯେକୌଣସି ଦ୍ରବ୍ୟ ଯାହା ଦୁର୍ଲଭ ହୋଇଥିବ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଚ୍ଛିତ କରି ରଖାଯାଇପାରିବ, ଯାହାର ଉପଯୋଗ ମୁଦ୍ରା ରୂପରେ କରାଯାଇପାରେ। ଏହା ସହଜରେ ବହନ ଯୋଗ୍ୟ ହେବା ଦରକାର ଏବଂ ସହଜରେ ବିଭାଜ୍ୟ ହୋଇପାରୁଥିବ । ମୁଦ୍ରାର ଚାରିଗୋଟି ପ୍ରମୁଖ କାର୍ଯ୍ୟ :

1) ବିନିମୟର ସାଧନ/ମାଧ୍ୟମ 2) ମୂଲ୍ୟର ମାନଦଣ୍ଡ

3) ସ୍ଥଗିତ ଦେୟର ମାପ 4) ମୂଲ୍ୟ ସଞ୍ଚୟ ।

21.2 ମୁଦ୍ରାର ପ୍ରକାର

ମାନବ ସଭ୍ୟତାର ବିକାଶ ସହିତ ମୁଦ୍ରାର ବିକାଶ ହୋଇ ଚାଲିଛି। ମୁଦ୍ରାର ଏହି ବିଭିନ୍ନ ରୂପ ବିଷୟରେ ଜାଣିବା ଆବଶ୍ୟକ ହେବ।

1) ବସ୍ତୁ ମୁଦ୍ରା : ଯେକୌଣସି ବସ୍ତୁ/ ଦ୍ରବ୍ୟ ଯାହାର ବ୍ୟବହାର ଦ୍ରବ୍ୟ ଓ ସେବାର ବିନିମୟ ପାଇଁ ବଡ଼ ଧରଣର ହୋଇଥିବ, ମୁଦ୍ରାର କାର୍ଯ୍ୟ କରିପାରୁଥିବ । ଯଥା- ସମୁଦ୍ର ଶାମୁକା, ଚର୍ମ ଓ ଚମଡା, ପଶୁ, ଖାଦ୍ୟଶସ୍ୟ ଇତ୍ୟାଦି ।

II) ଧାତୁମୁଦ୍ରା : ସୁନା, ରୂପା, ତମ୍ବା ଏବଂ ମିଶ୍ରିତ ଧାତୁ ଯଥା ନିକେଲ, ପିତ୍ତଳ ଇତ୍ୟାଦି ଧାତୁର ଉପଯୋଗ ମୁଦ୍ରା ରୂପରେ କରାଯାଇଥାଏ। ଏହାର ଉପଯୋଗର କାରଣ ଏଗୁଡିକର ସ୍ଥାୟୀତ୍ୱ, ବିଭାଜ୍ୟତା ଏବଂ ସମ ରୂପତା ରହିଥାଏ। ଏହି ମୁଦ୍ରା ମୋହର ରୂପରେ ହୋଇଥାଏ।

ଧାତୁମୁଦ୍ରା ପ୍ରତିନିଧି ବା ସାଙ୍କେତିକ ହୋଇପାରେ । ଯେତେବେଳେ ମୋହରର ଧାତୁର ମୂଲ୍ୟ ତହିଁରେ ଦର୍ଶାଯାଇଥିବା ମୂଲ୍ୟ ସହିତ ସମାନ ହୋଇଥାଏ ତାହାକୁ ପ୍ରତିନିଧି ମୁଦ୍ରା କୁହାଯାଏ ଏବଂ ଯେତେବେଳେ ମୁଦ୍ରାର ଧାତୁର ମୂଲ୍ୟ ସେଥିରେ ଦର୍ଶାଯାଇଥିବା ମୂଲ୍ୟଠାରୁ କମ୍ ହୋଇଥାଏ ତାହାକୁ ସାଙ୍କେତିକ ମୁଦ୍ରା କୁହାଯାଏ । ସଙ୍କେତିକ ମୁଦ୍ରା ଅଳ୍ପ ମୂଲ୍ୟର ମୋହର/ପଇସା ହୋଇଥାଏ ଯାହା ଦୈନନ୍ଦିନ ଆଦାନ ପ୍ରଦାନକୁ ସୁଚାରୁ ରୂପେ ଚଳାଇବା କାମରେ ଆସେ ।

III) କାଗଜ ମୁଦ୍ରା : କାଗଜରେ ତିଆରି ଏବଂ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ପ୍ରଚଳନ।

IV) ପ୍ରତ୍ୟୟ ମୁଦ୍ରା : ଚେକ୍, ବ୍ୟାଙ୍କ ଡ୍ରାଫ୍ଟ, ବିନିମୟ ପତ୍ର, ବଚନ ପତ୍ର (Promissing notes) ଇତ୍ୟାଦି ଏହି ପ୍ରତ୍ୟୟ/ଜମା ମୁଦ୍ରାର ଅନ୍ତର୍ଗତ ।

ଆଦାନ ପ୍ରଦାନରେ ବାସ୍ତବିକ ନୋଟ ବା ମୋହର ମୁଦ୍ରା (ପଇସା)ର ବ୍ୟବହାର ହୋଇପାରିବା ସ୍ଥିତିରେ ଦେୟ ନିମିତ୍ତ ଚେକ୍‌ର ପ୍ରୟୋଗ କରାହୁଏ । ଯେତେବେଳେ କେହି ବ୍ୟାଙ୍କରେ ମୁଦ୍ରା

ଜମା କରିଥାନ୍ତି, ବ୍ୟାଙ୍କ ତାଙ୍କ ନାମରେ ଗୋଟିଏ ଖାତା ଖୋଲିଥାନ୍ତି ଏବଂ ଜମାକାରୀଙ୍କୁ ଏକ ଚେକ୍ ବହି ଦେଇଥାନ୍ତି । ଏହି ଚେକ୍ ଦେୟ ଜମା କରିବା ପାଇଁ ଦିଆଯାଇଥାଏ। ଏକ ଚେକ୍ ଚିତ୍ର 21.2 ରେ ଦର୍ଶାଇ ଦିଆଯାଇଛି ।

Corporation Bankର ଏକ ପୂର୍ଣ୍ଣାଙ୍ଗ ଚେକ୍‌ର ଚିତ୍ର



ଚିତ୍ର 21.2 ଚେକ୍

ଚିତ୍ର ସଂ 21.2 ରେ କର୍ପୋରେସନ ବ୍ୟାଙ୍କର ଜମାକାରୀ "କୌଶଳ ଉଦ୍ୟୋଗ" ନାମରେ ଏକ ଚେକ୍ (ସଂ856485) 20,000 ଟଙ୍କାର ଦିଆଯାଇଛି । କୌଶଳ ଉଦ୍ୟୋଗ ଏହି ଚେକ୍‌ଟିକୁ ନିଜ ବ୍ୟାଙ୍କରେ ଜମା କରିବେ । ଯଦି ଏହା ରେଖାଙ୍କିତ ଚେକ୍ ବା ଜମାଖାତାରେ ଜମା ଚେକ୍ ହୋଇଥାଏ ତେବେ ଅର୍ଥର ପରିମାଣକୁ କୌଶଳ ଉଦ୍ୟୋଗର ଚେକ୍ ଖାତାକୁ ସ୍ଥାନାନ୍ତରିତ କରି ଦିଆଯିବ । ଯଦି ଏହା ଉଠାଣ ଚେକ୍ ତେବେ କୌଶଳ ଉଦ୍ୟୋଗ ବ୍ୟାଙ୍କରୁ ସିଧାସଳଖ ଅର୍ଥର ପରିମାଣକୁ ଉଠାଇ ନେଇପାରନ୍ତି । ଯଦି ଅନ୍ୟକୁ ଦେୟ ପରିଶୋଧ କରିବାକୁ ଥାଏ ତେବେ ରେଖାଙ୍କିତ ଚେକ୍‌ର ବ୍ୟବହାର ଅତ୍ୟନ୍ତ ସୁରକ୍ଷାତ୍ମକ ହୋଇଥାଏ କାରଣ ଏଥିରେ ପ୍ରାପ୍ତ କରିବା ବ୍ୟକ୍ତିର ଜମାଖାତା ଜଣାପଡିଥାଏ । ମାତ୍ର 'ବାହକ୍ ଚେକ୍'କୁ ପ୍ରମାଣିତ କରାଯାଇପାରେ ନାହିଁ ଏବଂ ଏହା ମାଧ୍ୟମରେ ଯେଉଁ ଲୋକ ପାଖରେ ଏହି ଚେକ୍‌ଟି ଥିବ ପଇସା ଉଠାଇ ନେଇପାରିବେ । ଯଦି ଚେକ୍ ଉପରେ କୌଶଳ ଉଦ୍ୟୋଗ ଲେଖାଥିବା ସ୍ଥାନରେ 'SELF' ବା ସ୍ୱୟଂ ଲେଖାଯାଇଥିବ ତେବେ ଏହା ଦ୍ୱାରା ବାହକ ଟଙ୍କା ଉଠାଇ ନେଇପାରିବ । ଏହି ପ୍ରକାରର ଚେକ୍‌କୁ ସ୍ୱୟଂ ବା self ଚେକ୍ କୁହାଯାଏ ।

ଚାହିଦା ଡ୍ରାଫ୍ଟ (Demand Draft)ର ଉପଯୋଗ ଦୃଢ ଓ ସୁରକ୍ଷିତ ଦେୟ ପାଇଁ ହୋଇଥାଏ। ନିର୍ଦ୍ଦିଷ୍ଟ ରୂପେ, ଦୂର ଦୂରାନ୍ତ କ୍ଷେତ୍ରରେ ଯେଉଁଠାରେ ବିକ୍ରେତା ଦେୟ ବିଷୟରେ ନିଶ୍ଚିତ ହୋଇନଥାନ୍ତି । ଡ୍ରାଫ୍ଟ ପ୍ରଚଳନ କରିବା ସୁବିଧା ପାଇଁ ବ୍ୟାଙ୍କ କିଛି ପରିମାଣରେ କମିଶନ ନେଇଥାଏ । ଏକ ବ୍ୟାଙ୍କ ଚେକ୍‌ର ଦେୟ ପାଇଁ ମନା କରିପାରେ ଯଦିବା ବାହକ ଖାତାରେ

ଅପର୍ଯ୍ୟାପ୍ତ ଅର୍ଥ ଥାଇପାରେ। ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଚାହିଦା ଡ୍ରାଫ୍ଟକୁ ରେଖାଙ୍କିତ କରାଯାଇପାରେ । ଚିତ୍ର 21.3ରେ ଏକ ଚାହିଦା ଡ୍ରାଫ୍ଟ ଦର୍ଶାଯାଇଛି ।



ଚିତ୍ର 21.3 ଆଦାୟ ଆଦେଶ

ବ୍ୟାଙ୍କର ଚେକ୍ ଅଥବା ଆଦାୟ ଆଦେଶର ବ୍ୟବହାର ଏକ ସହର ଭିତରେ ଦେୟ ପଇଠ କରିବାକୁ ହୋଇଥାଏ । ଏହା ଉପରେ ବ୍ୟାଙ୍କ ଚାହିଦା ଡ୍ରାଫ୍ଟ ତୁଳନାରେ କମ୍ କମିଶନ ନେଇଥାଏ। ବଡ଼ ଧନ ରାଶିର ହସ୍ତାନ୍ତର ପାଇଁ ଏହା ଏକ ସୁରକ୍ଷିତ ଉପକରଣ ବିନିମୟ ପତ୍ର ଭବିଷ୍ୟତରେ ପରିଶୋଧକୁ ବର୍ତ୍ତମାନ ବିନିମୟର ଦେୟ ପଇଠ କରିବାକୁ ପ୍ରୟୋଗ କରାଯାଇଥାଏ। ସେହି ସମୟର ଦେୟ ପଇଠ ବଦଳରେ ଦ୍ରବ୍ୟର ବିକ୍ରେତା କ୍ରେତାଙ୍କ ନାମରେ ଏକ ପତ୍ର (ହୁଣ୍ଡି) ପ୍ରଚଳନ କରିଥାନ୍ତି ଏବଂ କ୍ରେତାଙ୍କ ଠାରୁ ସ୍ୱୀକୃତି ପାଇଥାଏ ଯାହା ପରେ ନିଜ ବ୍ୟାଙ୍କ ଦ୍ୱାରା ଏହାକୁ ଅନୁମୋଦନ କରିଥାଏ। ଏହି ହୁଣ୍ଡି (ପତ୍ର)କୁ ସେଥିରେ ଲିଖିତ ସମୟ ପରେ କରାଯାଇପାରେ। ଯଦି କ୍ରେତାଙ୍କର ସେହି ସମୟରେ ଅର୍ଥର ଆବଶ୍ୟକତା ଥାଏ ତେବେ ଏହାକୁ ବ୍ୟାଙ୍କରୁ ଉଠାଯାଇପାରେ । ବ୍ୟାଙ୍କ ଏଥିରୁ କିଛି ଶତକଡ଼ା (ଧରି ନିଆଯାଉ ୧୫%) କାଟି ନେଇ ବାକି ମାତ୍ରା ଦ୍ରବ୍ୟର ବିକ୍ରେତାଙ୍କୁ ଦେୟ ପଇଠ କରି ଦିଅନ୍ତି । ଅତଏବ ଯଦି ହୁଣ୍ଡି ୧ ଲକ୍ଷ ଟଙ୍କାର ହୋଇଥାଏ ବିକ୍ରେତାଙ୍କୁ ତୁରନ୍ତ 85,000 ଟଙ୍କା ବ୍ୟାଙ୍କରୁ ମିଳିଥାଏ। ବିନିମୟପତ୍ର ଜରିଆରେ ବ୍ୟାଙ୍କ କମିଶନ ରୂପରେ 15,000 ଟଙ୍କା ଆୟ କରେ । ବ୍ୟାଙ୍କ ହୁଣ୍ଡିରେ ଲିଖିତ ଥିବା ସମୟ ପରେ ପାଉଣା ପାଇପାରେ ବା ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଅଧିକ କମ୍ ହାରରେ ଭଙ୍ଗାଇପାରେ । କାରଣ ବିନିମୟ ପତ୍ରକୁ ବ୍ୟାଙ୍କର ଅନୁମୋଦନ ମିଳିଥାଏ। ଏହାକୁ ବଜାରରେ ସହଜରେ କିଣା ବା ବିକାଯାଇପାରିଥାଏ।

ଇଲେକ୍ଟ୍ରୋନିକ୍ ମୁଦ୍ରା : (ବା ଇଲେକ୍ଟ୍ରୋନିକ୍ ପଇସା, ଡିଜିଟାଲ ମୁଦ୍ରା ବା ଡିଜିଟାଲ ପଇସା)ର ଅର୍ଥ ସେହି ମୁଦ୍ରା ସହିତ ଅଛି ଯାହାର ଆଦାନ ପ୍ରଦାନ ଇଲେକ୍ଟ୍ରୋନିକ ପଦ୍ଧତିରେ ହୋଇଥାଏ । ସାଧାରଣତଃ ଏଥିରେ କମ୍ପ୍ୟୁଟର ନେଟୱାର୍କ, ଇଣ୍ଟରନେଟ୍ ବା ଡିଜିଟାଲ ପ୍ରଣାଳୀରେ

ସଂଚିତ ମୂଲ୍ୟ ବ୍ୟବସ୍ଥାର ପ୍ରୟୋଗ ହୋଇଥାଏ। ଇଲେକ୍ଟ୍ରୋନିକ୍ କୋଷ ହସ୍ତାନ୍ତର (Electronic Fund Transfer, EFT, ପ୍ରତ୍ୟକ୍ଷ ଜମା (Direct deposit) ଇଲେକ୍ଟ୍ରୋନିକ ମୁଦ୍ରାର ଉଦାହରଣ । ତା ସହିତ ଏହା ବିତ୍ତୀୟ ସାଂକେତିକ ଲେଖନ ଏବଂ ଏହାକୁ ସମ୍ଭବ କରୁଥିବା କୌଶଳ (ଟେକ୍‌ନିକ୍)ର ସାମୁହିକ ନାମ ।

ଉପରୋକ୍ତ ବିଚାର ବିମର୍ଷରୁ ଗୋଟିଏ ବିଷୟ ପରିଷ୍କାର ଯେ ବ୍ୟାଙ୍କ ମୁଦ୍ରାର ଯେପରି ବିଭିନ୍ନ ପ୍ରକାରର ଉପକରଣର ନିର୍ମାଣ କରିଛି ଏବଂ ଏହାର ବିନା ବାଧାର ପ୍ରବାହ ପାଇଁ ଉତ୍ତର ଦାୟୀ। ଏହା ନୋଟ ତଥା ପଇସାର ସୀମିତ ପରିମାଣ ରଖିଥାଏ ଏବଂ ଏହାକୁ ଅନେକ ଗୁଣ ବଢାଇ ଦେଇଥାଏ। ଏହା ଆର୍ଥିକ ଗତିବିଧିକୁ ସୁଗମ ଏବଂ ବିସ୍ତୃତ କରିଥାଏ । ଆଗାମୀ ଅଧ୍ୟାୟରେ ଆମେ ମୁଦ୍ରାର ପରିମାଣ ବିଷୟରେ ଜାଣିପାରିବା ।

ପାଠ୍ୟଗତ ପ୍ରଶ୍ନ 21.1

କ) ଉଚିତ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର :

(I) ମୁଦ୍ରା ଏପରି ବସ୍ତୁ ଯାହା ସମସ୍ତଙ୍କ ଦ୍ୱାରା ବିନିମୟର ସାଧନ ରୂପରେ .... କରାଯାଇଛି। (ସ୍ୱୀକାର /ଅସ୍ୱୀକାର)

(II) ମୁଦ୍ରାର.....................ଟି ପ୍ରାଥମିକ କାର୍ଯ୍ୟ ଅଛି । (ସାତ /ଚାରି)

(III) ଚେକ୍, ଆଦାୟ ଆଦେଶ, ଡ୍ରାଫ୍ଟ, ବିନିମୟ ପତ୍ର ଏଗୁଡିକ .... ମୁଦ୍ରାର ପ୍ରକାର । (ପ୍ରତ୍ୟୟ ଜମା/ବ୍ୟାଙ୍କ)

(IV) .... ମୁଦ୍ରା, ମୁଦ୍ରାର ଉକ୍ତ ପ୍ରକାର ଯାହା କମ୍ପ୍ୟୁଟର ନେଟୱାର୍କର ବ୍ୟବହାର ଦ୍ୱାରା ସକ୍ରିୟ ହୋଇଥାଏ । (ଡିଜିଟାଲ/ ନେଟ୍)

(V) .... ମୁଦ୍ରା ଭଳି କେତେକ ଉପକରଣକୁ ସୃଷ୍ଟି କରିଥାଏ । (ବ୍ୟାଙ୍କ/ ଜନତା)

(ଖ) ଠିକ୍/ଭୁଲ କୁହ :

1) ମୁଦ୍ରାର ଅନ୍ତର୍ଗତ କେବଳ ନୋଟ୍ ଓ ପଇସା ଅଟେ।

2) ମୁଦ୍ରା ଅନେକ ଦିନ ପର୍ଯ୍ୟନ୍ତ ମୂଲ୍ୟ ସଂଚୟ କରିପାରେ ।

3) ବ୍ୟାଙ୍କ ଚେକ୍ ମୁଦ୍ରାର ଏକ ପ୍ରକାର ନୁହେଁ।

4) ଏକ ଚାହିଦା ଡ୍ରାଫ୍ଟର ବ୍ୟବହାର ସୁରକ୍ଷିତ ଦେୟ ପଇଠ ପାଇଁ କରାଯାଇଥାଏ ।

5) ଭାରତରେ ଇଲେକ୍ଟ୍ରୋନିକ୍ ମୁଦ୍ରାକୁ ସ୍ୱୀକାର କରାଯାଏ ନାହିଁ ।

21.3 ନଗଦପ୍ରାପ୍ତ ମୁଦ୍ରା ଦ୍ୱାରା ବ୍ୟାଙ୍କ କ'ଣ କରିଥାଏ

ନଗଦ ପ୍ରାପ୍ତ ମୁଦ୍ରା ଯୋଗୁଁ ବ୍ୟାଙ୍କ ପ୍ରତ୍ୟୟ/ଜମା ନିର୍ମାଣ କରିଥାଏ । ଏହି ପ୍ରକ୍ରିୟା ଅତ୍ୟନ୍ତ ରୁଚିକର ଓ ସାଧାରଣ ମଧ୍ୟ । ଏହାର ମୌଳିକ ସିଦ୍ଧାନ୍ତ ଏହା ଯେ, ଯେଉଁ ଲୋକ ନଗଦ ଜମା କରାନ୍ତି ତାଙ୍କୁ ଏହାର ଆବଶ୍ୟକ ଏକ ସମୟରେ ପଡିନଥାଏ । ମନେ କରନ୍ତୁ ଯେ ଶ୍ରୀ ଯୋଗେଶଙ୍କ ପାଖରେ ୧ ଲକ୍ଷ ଟଙ୍କା ନଗଦ ରାଶି ଅଛି ଯାହା ନିକଟ ଭବିଷ୍ୟତରେ ତାଙ୍କର ଆବଶ୍ୟକ ନାହିଁ, ଏଥିପାଇଁ ଶ୍ରୀ ଯୋଗେଶ ବ୍ୟାଙ୍କ ଯାଇ ୧ ଲକ୍ଷ ଟଙ୍କାର ରାଶି ନିଜ ଜମା ଖାତାରେ ଜମା କରିଦେଲେ । ବ୍ୟାଙ୍କ ୨୦,୦୦୦ ଟଙ୍କାକୁ ସଂରକ୍ଷିତ ନଗଦ (Cash Reserve) ରୂପରେ ରଖିଲେ (ଧରି ନିଅନ୍ତୁ ଯେ ବ୍ୟାଙ୍କର ଚାହିଦା ଜମା (Demand Deposit)ର ୨୦ ଶତକଡ଼ା ସଂରକ୍ଷିତ ନଗଦ ରୂପରେ ରଖିବାକୁ ପଡେ) ଏବଂ 80,000 ଟଙ୍କା ଶ୍ରୀମତୀ ଅନୀତାଙ୍କୁ ଋଣ ଦେଲେ । ଶ୍ରୀମତୀ ଅନୀତା ଏହି 80,000 ଟଙ୍କା ନେଇ ନିଅନ୍ତି ଏବଂ ନୁପୁରକୁ ଦେୟ ପଇଠ କରି ଦିଅନ୍ତି ଏବଂ ନୁପୁର ଏହାକୁ ନିଜ ଜମା ଖାତା ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଜମା କରିଦିଅନ୍ତି । ଭାରତୀୟ ଷ୍ଟେଟ ବ୍ୟାଙ୍କ ଏହି ରାଶିର ୨୦ ଶତାକଡ଼ା ସଂରକ୍ଷିତ ନଗଦ ରୂପରେ ରଖିଦେଇ ବାକି 64,000 ଟଙ୍କା ଋଣ ଦେଇ ଦିଅନ୍ତି । ଏହି ଋଣ ନିଅନ୍ତି ଶ୍ରୀ ରାୟ । ସେ ଏହାର ବ୍ୟବହାର କରିଥାନ୍ତି । ଶ୍ରୀ ରାୟ ନିଜ ପାଇଁ ଆବଶ୍ୟକ ମାଲ ପଠାଉଥିବା ଶ୍ରୀ ହରିଶଙ୍କୁ ଦେୟ ପଇଠ କରି ଦିଅନ୍ତି । ଏହା ପରେ ସେ ଏହି ରାଶିକୁ ନିଜ ଆନ୍ଧ୍ର ବ୍ୟାଙ୍କରେ ଥିବା ଖାତାରେ ଜମା କରି ଦିଅନ୍ତି । ଆନ୍ଧ୍ର ବ୍ୟାଙ୍କ ପୁଣି ତାହା ହିଁ କରିଥାଏ, ୨୦ ଶତକଡ଼ା ଅର୍ଥାତ୍ 12,800 ଟଙ୍କା ରଖି ବଳକା 51,200 ଟଙ୍କାକୁ କୌଣସି ଆବେଦନକାରୀଙ୍କୁ ଋଣ ଦେଇଦିଅନ୍ତି । ଏହିପରି ଚାଲିଥାଏ ଯେତେବେଳ ପର୍ଯ୍ୟନ୍ତ ୧ ଲକ୍ଷ ଟଙ୍କାର ପ୍ରାରମ୍ଭିକ ଜମାରାଶିର ହସ୍ତାନ୍ତର ପ୍ରତ୍ୟୟ/ଜମା ନିର୍ମାଣ ପ୍ରକ୍ରିୟା ଯୋଗୁଁ ବ୍ୟାଙ୍କ ଜମା ରାଶି ରୂପରେ ବିଭିନ୍ନ ବ୍ୟାଙ୍କରେ ହୋଇ ଚାଲିଥାଏ । ଏହିପରି ଆପଣ ଦେଖିବାକୁ ପାଇବେ ଯେ ବ୍ୟାଙ୍କ ବାସ୍ତବିକ ନଗଦ ଠାରୁ ଅନେକ ଗୁଣ ଅଧିକ ପ୍ରତ୍ୟୟ ବା ଋଣର ନିର୍ମାଣ କରିଥାନ୍ତି ଏବଂ ଆର୍ଥିକ ଗତିବିଧିକୁ ଅଧିକ ସୁଗମ କରିଥାନ୍ତି । ଧାର କରଜ ବୀନା ଶ୍ରୀମତୀ ଅନୀତା, ନୁପୁର, ଶ୍ରୀ ରାୟ ଏବଂ ଶ୍ରୀ ହରିଶ ନିଜ ନିଜର ନେଣ-ଦେଣରେ ସଫଳ ହୋଇପାରିନଥାନ୍ତେ ।

ଏହିପରି ବ୍ୟାଙ୍କରେ ଜମା କରାଯାଉଥିବା ମୁଦ୍ରା କେବଳ ଯେ ଜମାକର୍ତ୍ତାକୁ ସୁଧ ପାଇବାରେ ସହାୟକ ହୁଏ ତାହା ନୁହେଁ, ପରନ୍ତୁ ଏହି ମୁଦ୍ରାର ପ୍ରବାହକୁ ଏହାର ବାସ୍ତବିକ ମୂଲ୍ୟ ଠାରୁ ଅନେକ ଗୁଣ ଅଧିକ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହାକୁ ପ୍ରତ୍ୟୟ ନିର୍ମାଣ ବା ଜମା ନିର୍ମାଣ କୁହାଯାଏ । ପ୍ରତ୍ୟେକ ଜମାରାଶି ପ୍ରତ୍ୟୟ/ଜମାର ନିର୍ମାଣ କରିଥାଏ ଯେଉଁ ଜମାରାଶିକୁ ଅଧିକ ଆଗକୁ ବଢାଇଥାଏ ତଥା ପ୍ରତ୍ୟୟର ନିର୍ମାଣ ହୋଇଥାଏ ।

21.4 ମୁଦ୍ରାର ଯୋଗାଣର ଅର୍ଥ ଓ ନିୟନ୍ତ୍ରଣ

ପୂର୍ବ ପଠିତ ଅନୁଚ୍ଛେଦରୁ ଆମେମାନେ ବୁଝିପାରିଲେ ଯେ ବ୍ୟାଙ୍କ କିପରି ଅର୍ଥ ବ୍ୟବସ୍ଥାରେ

ଉପଲବ୍ଧ ବାସ୍ତବିକ ନଗଦ ଠାରୁ ଅନେକ ଅଧିକ ପ୍ରତ୍ୟୟ ମୁଦ୍ରାର ନିର୍ମାଣ କରିଥାନ୍ତି । ଯଦି ଆମେ ଅନ୍ତିମ ଜମାରାଶି ପର୍ଯ୍ୟନ୍ତ ଗଣନା କରନ୍ତି ତେବେ ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାର ପ୍ରତ୍ୟୟ ରାଶି ନିର୍ମାଣ ହେବ । ତଥାପି ଏହା ଲୋକମାନଙ୍କର ନଗଦ ଜମା ରଖିବା ପ୍ରବୃତ୍ତି ଏବଂ ବୈଧାନିକ ତରଳତା ଅନୁପାତ Statutory Liquidity Ration(SLR) ବା ସଂରକ୍ଷିତ ନଗଦ କୋଷ ଅନୁପାତ (Cash Reserve Ratio (CRR) ଇତ୍ୟାଦି ଉପରେ ନିର୍ଭର କରିଥାଏ । ସଂରକ୍ଷିତ ନଗଦ କୋଷ ଅନୁପାତର ହ୍ରାସ ହେବାର ଅର୍ଥ ବ୍ୟାଙ୍କ ପାଖରେ ଅଧିକ ନଗଦ ଏବଂ ଯାହା ଫଳରେ ଅଧିକ ପ୍ରତ୍ୟୟ ନିର୍ମାଣ । ଏଥିପାଇଁ ପ୍ରଚଳନରେ ମୋଟ ମୁଦ୍ରା, ବାସ୍ତବିକ ନଗଦ ଏବଂ ନୋଟ ଠାରୁ ସର୍ବଦା ଅଧିକ ହୋଇଥାଏ ।

ଅର୍ଥ ବ୍ୟବସ୍ଥାରେ ମୁଦ୍ରାର ଯୋଗାଣର ଅର୍ଥ ଜନତାଙ୍କ ପାଖରେ ଥିବା ମୁଦ୍ରାର ପରିମାଣରେ ହିଁ ଥାଏ ଯାହା ଏକ ସମୟ ବିନ୍ଦୁ ଉପରେ ଅର୍ଥ ବ୍ୟବସ୍ଥାରେ ପ୍ରଚଳିତ ହୋଇଥାଏ । M_1 ମୁଦ୍ରାର ସଂକ୍ଷିପ୍ତ ପରିଭାଷା । M_1 ବ୍ୟବସାୟିକ ବ୍ୟାଙ୍କ ପାଖରେ ରଖାଯାଇଥିବା ନଗଦ ରାଶି ଏବଂ ଚାହିଦା ଜମା (Demand deposit)ର ସମଷ୍ଟି ।

M_1= ଜନତାଙ୍କ ପାଖରେ ଥିବା ନଗଦ ରାଶି + ବ୍ୟାଙ୍କ ପାଖରେ ଥିବା ଚାହିଦା ଜମା ।

ଉପରୋକ୍ତ ଅବଧାରଣା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରୟୋଗ କରାଯାଉଥିବା ମୁଦ୍ରାର ଯୋଗାଣର ସବୁଠାରୁ ସଂକୀର୍ଣ୍ଣ ପରିଭାଷା ଅଟେ । ଅନ୍ୟଗୁଡିକ ଯଥା M_2, M_3 ଏବଂ M_4ର ମଧ୍ୟ ପ୍ରୟୋଗ ହୋଇଥାଏ । କିନ୍ତୁ ଏସବୁ ବ୍ୟବସାୟିକ ବ୍ୟାଙ୍କଗୁଡିକର ସଂରକ୍ଷିତ ନଗଦକୁ ଅନ୍ତର୍ଭୁକ୍ତ କରନ୍ତି ନାହିଁ ।

ପାଠ୍ୟଗତ ପ୍ରଶ୍ନ 21.2

(1) ସର୍ବୋତ୍ତମ ଠିକ୍ ଉତ୍ତରଟି ବାଛ ।

(i) ବ୍ୟାଙ୍କରେ ଜମା ହେଉଥିବା ମୁଦ୍ରା :

(କ) ସୁଧ କମାଏ

(ଖ) ବ୍ୟାଙ୍କ ପ୍ରତ୍ୟୟର ନିର୍ମାଣରେ ସହାୟକ ହୁଏ

(ଗ) ଆର୍ଥିକ ଗତିବିଧିକୁ ବଢାଏ

(ଘ) ଉପରୋକ୍ତ ସମସ୍ତ ।

(ii) ଦେଶର ମୁଦ୍ରା ଯୋଗାଣରେ କ'ଣ ଅନ୍ତର୍ଭୁକ୍ତ ଅଟେ ?

(କ) ଜନତା ଓ ବ୍ୟାଙ୍କ ପାଖରେ ଥିବା ନୋଟ ଓ ମୋହର ପଇସା ।

(ଖ) ବ୍ୟବସାୟିକ ବ୍ୟାଙ୍କଗୁଡିକର ଚାହିଦା ଜମାରାଶି ।

(ଗ) ନୋଟ ଓ ମୋହର ମୁଦ୍ରା ଓ ବ୍ୟବସାୟିକ ବ୍ୟାଙ୍କ ପାଖରେ ଥିବା ଚାହିଦା ଜମା ରାଶି

(ଘ) ଉପରୋକ୍ତ କେଉଁଟି ନୁହେଁ ।

(iii) ବ୍ୟବସାୟିକ ବ୍ୟାଙ୍କ ଦ୍ୱାରା ଜମା ରାଶିର ନ୍ୟୂନତମ ପ୍ରତିଶତର ନଗଦ ରୂପରେ ରଖିବାକୁ କୁହାଯାଏ ।

(କ) ବୈଧାନିକ ରାଶି ଅନୁପାତ

(ଖ) ସଂରକ୍ଷିତ ନଗଦ କୋଷ ଅନୁପାତ

(ଗ) ବୈଧାନିକ ତରଳତା ଅନୁପାତ (SLR)

(ଘ) ଦିଆଯାଇଥିବା ଋଣ ଅନୁପାତ ।

21.5 ମୁଦ୍ରା ଯୋଗାଣର ନିୟନ୍ତ୍ରଣ କରିବା ଦରକାର କି ?

ସାଧାରଣ ଭାବେ ପ୍ରତ୍ୟେକ ବ୍ୟକ୍ତି ଏକ ବିଶେଷ ସମୟ ବିନ୍ଦୁ ଉପରେ ମୁଦ୍ରାର ଏକ ବିଶେଷ ପରିମାଣ ରଖିଥାନ୍ତି । ଏହି ପରିମାଣ ଯାହା ସେ ରଖିବାକୁ ଚାହାନ୍ତି ତାଙ୍କ ଆୟ ଓ ବ୍ୟୟର ପ୍ରବୃତ୍ତି ଉପରେ ନିର୍ଭର କରେ । ଯାହା ପାଖରେ ଅଧିକ ଆୟ ଅଛି ଏବଂ ଯିଏ ସାଧାରଣ ଭାବେ ଅନେକ କିଣା କିଣି କରିଥାନ୍ତି, ସାଧାରଣତଃ ସେ ନିଜ ପାଖରେ ଅଧିକ ମୁଦ୍ରା ରଖିବାକୁ ପସନ୍ଦ କରିଥାନ୍ତି ।

ଲୋକମାନଙ୍କ ପାଖରେ ପଡି ରହିଥିବା ମୁଦ୍ରା ସାଧାରଣତଃ ଦ୍ରବ୍ୟ ଏବଂ ସେବା କ୍ରୟ କରିବାରେ ଖର୍ଚ୍ଚ କରାଯାଇଥାଏ । ବ୍ୟକ୍ତି ଏହାକୁ ଉପଭୋଗର ଦ୍ରବ୍ୟ ଓ ସେବା (ବସ୍ତ୍ର, ଯାତ୍ରା, ବିଛଣା, କାର ଇତ୍ୟାଦି) ବା ପୁଞ୍ଜିଗତ ଦ୍ରବ୍ୟ (ଘର ବା ଅନ୍ୟ ସମ୍ପତ୍ତି ଇତ୍ୟାଦି) କିଣିବାକୁ ବ୍ୟବହାର କରିଥାନ୍ତି । ଅତଏବ ଯଦି ଲୋକଙ୍କ ପାଖରେ ଅତିରିକ୍ତ ନଗଦ ରାଶି ଥାଏ, ସେମାନେ ତାହାକୁ ଉପଭୋଗ ବା ବିନିଯୋଗ/ନିବେଶ ପାଇଁ ବ୍ୟବହାର କରିଥାନ୍ତି । ଏହି ଅର୍ଥ ବ୍ୟବସ୍ଥାରେ ଦ୍ରବ୍ୟ ଓ ସେବାରେ ଯୋଗାଣରେ କୌଣସି ପରିବର୍ତ୍ତନ ନହେଉ । ଅନ୍ୟପକ୍ଷରେ ଯଦି ଲୋକଙ୍କ ପାଖରେ ଥିବା ମୁଦ୍ରାର ଅଭାବ ହୁଏ ତେବେ ସେମାନଙ୍କର ଦ୍ରବ୍ୟ ଓ ସେବା ପାଇଁ ଚାହିଦାରେ ହ୍ରାସ ଘଟିବ । ସାଧାରଣ ମୂଲ୍ୟ ସ୍ତର ମଧ୍ୟ କମିଯିବ । ଏହିପରି ଭାବେ ଆମେ ପାଆନ୍ତି ଯେ ମୁଦ୍ରା ଯୋଗାଣରେ ବୃଦ୍ଧି ବା ହ୍ରାସ ଫଳରେ ମୂଲ୍ୟ ସ୍ତରରେ ମଧ୍ୟ ବୃଦ୍ଧି ବା ହ୍ରାସ ହୋଇଯାଇଥାଏ ।

ମୂଲ୍ୟରେ ଅଧିକ ଉତ୍ଥାନ-ପତନ ଅର୍ଥ ବ୍ୟବସ୍ଥା ପାଇଁ ଭଲ ନୁହେଁ । ମୁଦ୍ରା ଯୋଗାଣରେ ପରିବର୍ତ୍ତନ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରେ । ଅତଏବ ମୁଦ୍ରା ଯୋଗାଣ ଉପରେ ଦୃଷ୍ଟି ରଖି ଆମେ ମୂଲ୍ୟରେ ଅତ୍ୟଧିକ ଉତ୍ଥାନ-ପତନକୁ ନିୟନ୍ତ୍ରଣ କରିପାରିବା । ବ୍ୟାଙ୍କିଙ୍ଗ ପ୍ରଣାଳୀ ଦ୍ୱାରା ମୁଦ୍ରାର ଯୋଗାଣ ଉପରେ ନିୟନ୍ତ୍ରଣ ରଖିବା ଯେକୌଣସି ଦେଶର କେନ୍ଦ୍ରୀୟ ବ୍ୟାଙ୍କର ଏକ ପ୍ରମୁଖ ଭୂମିକା ହୋଇଥାଏ (ଭାରତରେ ଏହି କେନ୍ଦ୍ରୀୟ ବ୍ୟାଙ୍କ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ)

21.6 ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ଯୋଗାଣ ଉପରେ ନିୟନ୍ତ୍ରଣର ଭୂମିକା

ମୁଦ୍ରା ଯୋଗାଣର ତିନୋଟି ଉପାଦାନ ଅଛି । ନୋଟ, ମୋହର ପଇସା ଓ ଚାହିଦା ଜମା ରାଶି । ନୋଟ ପ୍ରଚଳନ କରିବା ଦାୟିତ୍ୱ କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କର । ପଇସା ଓ ଏକ ଟଙ୍କିଆ ନୋଟ ଯୋଗାଣର ଉତ୍ତର ଦାୟିତ୍ୱ ସରକାରଙ୍କ ବିତ୍ତ ମନ୍ତ୍ରାଳୟର । ପରନ୍ତୁ ଏହା ମୋଟ ମୁଦ୍ରା ଯୋଗାଣର ଏକ ଛୋଟ ଅଂଶ । ଜମା ରାଶିର ନିର୍ମାଣ ବ୍ୟାଙ୍କ ଦ୍ୱାରା ହୋଇଥାଏ ଏବଂ ଏହା ଯେପରି ଆମେ ଉପରୁ ଦେଖିଲେ, ମୋଟ ମୁଦ୍ରା ଯୋଗାଣର ଏକ ବଡ଼ ଅଂଶ । ବ୍ୟାଙ୍କ ଯାହାର ଉଦ୍ଦେଶ୍ୟ ଲାଭ ପାଇବା, ପ୍ରତ୍ୟୟ ମୁଦ୍ରା ନିର୍ମାଣ କରିବା ଓ ଏହାକୁ ନିୟନ୍ତ୍ରିତ କରିବାକୁ ରଚି ରଖେ ନାହିଁ, କିନ୍ତୁ ଅଧିକ ସୁଧ ପାଇବା ପାଇଁ ସେମାନଙ୍କ ପ୍ରତ୍ୟୟ ନିର୍ମାଣ ଉପରେ ଅଙ୍କୁଶ ଲଗାଇବା ପରେ ସେମାନେ ନିୟନ୍ତ୍ରଣ ବାହାରକୁ ଚାଲିଯିବେ ।

ବ୍ୟବସାୟିକ ବ୍ୟାଙ୍କ କେତେ ପରିମାଣରେ ଋଣ ଦେଇପାରିବେ ତାହା ବିଭିନ୍ନ ବିଷୟ ଉପରେ ନିର୍ଭର କରେ । ଏହି ବିଭିନ୍ନ ବିଷୟ ଯାହା ବ୍ୟବସାୟିକ ବ୍ୟାଙ୍କ ପ୍ରତ୍ୟୟ ନିର୍ମାଣ ଶକ୍ତିକୁ ନିୟନ୍ତ୍ରିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିମ୍ନଲିଖିତ ଉପକରଣଗୁଡିକୁ ବ୍ୟବହାର କରିଥାଏ ।

(କ) ବ୍ୟାଙ୍କ ଦର ନୀତି : ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ଦରରେ ସଦସ୍ୟ ବ୍ୟାଙ୍କଗୁଡିକୁ ବିଲ୍‌ପତ୍ର ବଦଳରେ ଋଣ ଦେଇଥାଏ । ଏହି ଦର ଯେତେବେଳେ ବୃଦ୍ଧି ପାଏ ବ୍ୟାଙ୍କ ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଋଣ ନେଉଥିବା ହତୋତ୍ସାହିତ ହୁଅନ୍ତି ଏବଂ ଏହିପରି ମୁଦ୍ରା ଯୋଗାଣ କମ୍ ହୋଇଯାଏ ।

(ଖ) ମୁକ୍ତ ବଜାରର କାର୍ଯ୍ୟାବଳୀ : ଯେତେବେଳେ ସରକାରଙ୍କର ମୁଦ୍ରାର ଆବଶ୍ୟକ ହୁଏ, ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଧାର ନେଇଥାନ୍ତି । ସରକାର ପ୍ରତିଭୂତି ପ୍ରଚଳନ କରନ୍ତି ଯେଉଁଗୁଡିକ ନୂତନ ନୋଟ ବଦଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା କିଣି ନିଆଯାଏ । ଏହାକୁ ଲୋକ ବିତ୍ତର ମୌଦ୍ରିକୀକରଣ କୁହାଯାଏ । ଯେତେବେଳେ ସରକାର ଏହାକୁ ଲୋକଙ୍କ ପାଇଁ ଖର୍ଚ୍ଚ କରିଥାନ୍ତି ସେତେବେଳେ ଅର୍ଥବ୍ୟବସ୍ଥାରେ ମୁଦ୍ରାର ଯୋଗାଣ ବୃଦ୍ଧି ହୋଇଯାଏ । ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରତିଭୂତିଗୁଡିକୁ ନିଜର ସଦସ୍ୟ ବ୍ୟାଙ୍କ ଏବଂ ଜନସାଧାରଣଙ୍କୁ ବିକିଦିଏ । ଯେତେବେଳେ ବ୍ୟାଙ୍କ ଏଗୁଡିକୁ କିଣିନିଏ ତାର ସଂରକ୍ଷିତ ନଗଦ ରାଶି କମ୍ ହୋଇଯାଏ, ଫଳତଃ ତାହାର ଋଣ ଦେବାର କ୍ଷମତା ମଧ୍ୟ କମ୍ ହୋଇଯାଏ । ଏହିପରି ମୁଦ୍ରାର ଯୋଗାଣ ହ୍ରାସ ହୋଇଯାଏ ।

(ଗ) ସଂରକ୍ଷିତ ନଗଦ କୋଷ ଅନୁପାତ : ବ୍ୟାଙ୍କକୁ ନିଜର ମୋଟ ଚାହିଦା ଏବଂ ଅବଧି ଜମା ରାଶିର ଏକ ବିଶେଷ ଶତକଡ଼ା ନଗଦ ରୂପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ରଖିବାକୁ ପଡେ । ଏହାକୁ ସଂରକ୍ଷିତ ନଗଦକୋଷ ଅନୁପାତ ବା CRR କୁହାଯାଏ । ଯଦି ସଂରକ୍ଷିତ ନଗଦ କୋଷ ଅନୁପାତରେ ହ୍ରାସ କରାଯାଏ ତେବେ ବ୍ୟାଙ୍କ ଅଧିକରୁ ଅଧିକ ଋଣ ଦେଇପାରିଥାଏ ଏବଂ ଯେତେବେଳେ ବୃଦ୍ଧି କରାଯାଏ ବ୍ୟାଙ୍କ କମ୍ ଋଣ ଦେଇପାରେ । ଏହାଦ୍ୱାରା ମୁଦ୍ରା ଯୋଗାଣରେ ହ୍ରାସ ଆସେ । ବ୍ୟବସାୟିକ ବ୍ୟାଙ୍କ ଦ୍ୱାରା ପ୍ରତ୍ୟୟ ନିର୍ମାଣକୁ ନିୟନ୍ତ୍ରିତ କରିବାକୁ ତଥା ଅନ୍ୟ ଅଲଗା ବୈଧାନିକ ସଂରକ୍ଷିତ ଅନୁପାତର ଉପଯୋଗ କରିଥାଏ ।

ଏହା ବ୍ୟତୀତ ଭାରତୀୟ ରିଜର୍ଭ ବ୍ୟାଙ୍କ ଅନ୍ୟ ନିୟନ୍ତ୍ରଣର ମଧ୍ୟ ବ୍ୟବହାର କରିଥାଏ ଯଥା : (ଘ) ସୀମାନ୍ତଭୁକ୍ତ ଜମାନତ ମୂଲ୍ୟ (Security value)ର ଏକ ଶତକଡ଼ା ଯାହାକୁ ଋଣଗ୍ରାହୀଙ୍କୁ ବ୍ୟାଙ୍କ ପାଖରେ ରଖିବାକୁ ପଡିଥାଏ । ଯେପରି ଏକ ଫାର୍ମ ୧୦ ଲକ୍ଷର ଅମାନତ ଠିକ୍ କରିଥାନ୍ତି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ (Margin Requiirement) ୪୦ ଶତକଡ଼ା ସେତେବେଳେ ଏହି ଉତ୍ପାଦକ କେବଳ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରନ୍ତି । ମାରଜିନ୍ ପ୍ରଦତ୍ତରେ ବୃଦ୍ଧିରେ ମୁଦ୍ରାର ଯୋଗାଣରେ ହ୍ରାସ ଆସେ । ଏହି ଅମାନତ ରାଶି ବଦଳରେ ମିଳିବାକୁ ଥିବା ଋଣକୁ ନିୟନ୍ତ୍ରଣ କରିବାକୁ ଏକ ପ୍ରଭାବଶାଳୀ ଉପକରଣ ।

(ଙ) ନିର୍ଦ୍ଧାରିତ ପ୍ରତ୍ୟୟ ନିୟନ୍ତ୍ରଣ : ଭାରତୀୟ ରିଜର୍ଭ ବ୍ୟାଙ୍କ ସକାରାତ୍ମକ ସାଧନ ଯଥା କମ୍ ସୁଧହାର, ଶୂନ୍ୟ ନଗଦ ଦେୟ ପଇଠ ଇତ୍ୟାଦିର ଉପଯୋଗ କରି ପ୍ରତ୍ୟୟଗୁଡ଼ିକୁ ବିଶେଷ କ୍ଷେତ୍ରରେ ପ୍ରବାହିତ କରିପାରନ୍ତି । ଅଧିକ ସୁଧଦର ବା କମ୍ ସମୟରେ ଋଣ ଚୁକ୍ତି, ଋଣର ପ୍ରବାହକୁ ପ୍ରତ୍ୟୟ କ୍ଷେତ୍ର ଆଡକୁ ବାଧଦେବା ନକାରାତ୍ମକ ଉପାୟ ।

(ଚ) ନୈତିକ ନିର୍ଦ୍ଦେଶ : ଭାରତୀୟ ରିଜର୍ଭ ବ୍ୟାଙ୍କ ନିଜ ସଦସ୍ୟ ବ୍ୟାଙ୍କକୁ ନିଜର ପ୍ରତ୍ୟୟ ମନାଇବା ପାଇଁ ଆଗ୍ରହ କରିପାରନ୍ତି । ଭାରତରେ ମୁଦ୍ରା ଯୋଗାଣକୁ କେନ୍ଦ୍ରୀୟ ବ୍ୟାଙ୍କ (RBI) ନିୟନ୍ତ୍ରିତ କରିଥାନ୍ତି ।

ପାଠ୍ୟଗତ ପ୍ରଶ୍ନ 21.3

I) 'କ' ସହିତ 'ଖ'ର ସ୍ତମ୍ଭ ମିଳନ କର :

(ସ୍ତମ୍ଭ-କ)	(ସ୍ତମ୍ଭ-ଖ)
i) ମୁଦ୍ରା ଯୋଗାଣର ନିୟନ୍ତ୍ରକ	(କ) ମୂଲ୍ୟ ଦରରେ ବୃଦ୍ଧି
ii) ଆୟରେ ବୃଦ୍ଧି ଦ୍ୱାରା	(ଖ) ୧ ଟଙ୍କାକୁ ଛାଡ଼ି ସମସ୍ତ ନୋଟ
iii) ଚାହିଦାରେ ବୃଦ୍ଧି ଦ୍ୱାରା	(ଗ) ଭାରତୀୟ ରିଜର୍ଭ ବ୍ୟାଙ୍କ

iv) ପ୍ରତ୍ୟୟ ନିର୍ମାଣ କରୁଥିବା (ଘ) ଉପଭୋଗରେ ବୃଦ୍ଧି

v) ସରକାର କରିଥାନ୍ତି (ଙ) ବ୍ୟବସାୟିକ ବ୍ୟାଙ୍କ

vi) RBI ପ୍ରଚଳନ କରେ (ଚ) ଏକ ଟଙ୍କିଆ ନୋଟ

2) ଯେତେବେଳେ RBI ନିମ୍ନଲିଖିତ ପଦକ୍ଷେପ ନିଏ ମୁଦ୍ରା ଯୋଗାଣ ବୃଦ୍ଧି ନା କମ୍‌ହୁଏ କୁହ ।

(କ) ବ୍ୟାଙ୍କ ହାରରେ ବୃଦ୍ଧି ।

(ଖ) ସଦସ୍ୟ ବ୍ୟାଙ୍କକୁ ସରକାରୀ ପ୍ରତିଭୂତି ବିକ୍ରି ।

(ଗ) ରାଶି ଅନୁପାତରେ ହ୍ରାସ ।

(ଘ) ଆବଶ୍ୟକ ମାର୍ଜିନ୍‌ରେ ହ୍ରାସ ।

(ଙ) ସଦସ୍ୟ ବ୍ୟାଙ୍କକୁ କମ୍ ପ୍ରତ୍ୟୟ ଦେବାକୁ ନିର୍ଦ୍ଦେଶ ।

ଆପଣ କ'ଣ ଶିକ୍ଷା କଲେ

- ବସ୍ତୁ ତଥା ସେବାଗୁଡ଼ିକୁ କିଣିବାର ଶକ୍ତି ଦେଉଥିବାରୁ ଲୋକମାନେ ମୁଦ୍ରାର ଚାହିଦା କରିଥାନ୍ତି ।
- ମୁଦ୍ରା ଏପରି ଏକ ଦ୍ରବ୍ୟ ଯାହା ବିନିମୟର ସାଧନ, ସ୍ଥଗିତ ଦେୟ ପଇଠରେ ମାନ ଏବଂ ମୂଲ୍ୟ ସଞ୍ଚୟ ରୂପରେ ସମସ୍ତଙ୍କ ଦ୍ୱାରା ସ୍ୱୀକାର୍ଯ୍ୟ ।
- ମୁଦ୍ରାର ବିଭିନ୍ନ ସ୍ୱରୂପ ଅଛି ଯଥା ନୋଟ୍ ଓ ମୋହର, ବ୍ୟାଙ୍କ ଚେକ୍ (ଚାହିଦା ଡ୍ରାଫ୍ଟ, ଆଦାୟ ଆଦେଶ) ବିନିମୟପତ୍ର ଓ ଇଲେକ୍ଟ୍ରୋନିକ ମୁଦ୍ରା ।
- ବ୍ୟାଙ୍କ ଜମାରାଶିକୁ ଋଣ ଦେଇ ପ୍ରତ୍ୟୟ ନିର୍ମାଣ କରିଥାଏ । ଏମାନେ ଏହି ସିଦ୍ଧାନ୍ତ ଉପରେ କାର୍ଯ୍ୟ କରନ୍ତି ଯେ ସମସ୍ତଙ୍କୁ ଅର୍ଥର ଆବଶ୍ୟକ ଏକ ସମୟରେ ହୋଇନଥାଏ । ବ୍ୟାଙ୍କ ଜମାରାଶିର କିଛି ଭାଗ ନଗଦ ରୂପେ ରଖିଥାନ୍ତି ।
- ମୁଦ୍ରାର ଯୋଗାଣ, କୌଣସି ଏକ ସମୟରେ ଅର୍ଥ ବ୍ୟବସ୍ଥାରେ ପ୍ରବାହିତ ମୁଦ୍ରାର ମୋଟ ପରିମାଣ । ଏହା ନୋଟ୍, ମୋହର/ ପଇସା, ବ୍ୟାଙ୍କ ପାଖରେ ଥିବା ଚାହିଦା ଜମା ରାଶି (demand deposits)ର ସମଷ୍ଟି ।
- ମୁଦ୍ରାର ଯୋଗାଣ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ କାରଣ, ଏହା ଅର୍ଥ ବ୍ୟବସ୍ଥାରେ ମୂଲ୍ୟ ସ୍ତରକୁ ପ୍ରଭାବିତ କରିଥାଏ ।

- RBI ମୁଦ୍ରାର ଯୋଗାଣର ନିୟନ୍ତ୍ରଣ ବିଭିନ୍ନ ଉପକରଣ ମାଧ୍ୟମରେ କରିଥାଏ ଯଥା :- ବ୍ୟାଙ୍କ ହାର, ସଂରକ୍ଷିତ ନଗଦ କୋଷ ଅନୁପାତ, ମୁକ୍ତ ବଜାରରେ ପ୍ରକ୍ରିୟା, ମାରଜିନ ପ୍ରଦତ୍ତ ନିର୍ଦ୍ଧାରିତ ପ୍ରତ୍ୟୟ ନିୟନ୍ତ୍ରଣ ଏବଂ ନୈତିକ ଚାପ ।

ପାଠ୍ୟାନ୍ତର ପ୍ରଶ୍ନ

1) ମୁଦ୍ରାର କ'ଣ ଆବଶ୍ୟକତା ଅଛି ?

2) ମୁଦ୍ରାର ଚାରିଗୋଟି କାର୍ଯ୍ୟଗୁଡ଼ିକୁ କୁହ ।

3) ଦେଶରେ ନୋଟ ଓ ମୋହର (ପଇସା)କୁ କିଏ ପ୍ରଚଳନ କରିଥାନ୍ତି ?

4) ବ୍ୟାଙ୍କ କିପରି ପ୍ରତ୍ୟୟ ନିର୍ମାଣ କରେ ବର୍ଣ୍ଣନା କର ।

5) "ସଂରକ୍ଷିତ ନଗଦ କୋଷ ଅନୁପାତ" ବ୍ୟାଙ୍କକୁ ଋଣ ଦେବାରେ କିପରି ଅଙ୍କୁଶ ଲଗାଏ ? ଆଲୋଚନା କର ।

6) ମୁଦ୍ରାର ଯୋଗାଣ କ'ଣ ?

7) ମୁଦ୍ରାର ଯୋଗାଣକୁ କାହିଁକି ନିୟନ୍ତ୍ରଣ କରିବା ଜରୁରୀ ?

8) RBI ଦ୍ୱାରା ମୁଦ୍ରାର ଯୋଗାଣକୁ ନିୟନ୍ତ୍ରଣ କରିବାର ଉପାୟମାନ କୁହ ।

ପ୍ରଶ୍ନଗୁଡ଼ିକର ଉତ୍ତର

21.1

(କ) (i) ସ୍ୱୀକାର (ii) ଚାରି (iii) ପ୍ରତ୍ୟୟ (iv) ଡିଜିଟାଲ (v) ବ୍ୟାଙ୍କ

(ଖ) (1) ଭୁଲ (2) ଠିକ୍ (3) ଭୁଲ (4) ଠିକ୍ (5) ଭୁଲ

21.2

(I) ଘ (II) ଗ (III) ଗ

21.3

(I) ଗ (II) ଘ (III) କ (IV) ଙ (V) ଚ (VI) ଖ

(II) (କ) ହ୍ରାସ (ଖ) ହ୍ରାସ (ଗ) ବୃଦ୍ଧି (ଘ) ବୃଦ୍ଧି (ଙ) ହ୍ରାସ

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା :

1) ଭାଗ 21.1 ପଢନ୍ତୁ ।

2) ଭାଗ 21.1 ପଢନ୍ତୁ ।

3) ଭାଗ 21.2 ପଢନ୍ତୁ ।

4) ଭାଗ 21.3 ପଢନ୍ତୁ ।

5) ଭାଗ 21.3 ଓ 21.6 ପଢନ୍ତୁ ।

6) ଭାଗ 21.4 ପଢନ୍ତୁ ।

7) ଭାଗ 21.5 ପଢନ୍ତୁ ।

8) ଭାଗ 21.6 ପଢନ୍ତୁ ।

22

ଭାରତରେ ଅର୍ଥନୈତିକ ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ

MAJOR OBJECTIVES OF ECONOMICS PLANNING IN INDIA

ଇଂରେଜମାନେ ଭାରତକୁ ୨୦୦ ବର୍ଷରୁ ଅଧିକ ସମୟ ଧରି ଶାସନ କଲେ। ବ୍ରିଟିଶ ଶାସନ କାଳରେ ଭାରତର ପ୍ରାକୃତିକ ସମ୍ପଦ, ପାରମ୍ପରିକ କଳାନୈପୁଣ୍ୟର ଭୀଷଣ ଶୋଷଣ ଓ ବିନାଶ ହୋଇଛି। ବ୍ରିଟିଶମାନେ ଭାରତର ପ୍ରଗତିର ଗତିକୁ ସେତିକି ପରିମାଣରେ ସୁନିଶ୍ଚିତ କରିଥିଲେ ଯାହା ତାଙ୍କ ଉଦ୍ଦେଶ୍ୟ ପାଇଁ ଫଳପ୍ରଦ ଥିଲା। 1947ରେ ଭାରତ ଏକ ପଛୁଆ, ସ୍ଥିର ଓ ଅତ୍ୟନ୍ତ ଦରିଦ୍ର ଦେଶ ଥିଲା । ଏହି ଅଧ୍ୟାୟରେ ଆମେ ସର୍ବପ୍ରଥମେ ସ୍ୱାଧୀନତା ସମୟର ଭାରତୀୟ ଅର୍ଥ ବ୍ୟବସ୍ଥାର ସ୍ଥିତି ବିଷୟରେ ଜାଣିବା। ଏହି ଜ୍ଞାନ ସରକାରଙ୍କ ଦ୍ୱାରା ଭାରତର ଲୋକମାନଙ୍କ ସ୍ଥିତିର ଉନ୍ନତି ପାଇଁ କରାଯାଇଥିବା ଉପାୟଗୁଡ଼ିକର ଆଧାର । ଏହା ପରେ ଆମେ ମୁକ୍ତ ବଜାରର ଅର୍ଥନୈତିକ ଯୋଜନାକୁ ଅଧିକ ଉତ୍ତମ ରୂପେ ମାନିନେବା ପ୍ରମୁଖ କାରଣଗୁଡ଼ିକୁ ଅଧ୍ୟୟନ କରିବା। ଏହି ଅଧ୍ୟାୟର ଶେଷରେ ଆମେ ଭାରତର ଯୋଜନା ଆୟୋଗଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମୁଖ୍ୟ ପଦକ୍ଷେପ ଓ କାର୍ଯ୍ୟଗୁଡ଼ିକ ବିଷୟରେ ଅଧ୍ୟୟନ କରିବା ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପଢ଼ି ସାରିବା ପରେ ଆପଣ :

- ସ୍ୱାଧୀନତା ସମୟର ଭାରତୀୟ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ଜାଣିପାରିବେ ।
- ଅର୍ଥନୈତିକ ଯୋଜନାର ଅର୍ଥକୁ ବର୍ଣ୍ଣନା କରିପାରିବେ।
- ଅର୍ଥନୈତିକ ଯୋଜନାମୁକ୍ତ ବଜାରରେ ଉତ୍ତମ, କାହିଁକି ଜାଣିପାରିବେ ।
- ଭାରତର ଅର୍ଥନୈତିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକୁ ବର୍ଣ୍ଣନା କରିପାରିବେ ।
- ଭାରତରେ ଯୋଜନା ଆୟୋଗଙ୍କର ଭୂମିକାର ରୂପରେଖ ତିଆରି କରିପାରିବେ ।

22.1 ସ୍ୱାଧୀନତା ସମୟରେ ଭାରତୀୟ ଅର୍ଥ ବ୍ୟବସ୍ଥାର ସ୍ଥିତି

ବ୍ରିଟିଶ ଶାସନ ଶେଷରେ ଭାରତୀୟ ଅର୍ଥ ବ୍ୟବସ୍ଥାର ସ୍ଥିତି ବିଷୟରେ ଜାଣି ଆମେ

ଅର୍ଥନୈତିକ ଯୋଜନାକୁ ବୁଝିପାରିବା । ସ୍ୱାଧୀନତା ସମୟର ଭାରତୀୟ ଅର୍ଥ ବ୍ୟବସ୍ଥାର ନିମ୍ନଲିଖିତ ବିଶେଷତ୍ୱଗୁଡ଼ିକ ଥିଲା ।

1) **ମୁଣ୍ଡପିଛା ଆୟ କମ୍ :** ସ୍ୱାଧୀନତା ସମୟରେ ଭାରତରେ ଜୀବନ ସ୍ତର ଅତ୍ୟନ୍ତ ଦୟନୀୟ ଥିଲା । ବର୍ତ୍ତମାନ ମୂଲ୍ୟ ଉପରେ ଭାରତରେ ମୁଣ୍ଡପିଛା ଆୟ ଆନୁମାନିକ ୨୩୮ ଟଙ୍କା ଥିଲା । ଅନ୍ୟଭାଷାରେ ଜଣେ ଭାରତୀୟଙ୍କର ପ୍ରତିଦିନ ହାରାହାରି ଆୟ ମାତ୍ର 65 ପଇସା ଥିଲା । ଏହା ଦର୍ଶାଏ ଯେ ହାରାହାରି ଭାବେ ଭାରତ ଏକ ନିର୍ଦ୍ଧନ ଅର୍ଥ ବ୍ୟବସ୍ଥା ଥିଲା । ବିଶ୍ୱର ଅନ୍ୟଦେଶଗୁଡ଼ିକ ତୁଳନାରେ ମଧ୍ୟ ଭାରତର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା । ଭାରତରେ ମୁଣ୍ଡପିଛା ଆୟ ଆମେରିକା ଓ ଜାପାନ ତୁଳନାରେ ଯଥାକ୍ରମେ ୩୦ଗୁଣ ଓ ୯ ଗୁଣ କମ୍ ଥିଲା ।

2) **ଆୟ ଓ ସମ୍ପତ୍ତି ବଣ୍ଟନରେ ବୈଷମ୍ୟ :** ଯଦିଓ ଭାରତର ମୁଣ୍ଡପିଛା ଆୟ ଅନେକ କମ୍ ଥିଲା, ଏହାର ଅର୍ଥ ନୁହେଁ ଯେ ଦେଶର ସବୁ ନାଗରିକଙ୍କ ଆୟ ସ୍ତର ସମାନ ଥିଲା । ଲୋକଙ୍କ ମଧ୍ୟରେ ଆୟ ଓ ସମ୍ପତ୍ତିର ବ୍ୟାପକ ବୈଷମ୍ୟ ଥିଲା । ଜମିଦାରମାନେ, ଯେଉଁମାନେ ମୋଟ ଜନସଂଖ୍ୟାର ଏକ କ୍ଷୁଦ୍ର ଅଂଶ ଥିଲେ, ଜମିଜମା ଓ ସମ୍ପତ୍ତିର ବଡଭାଗର ମାଲିକ ଥିଲେ, ଯେତେବେଳେ ଜନସଂଖ୍ୟାର ଅଧିକାଂଶ ଭୂମିହୀନ ଶ୍ରମିକ ବା କ୍ଷୁଦ୍ରଚାଷୀ ଥିଲେ ଯେଉଁମାନେ ହାରାହାରିରୁ ଅନେକ କମ୍ ରୋଜଗାର କରୁଥିଲେ ।

3) **କୃଷି ପ୍ରଧାନ ଅର୍ଥ ବ୍ୟବସ୍ଥା :** ଭାରତୀୟ ଅର୍ଥ ବ୍ୟବସ୍ଥା ମୁଖ୍ୟତଃ ପ୍ରକୃତିରେ ଗ୍ରାମୀଣ ଓ କୃଷି ପ୍ରଧାନ ଥିଲା । ଦେଶର ରାଷ୍ଟ୍ରୀୟ ଉତ୍ପାଦର ୫୦%ରୁ ଅଧିକ ଭାଗ କୃଷିରୁ ଆସୁଥିଲା । ଦେଶର ୭୦%ରୁ ଅଧିକ ଜନସଂଖ୍ୟା ଯେଉଁମାନେ ଗ୍ରାମରେ ବାସ କରୁଥିଲେ ସେମାନେ ନିଜର ଜୀବିକାର୍ଜନ କୃଷିରୁ ହିଁ କରୁଥିଲେ । କୃଷିରେ ପାରମ୍ପରିକ, ଅନଗ୍ରସର ଓ ପୁରାତନ ପଦ୍ଧତି କାରଣରୁ ଉତ୍ପାଦକତା କମ୍ ଥିଲା ।

4) **କ୍ଷୀଣ ଔଦ୍ୟୋଗିକ ବିକାଶ :** ସ୍ୱାଧୀନତା ସମୟରେ ଉଦ୍ୟୋଗ ଅତ୍ୟନ୍ତ ନବଜାତ ଓ ଅବିକଶିତ ଥିଲା । ଇଂରେଜମାନଙ୍କର ଭାରତୀୟ ଶିଳ୍ପର ପ୍ରତିଷ୍ଠା ଓ ବିକାଶରେ କୌଣସି ରୁଚିନଥିଲା । ସେ ସମୟରେ ଅତି କଷ୍ଟରେ କେତେଗୋଟି ଉତ୍ପାଦନକାରୀ ଶିଳ୍ପ ଥିଲା ଏବଂ ଯାହା ବି ଥିଲା ତାହା କୃଷି ଉତ୍ପାଦ ଭିତ୍ତିକ । ବଙ୍ଗଳା ଏବଂ ମହାରାଷ୍ଟ୍ରରେ ଯଥାକ୍ରମେ ଝୋଟ ଓ କପାର କୃଷି ଯୋଗୁଁ ଝୋଟ ଓ ବସ୍ତ୍ରର ଶିଳ୍ପ କିଛି ମାତ୍ରାରେ ଥିଲା । କୃଷି ପରି ଏହାର ପଦ୍ଧତି ମଧ୍ୟ ପଛୁଆ ଥିଲା । ଉତ୍ପାଦନର କୌଶଳ ପୁରାତନ ଓ ପାରମ୍ପରିକ ଥିଲା ଯାହା ଫଳରେ ଉତ୍ପାଦକତା କମ୍ ଥିଲା ।

5) **ଅପୂର୍ଣ୍ଣ ରୋଜଗାରର ଉଚ୍ଚ ହାର :** ବ୍ରିଟେନ ଠାରୁ ଭାରତରେ ଶସ୍ତା ତିଆରି ଉତ୍ପାଦନର ଆଗମନ ଯୋଗୁଁ ଭାରତରେ ପାରମ୍ପରିକ କଳା ଏବଂ କାରିଗରିର ବିକାଶ ହେଉ । କଳାକାର

ଓ କାରିଗରମାନଙ୍କର ଏକ ବଡ ଅଂଶର ଦୈନନ୍ଦିନ ଆୟ ବନ୍ଦ ହୋଇଗଲା । ଏଇ ଲୋକମାନେ ପୁଣି କୃଷିରେ ରୋଜଗାର କରିବାକୁ ଚାହିଲେ, ଯଦ୍ଦ୍ୱାରା ଅର୍ଥ ବ୍ୟବସ୍ଥାରେ ବ୍ୟାପକ ଅପୂର୍ଣ୍ଣ ରୋଜଗାର ବୃଦ୍ଧି ହେଲା ।

6) **ଜନସଂଖ୍ୟା ସମ୍ବନ୍ଧୀୟ ବିଷୟ :**

(କ) ଜନସଂଖ୍ୟାର ଉଚ୍ଚବୃଦ୍ଧି ହାର : ଭାରତରେ ଜନସଂଖ୍ୟା ଦ୍ରୁତଗତିରେ ବଢିଚାଲିଲା । ଜନ୍ମ ହାର ଅଧିକ ଥିଲା । ୧୯୫୧ରେ ଅଶୋଧିତ ଜନ୍ମହାର ପ୍ରତି ହଜାରରେ 39.4 ଥିବାବେଳେ ଅଶୋଧିତ ମୃତ୍ୟୁ ହାର 27.4 ଥିଲା ।

(ଖ) ସାକ୍ଷରତା ନିମ୍ନ ସ୍ତର : ସାକ୍ଷରତାର ସ୍ତର ଅନେକ କମ୍ ଥିଲା । 1951ରେ ସାକ୍ଷରତା ହାର ମାତ୍ର 16.7% ଥିଲା । ଏହାର ଅର୍ଥ ଯେ ଜନସଂଖ୍ୟାର ପ୍ରାୟତଃ 84% ନିରକ୍ଷର ଥିଲେ । ଅଧିକାଂଶ ଶିଶୁ ବିଦ୍ୟାଳୟ ଯାଇନଥିଲେ ।

(ଗ) ପର୍ଯ୍ୟାପ୍ତ ଚିକିତ୍ସା ସୁବିଧାର ଅଭାବ ଯୋଗୁଁ ସଂକ୍ରମଣ ଓ ଛୁଆଁ ଏବଂ ଡିଆଁ ରୋଗର ଘଟଣା ଅନେକ ଅଧିକ ଥିଲା । ଦେଶରେ ନବଜାତ ମୃତ୍ୟୁହାର ଅଧିକ ଏବଂ ଜନ୍ମ ସମୟର ପ୍ରତ୍ୟାଶିତ ଆୟୁ କମ୍ ଥିଲା । ଏହି ଉଭୟ ତଥ୍ୟ ଦର୍ଶାଉଅଛି ଯେ, ଚିକିତ୍ସା ସୁବିଧାମାନ ପର୍ଯ୍ୟାପ୍ତ ନଥିଲା । ଦେଶରେ ଏକ ଉତ୍ତମ ଲୋକ ଚିକିତ୍ସା ସେବା ପ୍ରଣାଳୀର ଅଭାବ ଥିଲା ।

(ଘ) ପାରମ୍ପରିକ ପ୍ରବୃତ୍ତି: ଅର୍ଥ ବ୍ୟବସ୍ଥାରେ ରୁଢବାଦି ଏବଂ ପାରମ୍ପରିକ ପ୍ରବୃତ୍ତି ବିସ୍ତାର କରିଥିଲା । ଜାତିଗତ ରୁଢିବାଦିତା ପ୍ରଚଳିତ ଥିଲା । ଯାହା ଫଳରେ ରୋଜଗାର ଓ ବ୍ୟବସାୟିକ ସଂରଚନାରେ ପରିବର୍ତ୍ତନ ବାଧାପ୍ରାପ୍ତ ହେଉଥିଲା । ମହିଳାମାନଙ୍କୁ ଶିକ୍ଷା ଓ ରୋଜଗାର କରିବାରେ ଅନୁମତି ନଥିଲା । ଦେଶର ଆର୍ଥିକ ଓ ସାମାଜିକ ଜୀବନକୁ ନିର୍ଦ୍ଦେଶନା ଦେବାକୁ ପରମ୍ପରାର ମୁଖ୍ୟ ଭୂମିକା ଥିଲା ।

7) ବିଭାଜନ ଜନିତ ସାମାଜିକ ଓ ଆର୍ଥିକ ସମସ୍ୟା : ସ୍ୱାଧୀନତା ସହିତ ଭାରତର ବିଭାଜନ ଘଟିଲା । ଫଳରେ ଦେଶରେ ଆର୍ଥିକ ଓ ସାମାଜିକ ଉଭୟ ସମସ୍ୟାମାନ ଉତ୍ପନ୍ନ ହେଲା । ଆର୍ଥିକ ଦୃଷ୍ଟିରୁ ଭାରତର ଝୋଟ ଉତ୍ପାଦନ କ୍ଷେତ୍ର ପାକିସ୍ତାନ (ବର୍ତ୍ତମାନ ବଙ୍ଗଳାଦେଶ)କୁ ଚାଲିଗଲା । ମାତ୍ର ଝୋଟ ଶିଳ୍ପ ପଶ୍ଚିମବଙ୍ଗରେ ରହିଲା । ଠିକ୍ ସେହିପରି କେତେକ ଗହମ ଉତ୍ପାଦନକାରୀ କ୍ଷେତ୍ର ପାକିସ୍ତାନକୁ ଚାଲିଗଲା । ଯାହାଫଳରେ ଭାରତର ଖାଦ୍ୟପଦାର୍ଥରେ ଅଭାବ ହେଲା । ସାମାଜିକ ଦୃଷ୍ଟିରୁ ଦେଶରେ ଅସନ୍ତୋଷ ବ୍ୟାପିଯାଇଥିଲା । ବିଭାଜନ ପରେ, ବିସ୍ଥାପିତମାନଙ୍କର ଏକ ବଡ ଭାଗକୁ ପୁନର୍ବାସ କରିବାକୁ ପଡିଲା ।

ଉପସଂହାର ରୂପେ ଏତିକି କୁହାଯାଇପାରେ, ସ୍ୱାଧୀନତା ସମୟରେ ଭାରତ ବ୍ୟାପକ ଦରିଦ୍ରତା

ଓ ଆର୍ଥିକ ବୈଷମ୍ୟରେ ପୂର୍ଣ୍ଣ ଏକ ଅନଗ୍ରସର ଅର୍ଥବ୍ୟବସ୍ଥା ଥିଲା । ଔଦ୍ୟୋଗିକ ବୃଦ୍ଧି ଓ ଜନସଂଖ୍ୟାର କୃଷି ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳତା ଯୋଗୁଁ ଭାରତ ଅଣ ବିକଶିତ ରାଷ୍ଟ୍ର ଭାବେ ରହିଗଲା । ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସୁବିଧାର ଅଭାବ, ନିରକ୍ଷରତା ତଥା ମୌଳିକ ସୁବିଧାର ଅଭାବ ଯୋଗୁଁ ଶ୍ରମିକମାନଙ୍କର ଉତ୍ପାଦକତା କମ୍ ଥିଲା । ଏହି କାରଣରୁ ସରକାରଙ୍କ ଦ୍ୱାରା ଲୋକମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିକୁ ସୁଧାରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଥିଲା । ଏହାର ଅର୍ଥ ହେଲା ଯେ କେବଳ ସରକାରଙ୍କୁ ଆର୍ଥିକ ବୃଦ୍ଧିକୁ ଉନ୍ନତ କରିବାକୁ ହେବ ତାହା ନୁହେଁ ତା ସହିତ ଦେଶର ଆର୍ଥିକ ବିକାଶ ଉପରେ ମଧ୍ୟ ଧ୍ୟାନ ଦେବାକୁ ହେଲା ।

ପାଠ୍ୟଗତ ପ୍ରଶ୍ନ 22.1

1) ଠିକ୍ ଉତ୍ତର ପାଇଁ ଠିକ (✓)ଚିହ୍ନ ଦିଅନ୍ତୁ ।

(କ) 1950-51ରେ ଭାରତର ମୁଣ୍ଡ ପିଛା ଆୟ ଥିଲା

(I) 2238 ଟଙ୍କା (II) ଟ. 12.38 (III) ଟ.238 (IV) ଟ.38

(ଖ) ସ୍ୱାଧୀନତା ସମୟରେ ଭାରତ ତୁଳନାରେ ଆମେରିକା ମୁଣ୍ଡପିଛା ଆୟ କେତେଗୁଣ ଅଧିକ ଥିଲା ?

(I) 30 (II) 25 (III) 9 (IV) 31

2. ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର । (ସମାନ, ଅଧିକ, କମ୍, ଅନଗ୍ରସର, ବୈଷମ୍ୟ, ସାକ୍ଷରତା, ନିରକ୍ଷରତା)

(I) ସ୍ୱାଧୀନତା ସମୟରେ ଭାରତରେ .... ସ୍ତର ଉଚ୍ଚ ଥିଲା ।

(II) ଭାରତରେ ଯେ କେବଳ ଆୟର.................. ନଥିଲା ବରଂ ଏହା ସମାନ ରୂପେ ବଣ୍ଟନ ଥିଲା ।

(III) ଭାରତରେ ବୈଷୟିକ କୌଶଳ .... ଥିଲା ।

(IV) 1951ରେ .... 16.7 ଶତକଡ଼ା ଥିଲା ।

(V) ସ୍ୱାଧୀନତା ସମୟରେ କୃଷି ତୁଳନାରେ ଉଦ୍ୟୋଗରେ ...... ଲୋକ କାମ କରୁଥିଲେ ।

22.2 ଅର୍ଥନୈତିକ ଯୋଜନା : ଅର୍ଥ ଓ ଆବଶ୍ୟକତା

ପୂର୍ବ ପଠିତ ଭାଗରୁ ଆମେ ଜାଣିଲେ ଯେ ସ୍ୱାଧୀନତା ସମୟରେ ଦେଶର ଆର୍ଥିକ ଅଭିବୃଦ୍ଧି

ଓ ବିକାଶକୁ ଉନ୍ନତ କରିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦୃଢ଼ ଆବଶ୍ୟକତା ଥିଲା । ଏହାର ଅର୍ଥ ଥିଲା ଯେ ଦ୍ରବ୍ୟ ଓ ସେବାର ଉପଲବ୍ଧତାକୁ ବୃଦ୍ଧି କରିବା ସହିତ ସାକ୍ଷରତା ହାରକୁ ବୃଦ୍ଧି କରିବା ଆବଶ୍ୟକ ଥିଲା । ମୌଳିକ ସୁବିଧାଗୁଡ଼ିକ, ପାନୀୟଜଳ ବ୍ୟବସ୍ଥା ଓ ବାସଗୃହ ସୁବିଧାକୁ ବୃଦ୍ଧି କରିବା ମଧ୍ୟ ଆବଶ୍ୟକ ଥିଲା । ଭାରତୀୟ ଅର୍ଥ ବ୍ୟବସ୍ଥା ସମ୍ମୁଖରେ ପଡିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ସ୍ୱାଧୀନ ଭାରତର ନେତାମାନଙ୍କ ପାଖରେ ପୁଞ୍ଜିବାଦର ମୁକ୍ତ ବଜାର ତନ୍ତ୍ର ବା ସମାଜବାଦର ପରିଯୋଜନାତନ୍ତ୍ର ମଧ୍ୟରୁ ଯେକୌଣସିଟିକୁ ବାଛିନେବାର ବିକଳ୍ପ ଥିଲା । କାରଣ ବ୍ରିଟିଶ ପୁଞ୍ଜିବାଦୀ ନୀତି ଦ୍ୱାରା ଭାରତ ଉପରେ ଶାସନ କରିଥିଲା । ସରକାର ଭାରତର ଆର୍ଥିକ ବିକାଶ ପାଇଁ ମୁକ୍ତ ବଜାର ଅର୍ଥ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ଚାହୁଁନଥିଲେ । ତା ସହିତ ପୂର୍ବ ସୋଭିଏତ ରାଷ୍ଟ୍ର ସଂଘରେ ସମାଜବାଦୀ ନୀତିର ସଫଳତା ନୀତି ନିର୍ମାଣକାରୀକୁ ପୁଞ୍ଜିବାଦର ବିକଳ୍ପ ଭାବେ ଗ୍ରହଣ କଲେ । ଭାରତ ସମାଜବାଦୀ ସିଦ୍ଧାନ୍ତ ଆଧାର ଉପରେ ବିକାଶ ଆଡକୁ ଅଗ୍ରସର ହେଲା, ଯାହାଫଳରେ ଅର୍ଥନୈତିକ ପରିଯୋଜନା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା ।

ଅର୍ଥଶାସ୍ତ୍ରରେ ଅର୍ଥନୈତିକ ଯୋଜନାର ଅର୍ଥ ଭିନ୍ନ । ଯଦ୍ୟପି ଭାରତର ସନ୍ଦର୍ଭରେ ଯୋଜନାର ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରରେ ଲକ୍ଷଗୁଡ଼ିକର ନିର୍ଦ୍ଧାରଣ ତଥା ଏହି ପ୍ରକ୍ରିୟାରେ ଏହି କ୍ଷେତ୍ରର ଲକ୍ଷ୍ୟ ପୂରଣ ପାଇଁ ସଂସାଧନ ଅର୍ଥ ସମ୍ବଳର ଆବଣ୍ଟନ । ଯେପରି ସରକାର ନିର୍ଦ୍ଧାରଣ କରନ୍ତିଯେ କୌଣସି ବିଶେଷ ଯୋଜନା ସମୟରେ ବନ୍ଦର କ୍ଷେତ୍ରରେ କେତୋଟିଘାଟ ତିଆରି କରିବା ଆବଶ୍ୟକ ଏବଂ ଏହି ଘାଟଗୁଡ଼ିକ ନିର୍ମାଣ ପାଇଁ ଅର୍ଥ ଉପଲବ୍ଧ କରିଥାଏ । ଭାରତରେ ଯୋଜନା ମିଶ୍ରିତ ଅର୍ଥ ବ୍ୟବସ୍ଥାର ଢାଞ୍ଚା ଅନ୍ତର୍ଗତ ତିଆରି ହୋଇଛି । ପ୍ରତ୍ୟେକ ଯୋଜନା କାଳ ପାଞ୍ଚବର୍ଷ ପାଇଁ ହୋଇଥାଏ ।

ଉପରୋକ୍ତ ପାଠ ଅନୁଯାୟୀ ଆର୍ଥିକ ପରିଯୋଜନା ନିର୍ଦ୍ଧାରଣ ବିକାଶର ସାଧନ ରୂପରେ ଖୋଲା ବଜାର ପଦ୍ଧତିର ସୀମିତତା କାରଣରୁ କରାଯାଇଛି । ଏହାକୁ ଅଧିକ ବିସ୍ତୃତ ରୂପେ ବର୍ଣ୍ଣନା କରାଯାଉ । ଏକ ଅନୀୟନ୍ତ୍ରିତ ବଜାର ତନ୍ତ୍ରରେ ସମ୍ବଳର ପ୍ରୟୋଗ ସେହି କ୍ଷେତ୍ରରେ କରାଯାଇଥାଏ, ଯାହାଦ୍ୱାରା ଉଦ୍ୟୋଗୀମାନଙ୍କୁ ଲାଭ ମିଳିଥାଏ । ଅତଏବ ଆର୍ଥିକ ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ସାଧନର ଉପଯୋଗ ହୋଇପାରେ ନାହିଁ କାରଣ ଏହା ସମ୍ଭବ ଯେ ଉଦ୍ୟୋଗୀମାନଙ୍କୁ ସେହି ଲାଭ ମିଳିପାରିନଥାଏ ଯାହା ପାଇବାକୁ ସେମାନେ ଖୋଜି ବୁଲୁଥାନ୍ତି । ଏହାର ଉଦାହରଣ ହେଲା, ମୌଳିକ ସଂରଚନା କ୍ଷେତ୍ର ଯଥା ଶିକ୍ଷା, ଶକ୍ତି, ଜଳ ତଥା ଅନ୍ୟାନ୍ୟ ବୃହତ୍ ଓ ଭାରୀଶିଳ୍ପ । ଆର୍ଥିକ ବିକାଶ ପାଇଁ ସରକାରଙ୍କ ହସ୍ତକ୍ଷେପ ନିହାତି ଆବଶ୍ୟକ । ସରକାର ନିଜର କାର୍ଯ୍ୟକଳାପ ଓ ନୀତି ଦ୍ୱାରା ସଂସାଧନର ପ୍ରବାହ ସେହି ଦ୍ରବ୍ୟ ଓ ସେବାର ଉତ୍ପାଦନ ଦିଗକୁ ମୋଡ ଦେଇପାରନ୍ତି ଯାହା ସାଧାରଣ ଜନତାଙ୍କ ପାଇଁ ଆବଶ୍ୟକ ହୋଇଥାଏ । ନିମ୍ନଲିଖିତ କାରଣରୁ ଅର୍ଥନୈତିକ ଯୋଜନାକୁ ବଜାରତନ୍ତ୍ର ଠାରୁ ଅଧିକ ଭଲ ଭାବେ ଗ୍ରହଣୀୟ ।

(I) ଏହା ଅର୍ଥ ବ୍ୟବସ୍ଥାର ଉତ୍ପାଦନ କ୍ଷମତାକୁ ତୀବ୍ରତର କରିବାକୁ ସହାୟକ ହୁଏ ।

(II) ଏହା ଯେ କେବଳ ବର୍ତ୍ତମାନର ଉପଯୋଗ କରିବାକୁ ଥିବା ପାଇ ନୁହେଁ ବରଂ ଭବିଷ୍ୟତରେ

ଉତ୍ପାଦନ କରାଯିବାକୁ ଥିବା ଦ୍ରବ୍ୟ ଓ ସେବାର ଉତ୍ପାଦନରେ ସହାୟକ ହେବ ।

(III) ଏହା ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବାକୁ ସଂଶାଧନ ଯୋଗାଡ କରିବାକୁ ସହାୟକ ହେବ ।

(IV) ଏହା ସମୟ ସହିତ ତାଳ ଦେଇ ଆର୍ଥିକ ଅସମାନତାକୁ କମ୍ କରିବାକୁ ସହାୟକ ହେବ ।

(V) ଏହା ଦେଶର ଅନଗ୍ରସର କ୍ଷେତ୍ରର ବିକାଶରେ ସହାୟକ ହେବ ।

(VI) ଏହା ସରକାରଙ୍କୁ ଅର୍ଥ ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ବଜାୟ ରଖିବାକୁ ଏବଂ ଏହାକୁ ଦ୍ରୁତ ବିକାଶ ଦିଗକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

ପାଠ୍ୟଗତ ପ୍ରଶ୍ନ 22.2

ଠିକ୍ ଉତ୍ତର ବାଛ :

1) ଆର୍ଥିକ ବିକାଶର ଅର୍ଥ :

(କ) ଲକ୍ଷର ନିର୍ଦ୍ଧାରଣ ଓ ସଂସାଧନର ଆବଣ୍ଟନ

(ଖ) ଏକ ଅନିୟମିତ ମୁକ୍ତ ବଜାର

(ଗ) ଉଚ୍ଚ ଆର୍ଥିକ ବୃଦ୍ଧି ହାର ପ୍ରାପ୍ତି ।

2) ଭାରତ ଅର୍ଥନୈତିକ ଯୋଜନାକୁ ଗ୍ରହଣ କରିବାର କାରଣ :

(କ) ଏହା ଉଦ୍ୟୋଗୀମାନଙ୍କୁ ଅଧିକତମ ଲାଭ ଆୟ କରିବାକୁ ଦିଏ ।

(ଖ) ଏହା ଦେଶର ଉତ୍ପାଦନ କ୍ଷମତାର ବିକାଶରେ ସହାୟକ ହୁଏ ।

(ଗ) ଏହା ଉପଭୋକ୍ତାଙ୍କ ସନ୍ତୋଷକୁ ଅଧିକତମ କରିଥାଏ ।

3) ଭାରତ ଅର୍ଥନୈତିକ ଯୋଜକାକୁ ଗ୍ରହଣ କରିବାର କାରଣ

(କ) ଏହା ବଜାର ତନ୍ତ୍ର ଠାରୁ ଅଧିକ ଭଲ

(ଖ) ମୁକ୍ତ ବଜାରରେ କେତେକ ଅଭାବକୁ ପୂରଣ କରିବା ପାଇଁ ଏହାର ଆବଶ୍ୟକ ।

(ଗ) ବଜାର ତନ୍ତ୍ରକୁ ସମାପ୍ତ କରିବାକୁ ଇଚ୍ଛା ।

22.3 ଭାରତରେ ଅର୍ଥନୈତିକ ଯୋଜନାର ଉଦ୍ଦେଶ୍ୟ

ବର୍ତ୍ତମାନ ଆମେ ଅର୍ଥନୈତିକ ଯୋଜନାର ଅର୍ଥ ଏବଂ ଏହାକୁ ଗ୍ରହଣ କରିବାର ଯଥାଯଥ ଯୁକ୍ତିକୁ ଜାଣିଲେ । ବର୍ତ୍ତମାନ ଆମେ ଏହି ଉଦ୍ଦେଶ୍ୟକୁ ବୁଝିବା ଯାହାକୁ ନୀତି ନିର୍ମାତା ଯୋଜନା ପ୍ରକ୍ରିୟା ଦ୍ୱାରା ପ୍ରାପ୍ତି କରିବାକୁ ଚାହିଁଥିଲେ । ଭାରତରେ ଅର୍ଥନୈତିକ ନିୟୋଜନର ଦୀର୍ଘକାଳୀନ ଉଦ୍ଦେଶ୍ୟ ନିମ୍ନଲିଖିତ ପ୍ରକାରର :-

1) **ଆର୍ଥିକ ବୃଦ୍ଧିରେ ତୀବ୍ରତା :** ପୂର୍ବୋକ୍ତି ଅନୁଯାୟୀ ଭାରତରେ ମୁଣ୍ଡପିଛା ଆୟ ଅନେକ କମ୍ ଥିଲା । ଲୋକମାନଙ୍କ ଜୀବନ ସ୍ତରକୁ ବଢାଇବା ପାଇଁ ଏହାକୁ ବୃଦ୍ଧି କରିବାକୁ ପଡିଲା । ଏହାଫଳରେ ଦ୍ରବ୍ୟ ଓ ସେବାର ଉପଲବ୍ଧି ଥିଲେ ବୃଦ୍ଧିର ହାରକୁ ଜନସଂଖ୍ୟା ବୃଦ୍ଧି ହାର ଠାରୁ ଅଧିକ କରିବା ଆବଶ୍ୟକ ଥିଲା । ଅତଏବ ଆର୍ଥିକ ବୃଦ୍ଧିରେ ତୀବ୍ରତା ଆଣିବା ଥିଲା ଭାରତୀୟ ଯୋଜନାର ଏକ ମୁଖ୍ୟ ଉଦ୍ଦେଶ୍ୟ । ଏହା ଅନୁଭବ କରାଗଲା ଯେ ଆର୍ଥିକ ବୃଦ୍ଧି ଅର୍ଥ ବ୍ୟବସ୍ଥାର ସମସ୍ତ କ୍ଷେତ୍ର- କୃଷି, ଶିଳ୍ପ ତଥ ସେବା ଇତ୍ୟାଦିକୁ ପ୍ରଭାବିତ କରିବ । ଏକାଦଶ ଯୋଜନାର ଲକ୍ଷ୍ୟ ଅର୍ଥ ବ୍ୟବସ୍ଥାର ବୃଦ୍ଧି ହାରକୁ ୯ରୁ ୧୦ ଶତକଡ଼ା କରିବାକୁ ହେବ । ଦଶମ ଯୋଜନାର ପ୍ରଥମ ଚାରିବର୍ଷରେ ହାରାହାରି ବୃଦ୍ଧି ହାରର 8%ରୁ କିଛି ଅଧିକ ଥିଲା ଯାହାଠାରୁ ଦଶମ ଯୋଜନା କାଳରେ ବୃଦ୍ଧି ହାର 7.2 ଶତକଡା ହେଲା ।

2) **ଆର୍ଥିକ ଅସମାନତାର ହ୍ରାସ :** ଆମେ ଜାଣିଛନ୍ତି ଯେ ଜୀବନଶୈଳୀର ଖରାପସ୍ତର ସତ୍ତ୍ୱେ ଭାରତରେ ବ୍ୟାପକ ଆର୍ଥିକ ଅସମାନତା ଥିଲା । ଜନସଂଖ୍ୟାର ଏକ ଛୋଟ ଅଂଶ ଧନୀ ଥିଲାବେଳେ ଅଧିକାଂଶ ଲୋକ ଅତ୍ୟନ୍ତ ଗରିବ ଥିଲେ । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜନସଂଖ୍ୟାରେ ମଧ୍ୟ ବ୍ୟାପକ ଅସମାନତା ଥିଲା । ଅତଏବ ଯୋଜନାଗୁଡିକର ସର୍ବପ୍ରମୁଖ ଉଦ୍ଦେଶ୍ୟ ଗରିବ ଓ ଧନୀ ମଧ୍ୟରେ ଥିବା ବ୍ୟବଧାନକୁ କମ୍ କରିବା ପାଇଁ ଉପାୟ କରିବା । ମୁଖ୍ୟତଃ ଗରିବମାନଙ୍କ ଆୟରେ ବୃଦ୍ଧି କରିବା ଦ୍ୱାରା । ବାସ୍ତବରେ ଆର୍ଥିକ ବୃଦ୍ଧି ଏବଂ ସାମାଜିକ ନ୍ୟାୟର ଦ୍ୱିତୀୟ ଉଦ୍ଦେଶ୍ୟ ଭାରତ ପାଇଁ ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା । 'ସମାନତା ସହିତ ବୃଦ୍ଧି' (ଆର୍ଥିକ ବିଭାଜନରେ ସମାନତା ସହିତ ବୃଦ୍ଧି)କୁ ଭାରତରେ ଅର୍ଥନୈତିକ ଯୋଜନାର ସର୍ବ ପ୍ରମୁଖ ଉଦ୍ଦେଶ୍ୟ ରୂପେ ଗଣାଗଲା ।

3) **ଆତ୍ମନିର୍ଭରତା :** ଆତ୍ମ ନିର୍ଭରଶୀଳତା ଏପରି ଏକ ସ୍ଥିତି ଯେତେବେଳେ ଏକ ଅର୍ଥବ୍ୟବସ୍ଥା କୌଣସି ବାହ୍ୟ ସହାୟତା ବିନା ନିଜର ବିକାଶ କରିପାରୁଥିବା ଏହି ସହାୟତା ବିଦେଶୀ ସହାୟତା ଏବଂ ଋଣ ରୂପରେ ହୋଇପାରେ । ଯଦି କୌଣସି ଦେଶ ଆତ୍ମନିର୍ଭରଶୀଳ ତେବେ ସେ ନିଜର ରପ୍ତାନୀ ମାଧ୍ୟମରେ ଆମଦାନୀର ଦେୟ ପଇଠ ପାଇଁ ପର୍ଯ୍ୟାପ୍ତ ବିଦେଶୀ ମୁଦ୍ରା ଅର୍ଜନ କରିପାରେ । ଏହାର ଅର୍ଥ ଯେ ଦେଶକୁ ନିଜର ଉତ୍ପାଦନ କ୍ଷମତା ଏବଂ ଔଦ୍ୟୋଗିକ ଉତ୍ପାଦନକୁ ବୃଦ୍ଧି କରିବା ଆବଶ୍ୟକ । ଆତ୍ମନିର୍ଭରତାର ଉଦ୍ଦେଶ୍ୟ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ହିଁ ଏକ ପ୍ରମୁଖ ଉଦ୍ଦେଶ୍ୟ ହୋଇଥିଲା ।

4) **ସନ୍ତୁଳିତ ଆଞ୍ଚଳିକ ବିକାଶ :** ଅର୍ଥନୈତିକ ଯୋଜନାର ଉଦ୍ଦେଶ୍ୟ ଆଞ୍ଚଳିକ ବୈଷମ୍ୟର ଦୂରୀକରଣ । ବିହାର, ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ରାଜ୍ୟ ତୁଳନାରେ କେତେକ ରାଜ୍ୟ ଯଥା ପଞ୍ଜାବ, ଗୁଜରାଟ ଏବଂ ମହାରାଷ୍ଟ୍ର ଅଧିକ ଆଧୁନିକ ଏବଂ ଔଦ୍ୟୋଗିକ ଦିଗରୁ ବିକଶିତ ଅଛନ୍ତି । ପଞ୍ଚ ବାର୍ଷିକ ଯୋଜନା, ଅନଗ୍ରସର ଅଞ୍ଚଳର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଶିଳ୍ପ ଓ ମୌଳିକ ସଂରଚନାର ସ୍ଥାପନକୁ ନିର୍ଦ୍ଧାରିତ କରିବା ପାଇଁ ପଦକ୍ଷେପଗୁଡ଼ିକ ଗ୍ରହଣ କଲେ ଓ ପ୍ରୋତ୍ସାହନ ପ୍ରଦାନ କଲେ ।

5) **ବେକାରୀରେ ହ୍ରାସ :** ବେରୋଜଗାରୀରେ ହ୍ରାସ ଜନିତ ସିଧା ସମ୍ବନ୍ଧ ଦେଶରେ ଗରିବମାନଙ୍କ ସ୍ତରରେ ହ୍ରାସ ସହିତ ସମ୍ବନ୍ଧ ଅଛି । ଅତଏବ ଯୋଜନାଗୁଡ଼ିକ ରୋଜଗାରର ନୂତନ ସୁଯୋଗର ନିର୍ମାଣ କରି ବେକାରୀ ସ୍ତରରେ ହ୍ରାସ କରିବା ସହିତ ସମ୍ବନ୍ଧ ରଖେ । ପଞ୍ଚବାର୍ଷିକ ଯୋଜନାଗୁଡ଼ିକ ଅନେକ ରୋଜଗାର ସୃଜନ ଯୋଜନାର ଅୟମାରମ୍ଭ କରିଛି ଯାହା ସମାଜର ବିଭିନ୍ନବର୍ଗ ଯଥା- ଗ୍ରାମାଞ୍ଚଳ, ସହରାଞ୍ଚଳ ଏବଂ ଯୁବଗୋଷ୍ଠୀ ଉପରେ ଲକ୍ଷ୍ୟ କରାଯାଏ ।

6) **ଆଧୁନିକୀକରଣ :** ଆଧୁନିକୀକରଣର ତାତ୍ପର୍ଯ୍ୟ ହେଉଛି ଆର୍ଥିକ ବିକାଶ ପାଇଁ ବିଜ୍ଞାନ ଓ କୌଶଳର ବ୍ୟବହାର ସହିତ ଜଡ଼ିତ । ଭାରତୀୟ ଯୋଜନାଗୁଡ଼ିକ ନୂତନ ଶିଳ୍ପର ସ୍ଥାପନ ଏବଂ ଉତ୍ପାଦନର କୌଶଳରେ ଉନ୍ନତି ଉପରେ ଯୋର ଦେଇଛନ୍ତି ଯାହା ଫଳରେ ଆର୍ଥିକ ବୃଦ୍ଧିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଧରି ରଖାଯାଇପାରେ । ଆଧୁନିକୀକରଣର ଉଦ୍ଦେଶ୍ୟ ଭାରତୀୟ ଶିଳ୍ପକୁ ବିଶ୍ୱସ୍ତରୀୟ ଶିଳ୍ପର ମାନ୍ୟତା ତଥା ପ୍ରତିଯୋଗ୍ୟ କରିବା କ୍ଷମତାକୁ ବୃଦ୍ଧି କରିବା, ଆଧୁନିକୀକରଣର ଉଦ୍ଦେଶ୍ୟ ସାମାଜିକ ପ୍ରବୃତ୍ତି ଓ ଅଭ୍ୟାସର ପରିବର୍ତ୍ତନରେ ମଧ୍ୟ ରହିଛି ଯାହାଫଳରେ ଶ୍ରମିକର ଉତ୍ପାଦକତା ବୃଦ୍ଧି କରାଯାଇପାରେ । ସଂକ୍ଷେପରେ ନବମ ଓ ଦଶମ ଯୋଜନା ଯାହା ନିଜର କାର୍ଯ୍ୟକାଳ ପୂରଣ କରି ସାରିଛନ୍ତି ତାର କେତେକ ସମଷ୍ଟି ଅର୍ଥଶାସ୍ତ୍ରୀୟ (Macroeconomic) ସୂଚକଗୁଡ଼ିକର ଉପଲବ୍ଧି ବିଷୟରେ ଜାଣିବା ଅଧିକ ରଚିକର ହେବ ।

ବ୍ୟଷ୍ଟି ଅର୍ଥଶାସ୍ତ୍ରୀୟ ସୂଚକ

	ନବମ ଯୋଜନା (1997-98 ରୁ 2001-02)	ଦଶମ ଯୋଜନା 2002-03 ରୁ 2006-07
GDP ବୃଦ୍ଧି (%)ରେ ଯାହାର	5.5	7.2
କୃଷି	2.0	1.7
ଉଦ୍ୟୋଗ	4.0	8.3
ସେବା	8.1	9.0

ପାଠ୍ୟଗତ ପ୍ରଶ୍ନ 22.3

ଠିକ୍ ଉତ୍ତର ବାଛ ।

1) ନିମ୍ନଗୁଡିକ ମଧ୍ୟରୁ କେଉଁଟି ଅର୍ଥନୈତିକ ଯୋଜନାର ସର୍ବପ୍ରମୁଖ ଉଦ୍ଦେଶ୍ୟ :

(କ) ସମାନତା ସହିତ ବୃଦ୍ଧି

(ଖ) ଜନସଂଖ୍ୟା ସ୍ତରରେ ହ୍ରାସ ଏବଂ

(ଗ) ସାକ୍ଷରତା ସ୍ତରରେ ଉନ୍ନତି ।

2) ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତୀୟ ଅର୍ଥନୈତିକ ଯୋଜନାର ଏକ ଲକ୍ଷ ନୁହେଁ ?

(କ) ବୈଷୟିକ କୌଶଳର ଉନ୍ନତି

(ଖ) ଗରିବଙ୍କ ଜୀବନ ସ୍ତରରେ ଉନ୍ନତି ଏବଂ

(ଗ) ବ୍ୟବସାୟିକ ସନ୍ତୁଳନ ।

3) ଆତ୍ମ ନିର୍ଭରତାର ଅର୍ଥ :

(କ) ବିଦେଶୀ ଋଣ

(ଖ) ଆମଦାନୀ ଦେୟ ନିମିତ୍ତ ପର୍ଯ୍ୟାପ୍ତ ବୈଷୟିକ ମୁଦ୍ରା ଅର୍ଜନ

(ଗ) ବିଦେଶୀ ଖାଦ୍ୟ ସହାୟତା ପ୍ରାପ୍ତି କରିବା ।

4) ବେକାରୀର ହ୍ରାସରୁ :

(କ) ଆୟର ଉଚ୍ଚସ୍ତର ନିର୍ମାଣ ହେବ

(ଖ) ଦରିଦ୍ରତାରେ ହ୍ରାସ ହେବ

(ଗ) ଉପରୋକ୍ତ ଦୁଇଟିଯାକ ।

5) ଆଧୁନିକୀକରଣର ଉଦ୍ଦେଶ୍ୟ :

(କ) ସାମାଜିକ ପ୍ରବୃତ୍ତି ତଥା ଅଭ୍ୟାସକୁ ନ ବଦଳାଇବା

(ଖ) ନୂତନ ଶିଳ୍ପର ବିକାଶ କରିବା

(ଗ) ଉପରୋକ୍ତ ଉଭୟରୁ କେଉଁଟିବି ନୁହେଁ ।

22.4 ଭାରତର ଯୋଜନା ଆୟୋଗ

1950 ମସିହା ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଯୋଜନା ଆୟୋଗର ଗଠନ ସହିତ ଭାରତରେ ଯୋଜନାର ଶୁଭାରମ୍ଭ ହେଲା । ଜବାହାରଲାଲ ନେହରୁ ଯୋଜନା ଆୟୋଗର ପ୍ରଥମ ଅଧ୍ୟକ୍ଷ ଥିଲେ । ଏହାର ବର୍ତ୍ତମାନ ଅଧ୍ୟକ୍ଷ ଅଛନ୍ତି ଡା. ମନମୋହନ ସିଂ । ଦୀର୍ଘକାଳୀନ ତଥା ବ୍ୟାପକ ଉଦ୍ଦେଶ୍ୟକୁ ଧ୍ୟାନରେ ରଖି ଯୋଜନା ଆୟୋଗ ପ୍ରତ୍ୟକ ପଞ୍ଚବାର୍ଷିକ ଯୋଜନାକୁ କିଛି ପରିମାଣରେ ତତ୍କାଳୀନ ବା ସ୍ୱଳ୍ପକାଳୀନ ଉଦ୍ଦେଶ୍ୟ ସହିତ ତିଆରି କରିଥାନ୍ତି । ଭାରତରେ ଯୋଜନା ଆୟୋଗର କେତେକ ବିଶିଷ୍ଟ କାର୍ଯ୍ୟ ନିମ୍ନରେ ଦିଆଗଲା ।

i) ଦେଶର ଭୌତିକ, ବିତ୍ତୀୟ ଏବଂ ମାନବୀୟ ସମ୍ପଦର ପରିମାଣ ତଥା ଗୁଣବତ୍ତାକୁ ଆକଳନ କରିବା ଏବଂ ଏହି ସମ୍ପଦର ବୃଦ୍ଧିର ସମ୍ଭାବନାକୁ ଅନୁସନ୍ଧାନ କରିବା ଫଳରେ ଏହା ଯେପରି ଜଣାଯାଏ ଯେ ଏହା ଦେଶର ଆବଶ୍ୟକତାରୁ କମ୍ ନୁହେଁ ତ ?

ii) ଦେଶରେ ଉପଲବ୍ଧ ସମ୍ପଦର ପ୍ରଭାବଶାଳୀ ତଥା ସନ୍ତୁଳିତ ଉପଯୋଗ ପାଇଁ ଯୋଜନା ତିଆରି କରିବା ।

iii) ଦେଶର ସମସ୍ତ ଦୀର୍ଘକାଳୀନ ଉଦ୍ଦେଶ୍ୟକୁ ଧ୍ୟାନରେ ରଖି ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନା ପାଇଁ ଅଗ୍ରାଧିକାର ଓ ପ୍ରାଥମିକତା ସ୍ଥିର କରିବା ।

iv) ଯୋଜନାର ଉଦ୍ଦେଶ୍ୟ ହାସଲ ପାଇଁ ଅଗ୍ରାଧିକାର ଆଧାର ଉପରେ ଉପଲବ୍ଧି ସଂପଦର ଆବଣ୍ଟନ ।

v) ବର୍ତ୍ତମାନର ସାମାଜିକ ଓ ରାଜନୈତିକ ପରିସ୍ଥିତିଗୁଡିକୁ ଧ୍ୟାନରେ ରଖି ଆର୍ଥିକ ବିକାଶକୁ ହାନି ପହଞ୍ଚାଉଥିବା କାରଣଗୁଡିକୁ ସୂଚୀତ କରିବା ଏବଂ ଯୋଜନାର ସଫଳତା ପୂର୍ବକ କାର୍ଯ୍ୟନିର୍ବାହ ପାଇଁ ଉପଯୁକ୍ତ ପରିସ୍ଥିତି ନିର୍ଦ୍ଧାରଣ କରିବା ।

vi) ଯୋଜନାର ଉଦ୍ଦେଶ୍ୟ ହାସଲ ନିମିତ୍ତ ରୂପରେଖ ନିର୍ଦ୍ଧାରଣ କରିବା ।

vii) ଯୋଜନାର କାର୍ଯ୍ୟ ନିର୍ବାହରେ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ।

viii) ଯୋଜନାର ବିକାଶର ମୂଲ୍ୟାଙ୍କନ ଓ ଆବଶ୍ୟକ ସାମଞ୍ଜସ୍ୟ ପାଇଁ ପରାମର୍ଶ ଦେବା ।

ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନା କେତେକ ଉଦ୍ଦେଶ୍ୟର ନିର୍ଦ୍ଧାରଣ କରିଥାଏ ଏବଂ ତାହାକୁ ହାସଲ କରିବା ପାଇଁ ଏକ ବିଶେଷ ଯୋଜନା ଗଠନ କରାଯାଏ । ପଞ୍ଚବାର୍ଷିକ ଯୋଜନାର ଶେଷରେ ଯୋଜନାର ଆକଳନ କରାଯାଏ । ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶୁଭାରମ୍ଭ ଅପ୍ରେଲ ୧୯୫୧ରେ ହୋଇଥିଲା । ବର୍ତ୍ତମାନ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (2012-17) ପ୍ରଚଳିତ ।

ଏହି ସମୟ ମଧ୍ୟରେ ରାଜନୈତିକ ପରିବର୍ତ୍ତନ ତଥା ଅନ୍ୟ ବାଧା କାରଣରୁ ଆମର ପଞ୍ଚବାର୍ଷିକ ଯୋଜନାରେ ବାଧା ସୃଷ୍ଟି ଆସୁଅଛି ।

ପାଠ୍ୟଗତ ପ୍ରଶ୍ନ 22.4

1) ଠିକ୍ ଉତ୍ତର ନେଇ ଶୂନ୍ୟସ୍ଥାନ ପୂରଣ କର ।

(ପ୍ରଧାନମନ୍ତ୍ରୀ, 12ଶ, 1951, ରାଷ୍ଟ୍ରପତି, 10ମ, 1950)

(କ) ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶୁଭାରମ୍ଭ ....ରେ ହୋଇଥିଲା ।

(ଖ) ବର୍ତ୍ତମାନ ଭାରତରେ .... ପଞ୍ଚବାର୍ଷିକ ଯୋଜନା ପ୍ରଚଳିତ ।

(ଗ) ଭାରତରେ ଯୋଜନା ଆୟୋଗର ଅଧ୍ୟକ୍ଷ .... ଅଟନ୍ତି ।

2) ଏଗୁଡିକ ମଧ୍ୟରୁ କେଉଁ ଯୋଜନା ଆୟୋଗର କାର୍ଯ୍ୟ ନୁହେଁ ?

(କ) ଦେଶରେ ଉପଲବ୍ଧ ସମ୍ପଦର ପରିମାଣ ଓ ଗୁଣବତ୍ତାର ଆକଳନ ।

(ଖ) ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟ ନିର୍ବାହ

(ଗ) ଯୋଜନା ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂସାଧନର ଆବଣ୍ଟନ

ଆପଣ କ'ଣ ଶିଖିଲେ

- ସ୍ୱାଧୀନତା ସମୟରେ ଭାରତୀୟ ଅର୍ଥ ବ୍ୟବସ୍ଥା କେବଳ କମ୍ ଆୟ ସ୍ତରରେ ନଥିଲା ବରଂ ଅସମାନତା ଓ ବୈଷମ୍ୟର ବ୍ୟାପକ ସ୍ତର ଦ୍ୱାରା ମଧ୍ୟ ଗ୍ରାସ ହୋଇଥିଲା ।
- କୃଷି ଉପରେ ଅତ୍ୟନ୍ତ ନିର୍ଭରଶୀଳ, ପୁରୁଣା ବୈଷୟିକ କୌଶଳ, କମ୍ ଉତ୍ପାଦକତା ଏବଂ ପାରମ୍ପରିକ ପ୍ରବୃତ୍ତି ଇତ୍ୟାଦି ଅର୍ଥନୈତିକ ସ୍ଥିତିକୁ ଅତ୍ୟନ୍ତ ଦୟନୀୟ କରି ଦେଇଥିଲା ।
- ଆର୍ଥିକ ବିକାଶର ଅତ୍ୟନ୍ତ ଆବଶ୍ୟକ ଥିଲା । କେବଳ ଆର୍ଥିକ ବୃଦ୍ଧି ପର୍ଯ୍ୟାପ୍ତ ନଥିଲା । କାରଣ ଗରିବ ଲୋକମାନଙ୍କ ଜୀବନ ସ୍ତରକୁ ଉନ୍ନତ କରିବାକୁ ମଧ୍ୟ ଥିଲା ।
- ମୁକ୍ତ ବଜାରତନ୍ତ୍ର ବୈଷମ୍ୟରେ ହ୍ରାସ ସହିତ ବାଞ୍ଛିତ ବୃଦ୍ଧି ହାରକୁ ହାସଲ କରିବାକୁ ଆଶ୍ୱାସନ ନଥିଲା । ତେଣୁ ଯୋଜନାର ଆବଶ୍ୟକ ଥିଲା ଫଳରେ ଯେ, କେବଳ ଅଳ୍ପ ଲୋକମାନଙ୍କ ପାଇଁ ନୁହେଁ ବରଂ ସର୍ବସାଧାରଣଙ୍କ ପାଇଁ ସଂସାଧନଗୁଡିକର ସର୍ବୋତ୍ତମ ଉପଯୋଗ କରାଯାଇପାରେ ।

- ଯୋଜନାର ବିବରଣୀ ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରଗୁଡିକର ଲକ୍ଷର ନିର୍ଦ୍ଧାରଣ ଏବଂ ଏହି ପ୍ରକ୍ରିୟାରେ ଏହି କ୍ଷେତ୍ରମାନଙ୍କ ଲକ୍ଷ୍ୟପୂରଣ ପାଇଁ ସଂସାଧନର ଆବଣ୍ଟନ ।
- ଭାରତରେ ଅର୍ଥନୈତିକ ଯୋଜନାର ଦୀର୍ଘକାଳୀନ ଉଦ୍ଦେଶ୍ୟ ହେଲା, ଆର୍ଥିକ ବୃଦ୍ଧି ବୈଷମ୍ୟରେ ହ୍ରାସ, ଆତ୍ମନିର୍ଭରଶୀଳତା, ଆଧୁନିକୀକରଣ, ବେକାରୀ ସ୍ତରରେ ହ୍ରାସ ତଥା ସନ୍ତୁଳିତ ଆଞ୍ଚଳିକ ବିକାଶ ।
- ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନା, ଯୋଜନା ଆୟୋଗ ଦ୍ୱାରା ତିଆରି କରାଯାଇଥାଏ ଏବଂ ଏହାର ଉଦ୍ଦେଶ୍ୟ କେତେକ ଲକ୍ଷ ହାସଲ ହୋଇପାରୁଛି । ଯୋଜନା ଆୟୋଗ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଯୋଜନାର କାର୍ଯ୍ୟ ନିର୍ବାହକୁ ସମନ୍ୱୟ କରିଥାଏ ।

ପାଠ୍ୟାନ୍ତର ପ୍ରଶ୍ନ

1) ସ୍ୱାଧୀନତା ସମୟରେ ଭାରତୀୟ ଅର୍ଥ ବ୍ୟବସ୍ଥାର ବର୍ଣ୍ଣନା କର ।
2) ଭାରତ ବିଭାଜନ ଫଳରେ ଅର୍ଥ ବ୍ୟବସ୍ଥା ଉପରେ ପଡିଥିବା ପ୍ରଭାବକୁ ଲେଖ ।
3) କ'ଣ ସ୍ୱାଧୀନତା ସମୟରେ ଭାରତକୁ ଆର୍ଥିକ ବୃଦ୍ଧି ବା ଆର୍ଥିକ ବିକାଶର ଆବଶ୍ୟକ ଥିଲା ? ଆଲୋଚନା କର ।
4) ଅର୍ଥନୈତିକ ଯୋଜନା କ'ଣ ? ଭାରତୀୟ ନୀତି ନିର୍ମାତାମାନେ ଭାରତର ବିକାଶ ପାଇଁ ଅର୍ଥନୈତିକ ଯୋଜନାକୁ କାହିଁକି ଗ୍ରହଣ କଲେ ?
5) ଭାରତର ପଞ୍ଚବାର୍ଷିକ ଯୋଜନାଗୁଡିକର ପ୍ରମୁଖ ଉଦ୍ଦେଶ୍ୟଗୁଡିକୁ ଲେଖ ।
6) ଆତ୍ମ-ନିର୍ଭରଶୀଳତାର ଉଦ୍ଦେଶ୍ୟ କ'ଣ ? ବର୍ଣ୍ଣନା କର ।
7) ଭାରତରେ ଯୋଜନା ଆୟୋଗଙ୍କର କାର୍ଯ୍ୟ କ'ଣ ?

ପାଠ୍ୟଗତ ପ୍ରଶ୍ନ ଉତ୍ତର

22.1

1) (କ) (iii)

   (ଖ) (i)

2) (i) ବୈଷମ୍ୟ

   (ii) କମ୍

(iii) ଅନଗ୍ରସର

(iv) ସାକ୍ଷରତା

(v) ଅଧିକ

22.2

(1) କ

(2) ଖ

(3) ଗ

22.3

(1) କ

(2) ଗ

(3) ଖ

(4) ଗ

(5) ଗ

22.4

1. (i) 1951

   (ii) 12 ଶ

   (iii) ପ୍ରଧାନମନ୍ତ୍ରୀ

2. (ଖ)

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା :

(1) ଭାଗ 22.3 ପଢନ୍ତୁ ।

(2) ଭାଗ 22.3 ପଢନ୍ତୁ ।

(3) ଭାଗ 22.3 ଓ 22.4 ପଢନ୍ତୁ ।

(4) ଭାଗ 22.4 ପଢନ୍ତୁ ।

(5) ଭାଗ 22.5 ପଢନ୍ତୁ ।

(6) ଭାଗ 22.5 ପଢନ୍ତୁ ।

23

ଭାରତରେ ଅର୍ଥନୈତିକ ଯୋଜନାର ସଫଳତା

ACHIEVEMENT OF ECONOMIC PLANNING IN INDIA

ପୂର୍ବ ପଠିତ ଅଧ୍ୟାୟରେ ଆପଣମାନେ ପଢିଛନ୍ତି ଯେ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଆର୍ଥିକ ବିକାଶର କେତେ ଆବଶ୍ୟକତା ଥିଲା । ଆର୍ଥିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଅର୍ଥନୈତିକ ଯୋଜନାକୁ ଗ୍ରହଣ କରାଗଲା । ଅର୍ଥନୈତିକ ଯୋଜନାର ଉଦ୍ଦେଶ୍ୟଗୁଡିକର ପ୍ରାପ୍ତି ପଞ୍ଚବାର୍ଷିକ ଯୋଜନାଗୁଡିକର ସହାୟତାରେ କରାଯିବାର ଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତତରେ ନିୟୋଜିତ ଆର୍ଥିକ ବିକାଶର ପ୍ରାୟତଃ ଷାଠିଏ ବର୍ଷ ଏବଂ ଏକାଦଶ ପଞ୍ଚବାର୍ଷିକ ଯୋଜନାର ପୂରଣ କରାଯାଇଛି ।

ଆପଣମାନେ ଯୋଜନାର କେତେକ ଉଦ୍ଦେଶ୍ୟ ଯଥା ମୁଣ୍ଡପିଛା ଆୟରେ ବୃଦ୍ଧି ଆୟ ଅସମାନତାରେ ହ୍ରାସ, ବୈଷୟିକ କୌଶଳର ଉନ୍ନତି । କୃଷି ତଥା ଶିଳ୍ପର ବିକାଶ ବିଷୟରେ ପ୍ରଥମରୁ ପଢି ସାରିଛନ୍ତି । ଏହି ଅଧ୍ୟାୟରେ ଆପଣମାନେ ଭାରତରେ ଅର୍ଥନୈତିକ ଯୋଜନାର ସଫଳତା ଏବଂ ପ୍ରଭାବଗୁଡିକ ବିଷୟରେ ଜାଣିବେ । ଆପଣ ଏହା ମଧ୍ୟ ଜାଣିବେ ଯେ ଅର୍ଥ ବ୍ୟବସ୍ଥା, ଅର୍ଥନୈତିକ ଯୋଜନାର କେତେକ ଉଦ୍ଦେଶ୍ୟ ହାସଲରେ କିପରି ଅସଫଳ ହୋଇଛି ଏବଂ ତା ସହିତ ଏଥିପାଇଁ ଦାୟୀ ଉପାଦାନଗୁଡିକ କ'ଣ ?

ଉଦ୍ଦେଶ୍ୟ :

ଏହି ଅଧ୍ୟାୟର ପଠନ ପରେ ଆପଣ :

- ଆର୍ଥିକ ବୃଦ୍ଧି ଆଧାର ଉପରେ ଭାରତୀୟ ଅର୍ଥ ବ୍ୟବସ୍ଥାର କାର୍ଯ୍ୟନିର୍ବାହର କଳନା କରିପାରିବେ ।
- ମୁଣ୍ଡ ପିଛା ଆୟର ପରିବର୍ତ୍ତନରେ ପ୍ରଚଳିତ ମୂଲ୍ୟ ଓ ସ୍ଥିର ମୂଲ୍ୟ ଉପରେ ତୁଳନା କରିପାରିବେ ।
- ସ୍ଥିର ମୂଲ୍ୟ ଉପରେ ରାଷ୍ଟ୍ରୀୟ ଆୟର ତୁଳନା ମୁଣ୍ଡପିଛା ଆୟ ସହିତ କରିପାରିବେ ।
- କୃଷି ବିକାଶ, ଶିଳ୍ପ ବିକାଶ, ବୈଷୟିକ କୌଶଳର ଆଧୁନିକୀକରଣ କ୍ଷେତ୍ରରେ ଯୋଜନାର କେତେକ ଅନ୍ୟ ସଫଳତାକୁ ଚିହ୍ନଟ କରିପାରିବେ ।
- ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଯୋଜନାର ପ୍ରଭାବକୁ କଳନା କରିପାରିବେ ।

- ଭାରତରେ ଯୋଜନାର ସମ୍ପୂର୍ଣ୍ଣ ସଫଳତାର ସମୀକ୍ଷା କରିପାରିବେ ।

23.1 ଅର୍ଥନୈତିକ ଯୋଜନାର ସଫଳତା

I) ଆର୍ଥିକ ବୃଦ୍ଧି : ଆର୍ଥିକ ବୃଦ୍ଧିର ଅର୍ଥ ମୁଣ୍ଡପିଛା ବାସ୍ତବିକ ଆୟରେ ବୃଦ୍ଧି । ଆପଣଙ୍କର ମନେ ଥିବ ଯେ ଭାରତରେ ଅର୍ଥନୈତିକ ଯୋଜନାର ଏକ ମୁଖ୍ୟ ଉଦ୍ଦେଶ୍ୟ ଯେ ଆର୍ଥିକ ବୃଦ୍ଧିରେ ତୀବ୍ରତା ଆଣିବା। ତୀବ୍ର ଆର୍ଥିକ ବୃଦ୍ଧିର ଆବଶ୍ୟକତା ଭାରତର ଲୋକମାନଙ୍କ ଆୟ ସ୍ତରରେ ବୃଦ୍ଧି ଏବଂ ବିଶ୍ୱର ବିକଶିତ ଔଦ୍ୟୋଗିକ ଅର୍ଥ ବ୍ୟବସ୍ଥା ସହ ସମାନକରିବା ଥିଲା।

II) ମୁଣ୍ଡ ପିଛା ଆୟରେ ବୃଦ୍ଧି : ପୂର୍ବରୁ ଆମେ ପଢିଛନ୍ତିଯେ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ ଯୋଗୁଁ ଭାରତରେ ମୁଣ୍ଡପିଛା ଆୟ ପ୍ରଚଳିତ ଦରରେ 238 ଟଙ୍କା ଥିଲା। 1995-96ରେ ମୁଣ୍ଡପିଛା ଆୟ ବୃଦ୍ଧି ହୋଇ 9321 ଟଙ୍କା ହୋଇଛି ଯାହାକି 1950-51ରେ ମୁଣ୍ଡ ପିଛା ଆୟର 39 ଗୁଣ। ଏହା ଏକ ବିରାଟ ବଡ ବୃଦ୍ଧି, କିନ୍ତୁ ଏହି ବୃଦ୍ଧିର ମୁଖ୍ୟ କାରଣ, ଦରରେ ବୃଦ୍ଧି। ଦୁଇବର୍ଷରେ ଏହି ମୁଣ୍ଡପିଛା ଆୟ ପ୍ରତ୍ୟେକ ବର୍ଷର ପ୍ରଚଳିତ ଦର ଉପରେ ହୋଇଥାଏ। ଏଥିପାଇଁ ଯେ ଦୁଇବର୍ଷରେ ମୂଲ୍ୟ ବା ଦର ଭିନ୍ନ ଥିଲା। ଏହା ଜଣାଯାଏ ନାହିଁ ଯେ ମୁଣ୍ଡପିଛା ବାସ୍ତବିକ ଆୟ ଅର୍ଥାତ୍ ସ୍ଥିର ମୂଲ୍ୟ ଉପରେ ଦ୍ରବ୍ୟ ଓ ସେବାର "ମୋଟ ମୂଲ୍ୟ"ରେ କେତେ ବୃଦ୍ଧି ହୋଇଛି। ଏହି କାରଣ ଯୋଗୁଁ ମୁଣ୍ଡପିଛା ଆୟରେ ବୃଦ୍ଧିକୁ ସ୍ଥିର ମୂଲ୍ୟ ଉପରେ ନିଆଯାଇଥାଏ ଅର୍ଥାତ୍ 1980-81ରେ ପ୍ରଚଳିତ ମୂଲ୍ୟ ଉପରେ । ଏହି ମୂଲ୍ୟ ଉପରେ 1950-51ରେ ମୁଣ୍ଡପିଛା ଆୟ 1,127 ଟଙ୍କା ଥିଲା। ଏହା ବୃଦ୍ଧି ହୋଇ 1995-96ରେ 2573 ଟଙ୍କା (ସେହି ମୂଲ୍ୟ ଉପରେ) ହୋଇଗଲା। ଏହାର ଅର୍ଥ ହେଲା ଯେ ପ୍ରାୟତଃ 45 ବର୍ଷରେ ମୁଣ୍ଡପିଛା ବାସ୍ତବିକ ଆୟ 2.28 ଗୁଣ ବୃଦ୍ଧି ହୋଇଛି । ଅତଏବ ମୁଣ୍ଡପିଛା ବାସ୍ତବିକ ଆୟରେ ବୃଦ୍ଧି ହୋଇଛି ମାତ୍ର ଖୁବ୍ ଧୀର ଗତିରେ ।

(III) ରାଷ୍ଟ୍ରୀୟ ଆୟରେ ବୃଦ୍ଧି : ରାଷ୍ଟ୍ରୀୟ ଆୟରେ ବୃଦ୍ଧି ହୋଇଛି ଏହା ହେଉଛି ଯୋଜନାର ଏକ ବିଶିଷ୍ଟ ସଫଳତା । ଯୋଜନାର ପ୍ରଥମ ଦଶକରେ ଅର୍ଥାତ୍ 1960-61 ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଆୟରେ ହାରାହାରି ବାର୍ଷିକ ବୃଦ୍ଧି ହାର 3.8 ପ୍ରତିଶତ ରହିଛି। ଦ୍ୱିତୀୟ ଦଶକ (1960-61 ରୁ 1970-71 ପର୍ଯ୍ୟନ୍ତ)ରେ ଏହା ଶତକଡ଼ାକୁ ହ୍ରାସ ପାଇଲା ମାତ୍ର ତୃତୀୟ ଦଶକ (1970-71 ରୁ 1980-81 ପର୍ଯ୍ୟନ୍ତ) ମଧ୍ୟରେ ଏହା ବୃଦ୍ଧି ପାଇ 3.3 ଶତକଡ଼ା ହୋଇ 1980-81 ରୁ 2001-02 ପର୍ଯ୍ୟନ୍ତ ଏହା ଦ୍ରୁତ ଗତିରେ ବଢିଲା। ରାଷ୍ଟ୍ରୀୟ ଆୟରେ ଏହି ବୃଦ୍ଧିର ଅର୍ଥ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବୃଦ୍ଧି ଉପରେ ଉତ୍ତମ ପ୍ରଭାବ ପଡିଛି ।

ପଞ୍ଚବାର୍ଷିକ ଯୋଜନାରେ ବୃଦ୍ଧିର କାର୍ଯ୍ୟ ନିର୍ବାହ

ପଞ୍ଚବାର୍ଷିକ ଯୋଜନା	ଲକ୍ଷ	ବାସ୍ତବିକ
1. ପ୍ରଥମ ଯୋଜନା (1951-56)	2.1	3.6
2. ଦ୍ୱିତୀୟ ଯୋଜନା (1956-61)	4.5	4.1
3. ତୃତୀୟ ଯୋଜନା (1961-66)	5.6	2.5
4. ଚତୁର୍ଥ ଯୋଜନା (1969-74)	5.7	3.3
5. ପଞ୍ଚମ ଯୋଜନା (1974-79)	4.4	4.9
6. ଷଷ୍ଠ ଯୋଜନା (1980-85)	5.2	5.4
7. ସପ୍ତମ ଯୋଜନା (1985-90)	5.0	5.8
8. ଅଷ୍ଟମ ଯୋଜନା (1992-97)	5.6	6.7
9. ନବମ ଯୋଜନା (1999-2002)	6.5	5.35
10. ଦଶମ ଯୋଜନା (2002-2007)	8.0	7.2
11. ଏକାଦଶ ଯୋଜନା (2007-2012)	-	9.0
12. ଦ୍ୱାଦଶ ଯୋଜନା (2012-2017)	-	-

ଉତ୍ସ : ଯୋଜନା ଆୟୋଗ, ଦଶମ ପଞ୍ଚବାର୍ଷିକ ଯୋଜନା 2002-07 (ନୂଆଦିଲ୍ଲୀ 2003) ସାରଣୀ-2.1, P-24

23.2 କୃଷି ଉତ୍ପାଦନରେ ବୃଦ୍ଧି

ଭୂ-ସଂସ୍କାର ଏବଂ ନୂତନ କୃଷି ନୀତି ଯୋଗୁଁ ଉତ୍ପାଦନ ବିଶେଷତଃ ଖାଦ୍ୟଶସ୍ୟରେ ଖୁବ୍ ବୃଦ୍ଧିହେଲା । ଭୂ-ସଂସ୍କାର ବାସ୍ତବରେ କୃଷି କରୁଥିବା ଲୋକମାନେ ହେଉଥିବା ଶୋଷଣକୁ ବନ୍ଦ କରିଦେଲା ଏବଂ ସେମାନଙ୍କୁ ଭୂମିର ମାଲିକାନା ସତ୍ତ୍ୱ ଅଧିକାରଦେଇ ଉତ୍ପାଦନ ବୃଦ୍ଧି କରିବାକୁ ପ୍ରେରଣା ଦେଲା । ନୂତନ କୃଷି ନୀତି (ସବୁଜ ବିପ୍ଳବ)ର ଶୁଭାରମ୍ଭ ୧୯୬୬ର ଖରିଫ ଫସଲ ମୌସମରୁ ଫୁଡ ଫାଉଣ୍ଡେସନର ଦକ୍ଷ ବିଶେଷଜ୍ଞ ଦଳଙ୍କ ମତ ବା ବିଚାରର ଆଧାର ଉପରେ କରାଗଲା ଯାହାକୁ ଭାରତ ସରକାର ଦ୍ୱାରା କୃଷି ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧିର ପଦ୍ଧତି ଏବଂ ସାଧନର ବିଷୟରେ ପରାମର୍ଶ ପାଇଁ ଆମନ୍ତ୍ରିତ କରାଯାଇଥିଲା । ଏହାକୁ ମଧ୍ୟ "ଅଧିକ ଅମଳକ୍ଷମ ବିହୀନ" କାର୍ଯ୍ୟକ୍ରମ କୁହାଯାଏ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସେମାନେ ଜଳସେଚନ ଏବଂ ରାସାୟନିକ

ସାର, କୀଟନାଶକ ଏବଂ ଅଧିକ ଅମଳକ୍ଷମ ବିହନର ବ୍ୟବହାର ରହିଥିଲା । ଏହି ଦୁଇଟି ମୁଖ୍ୟ ବିଚାର ସହିତ ଖାଦ୍ୟଶସ୍ୟର ଉତ୍ପାଦନରେ ବୃଦ୍ଧି ଘଟିଲା ଏବଂ ଭାରତ ଯେଉଁ ଦେଶ ଖାଦ୍ୟଶସ୍ୟକୁ ଆମଦାନୀ କରୁଥିଲା ତାହା ନିଜେ ରପ୍ତାନିକାରୀ ହୋଇପାରିଲା ।

23.3 ଶିଳ୍ପ ଉତ୍ପାଦନରେ ବୃଦ୍ଧି

ମୋଟ ଘରୋଇ ଉତ୍ପାଦ GDP ରେ ଶିଳ୍ପ କ୍ଷେତ୍ରର ଅଂଶଧନର ଧିର କିନ୍ତୁ ଅନବରତ ବୃଦ୍ଧି ହୋଇଚାଲିଛି । ସାଧନ ପରିବ୍ୟୟ ଉପରେ ମୋଟ ଘରୋଇ ଉତ୍ପାଦରେ ଶିଳ୍ପର ଅଂଶଦାନ 1950-51ରେ 13.3%ରୁ ବୃଦ୍ଧି ହୋଇ 2004-05ରେ 23.8% ହେଲା । ଭାରତ ଅନେକ ପ୍ରକାର ନିର୍ମିତ ଦ୍ରବ୍ୟର ରପ୍ତାନି ଉପରେ ନିର୍ଭରଶୀଳ ଥିଲା । ଯଥା-ଛୁଞ୍ଚି, ସାଇକେଲ, କାର, ଟ୍ରକ, ରେଳଇଞ୍ଜିନ ଇତ୍ୟାଦି । ଭାରତୀୟ ଶିଳ୍ପ ବର୍ତ୍ତମାନ ଏହିସବୁ ତଥା ଅନ୍ୟାନ୍ୟ ଅନେକ ଭିନ୍ନ ଦ୍ରବ୍ୟ ଉତ୍ପାଦନରେ ସକ୍ଷମ ହୋଇଛି ।

23.4 ବୈଷୟିକ କୌଶଳର ଆଧୁନିକୀକରଣ

କୃଷି ତଥା ଶିଳ୍ପ କ୍ଷେତ୍ରର ବିକାଶ ସହିତ ଭାରତ ବୈଷୟିକ ଜ୍ଞାନ କ୍ଷେତ୍ରରେ ମଧ୍ୟ ଦ୍ରୁତଗତିରେ ପ୍ରଗତି ହାସଲ କରିଛି । ଭାରତ ବର୍ତ୍ତମାନ ପୃଥିବୀ ସେହି ଅଳ୍ପ କେତେକ ଦେଶ ମଧ୍ୟରେ ଅନ୍ୟତମ ଯିଏ ନିଜର ଉପଗ୍ରହ ନିର୍ମାଣ କରିପାରିଛି । ଏହା ମଧ୍ୟ ପରମାଣୁଶକ୍ତି ରିଏକ୍ଟର ନିର୍ମାଣ କରିବାର କ୍ଷମତା ରଖିଛି । କେତେକ ଅତ୍ୟାଧୁନିକ ପ୍ରତିରକ୍ଷା ଉପକରଣ, ସୁପର କମ୍ପ୍ୟୁଟର ଏବଂ ବୈଷୟିକ ଜ୍ଞାନ ରୂପରେ ଉନ୍ନତ ଦ୍ରବ୍ୟର ନିର୍ମାଣରେ ପ୍ରଶଂସନୀୟ ପ୍ରଗତି ହାସଲ କରିଛି । ଯୋଜନା ଆୟୋଗ "ସଂସ୍ଥା/ବିଶ୍ୱବିଦ୍ୟାଳୟ ଏବଂ ଇଲେକ୍ଟ୍ରୋନିକ୍ସରେ ଉନ୍ନତ ବୈଷୟିକ ଜ୍ଞାନରେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକୁ ସଶକ୍ତ କରି ଗଢ଼ିବାକୁ ଏବଂ ବୃହତ୍ ଇଲେକ୍ଟ୍ରୋନିକ୍ସ ସମ୍ପ୍ରଦାୟକୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ କେତେକ ଉତ୍ପାଦକ ସଂସ୍ଥାରେ ବ୍ୟବସାୟିକ ପ୍ରଶିକ୍ଷଣ (On The Job Training) ବୃଦ୍ଧି କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି ।"

ଅର୍ଥ ବ୍ୟବସ୍ଥାର ଆଧୁନିକୀକରଣ :

ବୈଷୟିକ ଜ୍ଞାନର ଆଧୁନିକୀକରଣ ବ୍ୟତୀତ ଭାରତୀୟ ଅର୍ଥ ବ୍ୟବସ୍ଥାର ମଧ୍ୟ ପ୍ରଚୁର ଆଧୁନିକୀକରଣ ହୋଇଅଛି । ଏହା ଅନ୍ତର୍ଗତ ସରକାରୀ କ୍ଷେତ୍ରର ବିକାଶ ଏବଂ ଆର୍ଥିକ ଉନ୍ନତି ଆସିଥାଏ ଯଥା- ଉଦାରୀକରଣ, ଘରୋଇକରଣ, ଜଗତୀକରଣ, ଛୋଟ ଓ ମଧ୍ୟମ ଶିଳ୍ପର ବିସ୍ତାର ଓ ବିକାଶ, ବ୍ୟାଙ୍କିଙ୍ଗ କ୍ଷେତ୍ର ଯେଉଁଗୁଡ଼ିକ ଗ୍ରାମାଞ୍ଚଳ କ୍ଷେତ୍ରରେ ବିସ୍ତୃତ ।

ସଂକ୍ଷେପରେ ଯୋଜନାକାଳ ମଧ୍ୟରେ ଭାରତ ଆର୍ଥିକ ପ୍ରଗତି କରିଛି । ଦେଶ, ଶିଳ୍ପ, ଶକ୍ତି, ବହୁଦେଶୀୟ ପରିଯୋଜନାମାନ ତଥା କୃଷି ଉତ୍ପାଦନ ଇତ୍ୟାଦିର ବୃଦ୍ଧିର ମୂଳଦୁଆ ସ୍ଥାପିତ କରିବାରେ ସଫଳ ହୋଇଅଛି ।

ପାଠ୍ୟଗତ ପ୍ରଶ୍ନ 23.1

1) ଠିକ୍ କି ଭୁଲ କୁହ ।

(I) ସ୍ୱାଧୀନତା ପରେ ଭାରତରେ କୃଷି ଉତ୍ପାଦନରେ ବୃଦ୍ଧି ହୋଇନାହିଁ।

(II) ଅର୍ଥନୈତିକ ଯୋଜନା ଶିଳ୍ପର ଦ୍ରୁତ ବିସ୍ତାର କରିଛି ।

(III) ଭାରତରେ ଅର୍ଥନୈତିକ ଯୋଜନାର ଆରମ୍ଭ ଫଳରେ ବୈଷୟିକ ଜ୍ଞାନ ଆଧୁନିକୀକରଣ ପ୍ରଭାବଶାଳୀ ହୋଇଅଛି ।

2. ଚାରିଗୋଟି ଦ୍ରବ୍ୟର ତାଲିକା କରନ୍ତୁ, ଯାହା ସ୍ୱାଧୀନତା ସମୟରେ ଭାରତ ଆମଦାନୀ କରୁଥିଲା ଏବଂ ବର୍ତ୍ତମାନ ତାହା ରପ୍ତାନୀ ହେଉଅଛି ।

23.5 ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଯୋଜନାର ପ୍ରଭାବ

ଅର୍ଥନୈତିକ ଯୋଜନାର ପ୍ରଭାବର ସର୍ବଶ୍ରେଷ୍ଠ ବର୍ଣ୍ଣନା, ଯୋଜନାଗୁଡିକର ଲକ୍ଷ୍ୟ ଓ ଉଦ୍ଦେଶ୍ୟର ପୂରଣ ବିବରଣୀରେ କରାଯାଇପାରେ ।

1. ତୀବ୍ର ଆର୍ଥିକ ବୃଦ୍ଧି :

ସ୍ୱାଧୀନତା ପଶ୍ଚାତ ସମୟ ଆର୍ଥିକ ବୃଦ୍ଧିର ଦୁଇଟି ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦର୍ଶାଏ । ପର୍ଯ୍ୟାୟ-1- 1950 ଠାରୁ 1980 ପର୍ଯ୍ୟନ୍ତ 3.5 ଶତକଡ଼ା ଆର୍ଥିକ ବୃଦ୍ଧିର ହାର, ପର୍ଯ୍ୟାୟ-II- 1980 ଠାରୁ 2005 ପର୍ଯ୍ୟନ୍ତ 5.6 ଶତକଡ଼ା ଆର୍ଥିକ ବୃଦ୍ଧିର ହାର। ଆର୍ଥିକ ବୃଦ୍ଧିର ଏହି ହାର ଆକଳନ ଠାରୁ ଅନେକ କମ୍ ରହିଛି । ଯଦି ଆମେ ମୁଣ୍ଡ ପିଛା ଆୟରେ ବୃଦ୍ଧି ହାରକୁ ନେବା ତେବେ କାର୍ଯ୍ୟକାରୀ ଅଧିକ ନିରାଶଜନକ ହେବ।

ଆମ ପଡୋଶୀ ଦେଶ ଚୀନ ତୁଳନାରେ ମଧ୍ୟ ଭାରତର ଆର୍ଥିକ ବୃଦ୍ଧି ହାର ଅତ୍ୟନ୍ତକ୍ଷୀଣ। ଭାରତରେ 1990-2003 ମଧ୍ୟରେ GDPରେ ୫.୮ ଶତକଡ଼ା ହାରରେ ବୃଦ୍ଧି ରେକର୍ଡ କରାଯାଇଥିବାବେଳେ ଏହି ସମୟ ମଧ୍ୟରେ ଚୀନ ୯% ବୃଦ୍ଧି ହାର ରେକର୍ଡ କରିଛି । ଆର୍ଥିକ ବୃଦ୍ଧି ଘଟିଛି ମାତ୍ର ଲକ୍ଷ ଅନୁପାତରେ ନୁହେଁ । ଏହା କେତେକ ବିକାଶଶୀଳ ଦେଶର ବୃଦ୍ଧିହାର ଠାରୁ ମଧ୍ୟ କମ୍ ଥିଲା, ଆମେ ଏହାଠୁଁ ଅଧିକ କରିପାରିଥାନ୍ତେ ।

2. ଅସମାନତାରେ ହ୍ରାସ :

ଆର୍ଥିକ ବୃଦ୍ଧି ଫଳରେ ହୋଇଥିବା ଲାଭର ସମାନ ବଣ୍ଟନକୁ ଅତ୍ୟଧିକ ସୀମିତ ସ୍ତର ପର୍ଯ୍ୟନ୍ତ ପ୍ରାପ୍ତ କରାଯାଇପାରେ । ବୃଦ୍ଧିର ଲାଭ ନିମ୍ନବର୍ଗ ଲୋକଙ୍କୁ କଦାପି ମିଳିଲା ନାହିଁ କାରଣ ବୃଦ୍ଧିର

ଲାଭପ୍ରାପ୍ତି ଏବଂ ବିଶିଷ୍ଟ ବର୍ଗକୁ ହିଁ ହେଲା, ଏହାକୁ ଟ୍ରିକିଲ୍ ଡାଉନ ଇଫେକ୍ଟ (Trickle down effect) କୁହାଯାଏ । ଭାରତୀୟ ଅର୍ଥ ବ୍ୟବସ୍ଥାରେ ଧନୀ ଓ ଗରିବଙ୍କ ମଧ୍ୟରେ ବର୍ତ୍ତମାନ ବଡ ବ୍ୟବଧାନ ରହିଛି ।

3. ସନ୍ତୁଳିତ ଆଞ୍ଚଳିକ ବିକାଶ :

ଯୋଜନାରୁ ପ୍ରାପ୍ତ ହିତ ବା ଲାଭଗୁଡିକ ସହରାଞ୍ଚଳ କ୍ଷେତ୍ରରେ କେନ୍ଦ୍ରୀକରଣ ହୋଇଗଲା । ଗ୍ରାମାଞ୍ଚଳ କ୍ଷେତ୍ରକୁ ଉପେକ୍ଷା କରାଗଲା । ଚିକିତ୍ସା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଶିକ୍ଷା, ପାନୀୟ ଜଳ, ଋଣ ଉପଲବ୍ଧି ଇତ୍ୟାଦି ସହରାଞ୍ଚଳରେ ଗ୍ରାମାଞ୍ଚଳ ଠାରୁ କେତେ ବେଶୀ, ଜନସଂଖ୍ୟାର ଅଧିକାଂଶ (ପ୍ରାୟତଃ ୭୨%) ଭାଗ ବର୍ତ୍ତମାନ ମଧ୍ୟ ଗ୍ରାମାଞ୍ଚଳରେ ବାସ କରୁଛନ୍ତି । ଏବଂ ବର୍ତ୍ତମାନ ମଧ୍ୟ କୃଷି GDPର ଏକ ବଡ଼ ଅଂଶୀଦାର (୨୩%) ୨୦୦୩ରେ ଅଛି । କୃଷି ଗତିବିଧିର ବିସ୍ତାର ବିଭିନ୍ନ ନୂତନ କ୍ଷେତ୍ରକୁ ଯଥା ପଶୁପାଳନ, ମାଛ ଚାଷ, ଜୈବିକ କୃଷି ଏବଂ ଅନ୍ୟାନ୍ୟ ପରିବେଶ ମୂଳକ ପ୍ରକ୍ରିୟା ଆଡକୁ ହେଉଅଛି । ଏହାର ତାତ୍ପର୍ଯ୍ୟ ହେଉଛି ଯେ ତିନିଗୋଟି କ୍ଷେତ୍ର- ଉଦ୍ୟୋଗ, କୃଷି ଓ ସେବା କ୍ଷେତ୍ରରେ ଆମକୁ ସନ୍ତୁଳିତ ବୃଦ୍ଧି ଆଡକୁ ଧ୍ୟାନ ଦେବା ଆବଶ୍ୟକ। ଗ୍ରାମାଞ୍ଚଳରେ ବର୍ଦ୍ଧିତ ଗରିବ ଯୋଜନାମାନ ଦାରିଦ୍ର୍ୟ ଉତ୍ପାଟନ ଉପରେ ମିଶ୍ରିତ ପ୍ରଭାବର ଆଲୋକ ।

4. ବେକାରୀରେ ହ୍ରାସ :

1960-2000 ସମୟ ମଧ୍ୟରେ ରୋଜଗାର ବୃଦ୍ଧି ହାର ୨ ଶତକଡ଼ା ଥିଲା। GDP ବୃଦ୍ଧି ହାର ଅଧିକ ଥିଲା। ଏହାର ଅର୍ଥ ଯେ ଉତ୍ପାଦନରେ ବୃଦ୍ଧି, ରୋଜଗାର ସୁଯୋଗରେ ସମାନ ବୃଦ୍ଧି ବିନା ହୋଇଥିଲା। ତା ସହିତ ସ୍ୱରୋଜଗାର ଏବଂ ନିୟମିତ ବୈତନିକ କର୍ମଚାରୀଙ୍କର ହ୍ରାସ ଓ ମଜୁରିଆ ଶ୍ରମିକଙ୍କର ବୃଦ୍ଧି ହୋଇଛି ।

ସରକାର ବିଭିନ୍ନ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଯଥା-ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଏବଂ ଜବାହାର ରୋଜଗାର ଯୋଜନା ତଥାପି ଦେଶରେ ୨୫ ମିଲିୟନ ଲୋକ ବେକାରୀ ଅଛନ୍ତି ।

5. ମୌଳିକ ସଂରଚନାର ବିକାଶ :

ଆରମ୍ଭରୁ ସରକାର ମୌଳିକ ସଂରଚନାର ବିକାଶରେ ଭାଗନେଲେ ମାତ୍ର ବର୍ତ୍ତମାନ ଘରୋଇ କ୍ଷେତ୍ର ମଧ୍ୟ ଏହାର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଲାଗିଲେଣି ।

ଭାରତ GDPର ମାତ୍ର ୫% ମୌଳିକ ସଂରଚନାରେ ବିନିଯୋଗ କରୁଛି । ସିଧା ଅର୍ଥରେ ଏହା ଏକ ବିରାଟ ରାଶି, ମାତ୍ର ଏହା ଆବଶ୍ୟକତା ହିସାବ ଅନୁସାରେ କମ୍ । ଗ୍ରାମୀଣ ଭାରତର କେତେକ ଅଂଶରେ ବର୍ତ୍ତମାନ ମଧ୍ୟ ଭଲ ସଡକ, ଦୂର ସଂଚାର, ବିଦ୍ୟୁତ୍, ସୁରକ୍ଷିତ ପାନୀୟ ଜଳ,

ବିଦ୍ୟାଳୟ ତଥା ହାସପାତାଳ ଇତ୍ୟାଦିର ଆବଶ୍ୟକ ଅଛି । ଭାରତ ଦୂରସଂଚାର କ୍ଷେତ୍ରରେ ପ୍ରଶଂସନୀୟ ପ୍ରଗତି କରିଛି ଯାହାର ପ୍ରମାଣ ଟେଲିଫୋନ ଏବଂ ମୋବାଇଲ ଫୋନ ବ୍ୟବହାରକାରୀଙ୍କ ମଧ୍ୟରେ ବୃଦ୍ଧି ।

6. ଆତ୍ମନିର୍ଭରଶୀଳତା :

ଭାରତ ଆଜି ମଧ୍ୟ ବିଗତ ଋଣ ଭାରରେ ଭାରାକ୍ରାନ୍ତ ଏବଂ ବିଦେଶୀ ଅନୁଦାନ ଏବଂ ଋଣ ପାଇଁ ବାହ୍ୟ ସ୍ରୋତ ବେଳେବେଳେ ଦରକାର ହେଉଛି । ପରନ୍ତୁ ନିର୍ଭରଶୀଳତାର ପରିମାଣ ସାର୍ବଜନୀକ କ୍ଷେତ୍ର ଯୋଜନା ବ୍ୟୟର ପ୍ରାୟତଃ୧୦% (ଷଷ୍ଠ ଯୋଜନା)ରୁ ହ୍ରାସ ପାଇଁ ୧୦ମ ଯୋଜନା ବେଳକୁ ମାତ୍ର ୧.୭% ରହିଥିଲା, ଏହାର କାରଣ ରପ୍ତାନୀ ବୃଦ୍ଧି କରି ଓ ଆମଦାନୀ ଦ୍ରବ୍ୟକୁ ଦେଶରେ ହିଁ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଉଦ୍ୟମ ଜାରି ରଖିଛି । ଆମଦାନୀ ପ୍ରତିସ୍ଥାପନ ସହିତ ପ୍ରବାସୀ ଭାରତୀୟଙ୍କ ନିବେଶ ଉପରେ ନିଆଯାଉଥିବା ଗୁରୁତ୍ୱ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଅତି ଆବଶ୍ୟକ ବିଦେଶୀ ମୁଦ୍ରା ଅର୍ଜନ କରିବାକୁ ଅନେକ ସଫଳ ହୋଇଛି । ବର୍ତ୍ତମାନ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଭାରତ ସହିତ ସମ୍ପର୍କ ରଖିବାକୁ ଆଗ୍ରହୀ ।

ପାଠ୍ୟଗତ ପ୍ରଶ୍ନ 23.2

1. ନିମ୍ନ ଉକ୍ତିଗୁଡ଼ିକ ଠିକ୍ ନା ଭୁଲ କୁହ ।

(କ) 1990-2003 ସମୟ ମଧ୍ୟରେ ଭାରତର GDP ବୃଦ୍ଧିହାର ଚୀନ ଠାରୁ ଅଧିକ ଥିଲା

(ଖ) "ଟ୍ରିକିଲ୍ ଡାଉନ ପ୍ରଭାବ" ଆୟର ନଷ୍ଟର ପ୍ରଭାବ ।

(ଗ) ଭାରତରେ 72% ଜନସଂଖ୍ୟା ଗ୍ରାମରେ ରହନ୍ତି ।

(ଘ) ଯୋଜନାର ପ୍ରଭାବ ଭାରତରେ ଗ୍ରାମୀଣ ଗରିବଙ୍କ ଉପରେ ସୀମିତ ଥିଲା ।

(ଙ) ସ୍ୱାଧୀନତା ସମୟରୁ ଭାରତରେ GDP ତୁଳନାରେ ରୋଜଗାର ବୃଦ୍ଧିର ହାର ଅଧିକ ଥିଲା ।

(ଚ) ମୌଳିକ ସଂରଚନାର ବିକାଶ ଘରୋଇ କ୍ଷେତ୍ର ଦ୍ୱାରା କରାଯାଇପାରେ ନାହିଁ ।

(ଛ) ଆମଦାନୀ ପ୍ରତିସ୍ଥାପନାର ଅର୍ଥ ଦେଶରେ ଉକ୍ତ ଦ୍ରବ୍ୟର ଉତ୍ପାଦନ ସହିତ ଜଡ଼ିତ ଯାହା ବିଦେଶରୁ ଆମଦାନୀ କରାଯାଇଥାଏ ।

2) ନିମ୍ନ ଉକ୍ତି ପାଇଁ ଏକ ବାକ୍ୟାଂଶ ଲେଖ ।

(I) ଆର୍ଥିକ ବୃଦ୍ଧିର ଲାଭକୁ ଲୋକଙ୍କ ପର୍ଯ୍ୟନ୍ତ ସ୍ୱଂୟ ପହଞ୍ଚିଯିବ................ ।

(II) ବୃଦ୍ଧି, ଯାହା ତିନୋଟି ଯାକକ୍ଷେତ୍ର (କୃଷି, ଶିଳ୍ପ ଓ ସେବା) ଉପରେ ସମାନ ଜୋର୍

ଦେଇଥାଏ.................... ।

(III) ବଡ଼ ଫାର୍ମ ଯାହାର ଏକରୁ ଅଧିକ ଦେଶରେ ଉତ୍ପାଦନ ଏକକ ମାନ ରହିଥାଏ.......... ।

(IV) ସେମାନେ ଭାରତୀୟ ମାତ୍ର ଭାରତରେ ନରହି ବିଦେଶରେ ରହନ୍ତି........ ।

23.6 ଭାରତରେ ଅର୍ଥନୈତିକ ଯୋଜନା, ଏକ ସମୀକ୍ଷା

ପୂର୍ବ ପାଠରେ ଆପଣମାନେ, ଭାରତରେ, ଅର୍ଥନୈତିକ ଯୋଜନାର କେତେକ ସଫଳତା ଓ ଅସଫଳତା ବିଷୟରେ ଜାଣିଛନ୍ତି । ଏହା ଆବଶ୍ୟକ ଯେ ଆମେ ଭାରତର ଅର୍ଥନୈତିକ ଯୋଜନାର ଏକ ସମୀକ୍ଷା କରିବା । ଏହା ଆମକୁ ଭାରତରେ ଅର୍ଥନୈତିକ ଯୋଜନା କାର୍ଯ୍ୟ ନିର୍ବାହର ସଫଳତାର ଚୁଡାରେ ପହଞ୍ଚାଇବାରେ ସହାୟକ ହେବ ।

ଆମେ ଜାଣନ୍ତି ଯେ, ଭାରତରେ ଅର୍ଥନୈତିକ ଯୋଜନାର ଫଳ ସ୍ୱରୂପ ଦ୍ୱିତୀୟ ସୋପାନରେ ଆର୍ଥିକ ବୃଦ୍ଧି ହାର ପ୍ରାୟତଃ ୬.୫ ପ୍ରତିଶତ ପ୍ରତିବର୍ଷ ରହିଛି । ଭାରତରେ ଅର୍ଥନୈତିକ ଯୋଜନାର ଲକ୍ଷ ଜୀବନସ୍ତର ଏବଂ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଆର୍ଥିକ ବୃଦ୍ଧିକୁ ତୀବ୍ର କରିବାକୁ ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାରତରେ ଜୀବନର ଗୁଣବତ୍ତାରେ ଉନ୍ନତି ଘଟିଛି ମାତ୍ର ଉନ୍ନତିର ମାତ୍ରା ପର୍ଯ୍ୟାପ୍ତ ହୋଇନାହିଁ । ଭାରତ ଏବେ ବି ମାନବ ବିକାଶ ସୂଚକାଙ୍କ ଯାହାକି ଜୀବନର ଗୁଣବତ୍ତାର ଏକ ମାନଦଣ୍ଡର ନିମ୍ନ ସ୍ଥାନରେ ଅଛି । ବେରୋଜଗାରୀରେ ହ୍ରାସ, ଦରିଦ୍ରତା, ବିଭିନ୍ନ କ୍ଷେତ୍ର ଏବଂ ଲୋକମାନଙ୍କ ମଧ୍ୟରେ ଅସମାନତା ଭଳି ବିବରଣୀରେ ଅଧିକ ସଫଳତା ମିଳିନାହିଁ । ତା ସହିତ ଅର୍ଥ ବ୍ୟବସ୍ଥା, ଆଧୁନିକୀକରଣ, ବୈଷୟିକ କୌଶଳର ବିକାଶ, ଶିଳ୍ପ ବିସ୍ତାର ଏବଂ କୃଷିରେ ଉନ୍ନତିର ପ୍ରତ୍ୟକ୍ଷଦର୍ଶୀ ରହିଛି । ବ୍ୟାଙ୍କିଙ୍ଗ୍, ଯାତାୟାତ, ସଂଚାର, ଶିକ୍ଷା, ଚିକିତ୍ସା, ପରିଚ୍ଛନ୍ନତା ସୁବିଧାଗୁଡିକର ବିକାଶ ପ୍ରଭାବଶାଳୀ ଅଛି । ପରନ୍ତୁ, ଏହା ପର୍ଯ୍ୟାପ୍ତ ନୁହେଁ । ଭାରତ ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ବିଶାଳ ଦେଶ, ଜୀବନର ଗୁଣବତ୍ତାକୁ ଉନ୍ନତ କରିବାକୁ ତଥା ସାମାଜିକ ସଂରଚନାକୁ ଗଠନ କରିବାକୁ ସଂସାଧନର ବ୍ୟବସ୍ଥାର ଆବଶ୍ୟକ ରହିଛି । ଅର୍ଥ ବ୍ୟବସ୍ଥାର କାର୍ଯ୍ୟନିର୍ବାହ ପର୍ଯ୍ୟାପ୍ତ ନୁହେଁ, କାରଣ ଅର୍ଥବ୍ୟବସ୍ଥା ସଂସାଧନ ଯୋଗାଇ ଦେବାରେ ଅସଫଳ ରହିଛି ।

ଅତଏବ, ଆମେ ଏହି ନିଷ୍କର୍ଷରେ ପହଞ୍ଚ ପାରିବା ଯେ ଭାରତର ଅର୍ଥନୈତିକ ଯୋଜନାର ସଫଳତା ଓ ଅସଫଳତା ଉଭୟ ରହିଛି । ଅର୍ଥନୈତିକ ଯୋଜନାର ଫଳସ୍ୱରୂପ ଅର୍ଥ ବ୍ୟବସ୍ଥାରେ କେତେକ ବିଶିଷ୍ଟ ପରିବର୍ତ୍ତନ ଘଟିଛି । ଏହି ଉନ୍ନତି ତଥା ପରିବର୍ତ୍ତନ ଅର୍ଥନୈତିକ ଯୋଜନାର ପୂର୍ଣ୍ଣମାତ୍ରାରେ ସଫଳତା ବୋଲି କହିବା ପର୍ଯ୍ୟାପ୍ତ ନୁହେଁ, ତା ସହିତ ସଫଳତାଗୁଡିକୁ ନଗଣ୍ୟ ମନେ କରିବା ଏବଂ କେବଳ ଅସଫଳତା ଉପରେ ଧ୍ୟାନଦେବା ଭୁଲ ହେବ ।

ଆପଣ କ'ଣ ଶିକ୍ଷା କଲେ

- 1950-51 ଏବଂ 1995-96ର ମଧ୍ୟରେ ଥିବା ୪୫ ବର୍ଷରେ ଭାରତର ବାସ୍ତବିକ ମୁଣ୍ଡପିଛା ଆୟ ୨.୩ ଗୁଣ ବଢିଅଛି । 1990-91 ଠାରୁ ଏଗାର ବର୍ଷ ମଧ୍ୟରେ ଯେଉଁ ସମୟରେ ଅଷ୍ଟମ ଏବଂ ନବମ ଯୋଜନା ଆସିଛି GDPର ବୃଦ୍ଧି ହାର ୫.୬ ଶତକଡ଼ା ପ୍ରତିବର୍ଷ ହୋଇଛି । ସର୍ବୋପରି ଯୋଜନା କାଳରେ ଭାରତୀୟ ଅର୍ଥ ବ୍ୟବସ୍ଥାର କାର୍ଯ୍ୟନିର୍ବାହ ଦୟନୀୟ ଦେଖାଯାଏ କାରଣ ମୁଣ୍ଡପିଛା ଆୟ ୨.୧୨ ଶତକଡ଼ା ପ୍ରତିବର୍ଷ ଅତ୍ୟନ୍ତ ନିମ୍ନହାରରେ ବୃଦ୍ଧି ହୋଇଛି । ଏପରି ସମ୍ଭବତଃ ରାଷ୍ଟ୍ରୀୟ ଆୟରେ ଧିର ବୃଦ୍ଧି ଏବଂ ଜନସଂଖ୍ୟାରେ ତୀବ୍ର ଗତିବୃଦ୍ଧି କାରଣରୁ ହୋଇଛି । ଏହି ବିଷୟରୁ ସୂଚନା ମିଳେ ଯେ ଆୟରେ ଅସମାନତାରେ ହ୍ରାସ ହୋଇନାହିଁ । ଜନସଂଖ୍ୟାର ଏକ ବିଶିଷ୍ଟ ଭାଗ ଏବେ ବି ଦରିଦ୍ର ସୀମାରେଖା ତଳେ ଅଛି ।

- ଭାରତ ଯେ କେବଳ ଖାଦ୍ୟଶସ୍ୟ ପୂରଣରେ ଆତ୍ମ ନିର୍ଭରଶୀଳ ତାହା ନୁହେଁ ବରଂ ଏହାର କେତେକ ରପ୍ତାନୀକାରୀ ଦେଶ ହୋଇଛି । କେତେକ ଦ୍ରବ୍ୟ ଯାହାର ନିର୍ମାଣ ସ୍ୱାଧୀନତା ସମୟରେ ହେଉନଥିଲା ତାହା ଆଜି ରପ୍ତାନୀ କରାଯାଉଛି । ବୈଷୟିକ କୌଶଳ, ବ୍ୟାଙ୍କିଙ୍ଗ ତଥା ବୀମାସୁବିଧା ମାନ ଭଳି ସଂସ୍ଥାଗତ ସଂରଚନାର ଅତ୍ୟଧିକ ଆଧୁନିକୀକରଣ ହୋଇଛି ।

- ଅର୍ଥନୈତିକ ଯୋଜନା ନିଜର କେତେକ ମୁଖ୍ୟ ଉଦ୍ଦେଶ୍ୟକୁ ହାସଲ କରିବାରେ ଅସଫଳ ରହିଅଛି । ଏହା ଲକ୍ଷ୍ୟ ମୁତାବକ ଆର୍ଥିକ ବୃଦ୍ଧି ହାରକୁ ପ୍ରାପ୍ତ କରିବାରେ ଅସଫଳ ହୋଇଛି । ଆର୍ଥିକ ବୃଦ୍ଧି ହାର କମ୍ ଅଛି । ଅସମାନତା ଓ ଦାରିଦ୍ର୍ୟତା ଏକ ସୁହାଇବା ସ୍ତର ପର୍ଯ୍ୟନ୍ତ ହ୍ରାସ ହୋଇନାହିଁ । ବେକାରୀ ଶେଷ ହୋଇନାହିଁ । ଆଞ୍ଚଳିକ ବୈଷମ୍ୟ ଏବେ ବି ରହିଛି ।

- ଭାରତରେ ଅର୍ଥନୈତିକ ଯୋଜନା କାର୍ଯ୍ୟରେ କେତେକ ସଫଳତା ମଧ୍ୟ ମିଳିଛି । ଆର୍ଥିକ ବୃଦ୍ଧି ହାର ସ୍ୱାଧୀତା ପୂର୍ବଠାରୁ ଅଧିକ ରହିଛି । ସାମାଜିକ ଓ ମୌଳିକ ଭୌତିକ ସଂରଚନାରେ କେତେକ ଉନ୍ନତି ଘଟିଛି ।

ପାଠ୍ୟାନ୍ତର ପ୍ରଶ୍ନ

1) ନିମ୍ନଲିଖିତ ବିଷୟରେ ଅର୍ଥନୈତିକ ଯୋଜନାର ସଫଳତା ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(I) ଆର୍ଥିକ ବୃଦ୍ଧି ହାରରେ ତୀବ୍ରତା

(II) ଜୀବନର ଗୁଣବତ୍ତାରେ ଉନ୍ନତି ।

2) ଭାରତରେ ଅର୍ଥନୈତିକ ଯୋଜନାର ମୁଖ୍ୟ ସାଫଲ୍ୟକୁ ସଂକ୍ଷେପରେ ବର୍ଣ୍ଣନା କର

3) ଭାରତର ଅର୍ଥନୈତିକ ଯୋଜନାର ପ୍ରମୁଖ ଅସଫଳତା ବିଷୟରେ ଲେଖ ।

4) ଭାରତର ଅର୍ଥନୈତିକ ଯୋଜନାର ସାଫଲ୍ୟ ଓ ଅସଫଳତା ଉଭୟ ରହିଛି ଟିପ୍ପଣୀ ଲେଖ ।

ପାଠ୍ୟଗତ ପ୍ରଶ୍ନର ଉତ୍ତର

23.1

1) (I) ଭୁଲ (II) ଠିକ୍ (III) ଠିକ୍

2) (I) ଖାଦ୍ୟଶସ୍ୟ (II) ସାଇକେଲ (III) କାର (IV) ଟ୍ରକ

23.2

1) (କ) ଭୁଲ (ଖ) ଭୁଲ (ଗ) ଠିକ୍ (ଘ) ଠିକ୍ (ଙ) ଭୁଲ (ଚ) ଭୁଲ (ଛ) ଠିକ୍

2) (I) ଟ୍ରିକଲ ଡାଉନ ପ୍ରଭାବ

(II) ସନ୍ତୁଳିତ ବିକାଶ

(III) ବହୁ ରାଷ୍ଟ୍ରୀୟ କମ୍ପାନୀମାନ

(IV) ପ୍ରବାସୀ ଭାରତୀୟ

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା

1) ଭାଗ 23.3 ଏବଂ 23.4 ପଢନ୍ତୁ

2) ଭାଗ 23.3 ଓ 23.4 ପଢନ୍ତୁ

3) ଭାଗ 23.5 ପଢନ୍ତୁ

4) ଭାଗ 23.6 ପଢନ୍ତୁ

24

ପ୍ରଚଳିତ ଆର୍ଥିକ ସଂସ୍କାର ଏବଂ ସରକାରଙ୍କ ଭୂମିକା

ପୂର୍ବ ପଠିତ ଅଧ୍ୟାୟରେ ଆମେ ଅଧ୍ୟୟନ କରିଛନ୍ତି ଯେ ଭାରତ ସମାନତା ଏବଂ ସାମାଜିକ ନ୍ୟାୟ ସହିତ ଆର୍ଥିକ ବୃଦ୍ଧିର ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ଯୋଜନାବଦ୍ଧ ଉପାୟ ଗ୍ରହଣ କଲା । ତଥାପି ସ୍ୱାଧୀନତା ପରେ ଗ୍ରହଣ କରାଯାଇଥିବା ଏହି ନୀତି ଲକ୍ଷ୍ୟକୁ ସଫଳତା ପୂର୍ବକ ହାସଲ କରିପାରିନାହିଁ । ୧୯୯୧ରେ ଭାରତର ଆର୍ଥିକ ନୀତିଗୁଡିକରେ ବଡ଼ଧରଣର ପରିବର୍ତ୍ତନ କରାଗଲା ଯାହାକି ଆର୍ଥିକ ବିକାଶ ଦୃଢତର ହେଉ, ଯାହାର ଆବଶ୍ୟକ ଯୋଜନାର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଥିଲା । ଅତଏବ ବର୍ଷ ୧୯୯୧ ଭାରତୀୟ ଆର୍ଥକ ନୀତିର ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନରଖିଛି । ନୂତନ ଆର୍ଥିକ ନୀତି ଯାହାର ଆଲୋଚନା ଏହି ଅଧ୍ୟାୟରେ ଦିଆଯାଇଛି । ୧୯୯୧ରେ ଭାରତରେ ଆରମ୍ଭ ହୋଇଥିବା ଆର୍ଥିକ ସଂସ୍କାରଗୁଡିକୁ ଉଲ୍ଲେଖ କରୁଛି । ନୂତନ ଆର୍ଥିକ ନୀତି ଏବଂ ଏହାର ଆବଶ୍ୟକତାକୁ ବୁଝିବାକୁ ହେଲେ, ସର୍ବପ୍ରଥମେ ପୁରାତନ ଆର୍ଥିକ ନୀତିର ମୁଖ୍ୟ ବିଶେଷତ୍ୱଗୁଡିକ ବୁଝିବା ଏବଂ ଶେଷ ଦଶକରେ ଆରମ୍ଭରୁ ଦେଶର ଆର୍ଥିକ ସ୍ଥିତିର ସମୀକ୍ଷା କରିବାର ଆବଶ୍ୟକ ଅଛି । ଆମେ ଏହି ଅଧ୍ୟାୟ ଶେଷରେ ନୂତନ ଆର୍ଥିକ ଅନ୍ତର୍ଗତ ସରକାରଙ୍କ ଭୂମିକାର ବର୍ଣ୍ଣନା କରିବା ।

ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ ଆପଣ,

- ୧୯୯୧ ପୂର୍ବରୁ ଥିବା ଅର୍ଥନୈତିକ ନୀତିର ବିଶେଷତ୍ୱର ବ୍ୟାଖ୍ୟା କରିପାରିବେ ।
- ୧୯୯୧ରେ ଅର୍ଥନୈତିକ ସଂକଟର କାରକଗୁଡିକୁ ଉଜ୍ଜ୍ୱଳ କରିପାରିବେ
- ନୂତନ ଅର୍ଥନୈତିକ ନୀତି, ଶିଳ୍ପ ନୀତି, ବାଣିଜ୍ୟ ନୀତି, ରାଜକୋଷୀୟ ନୀତି ଏବଂ ବିଭିନ୍ନ ବିତ୍ତୀୟ କ୍ଷେତ୍ରର ସଂସ୍କାରର ପ୍ରମୁଖ ବିଶେଷଣଗୁଡିକୁ ବର୍ଣ୍ଣନା କରିପାରିବେ ।
- ଏହା ବର୍ଣ୍ଣନା କରିପାରିବେ ଯେ ନୂତନ ଆର୍ଥିକ ବାତାବରଣରେ ଯୋଜନାର ଭୂମିକାରେ କି କି ପରିବର୍ତ୍ତ ଆସିଛି ।

24.1 1990-91ର ପୂର୍ବରୁ ଆର୍ଥିକ ନୀତିର ପ୍ରମୁଖ ବିଶେଷତ୍ୱ

ଯେପରି ଆମେ ଜାଣନ୍ତି ଯେ ଭାରତ ନିଜର ବିକାଶ ପାଇଁ ମିଶ୍ରିତ ଅର୍ଥ ବ୍ୟବସ୍ଥା ଗ୍ରହଣ

କରିଛି । ଏହି ବ୍ୟବସ୍ଥାରେ ସାର୍ବଜନିକ ଏବଂ ଘରୋଇ ଉଭୟ କ୍ଷେତ୍ର ବିଭିନ୍ନ ଗତିବିଧିଗୁଡ଼ିକରେ କାର୍ଯ୍ୟରତ ଥିଲେ । ଉଦାହରଣ ସ୍ୱରୂପ ସାର୍ବଜନୀକ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ କର୍ପୋରେସନ, ଭାରତ ହେଭି ଇଞ୍ଜିନିୟରିଂ ଲିମିଟେଡ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ, ଏୟାର ଇଣ୍ଡିଆ ଇତ୍ୟାଦି କାର୍ଯ୍ୟରତ ଥିଲେ । ଅନ୍ୟପକ୍ଷରେ ଘରୋଇ କ୍ଷେତ୍ରରେ ଟାଟା ସନ୍ସ, ରିଲାୟନ୍ସ ଉଦ୍ୟୋଗ ନିଗମ, ବିର୍ଲା ସିମେଣ୍ଟ ଇତ୍ୟାଦି ଥିଲେ । ଆସନ୍ତୁ ବର୍ଷ 1990-91 ପୂର୍ବରୁ ସେହି ଅର୍ଥନୈତିକ ନୀତିଗୁଡ଼ିକର ବିଶେଷତାକୁ ଆଲୋଚନା କରିବା ଯାହା ଏହି କ୍ଷେତ୍ରର କ୍ରିୟାକୁ ତ୍ୱରାନ୍ୱିତ କରିଛି ।

1) **ସାର୍ବଜନୀକ କ୍ଷେତ୍ରକୁ ଅଗ୍ରାଧିକାର :** ସ୍ୱାଧୀନତା ପୂର୍ବରୁ ସରକାରଙ୍କର ଏକ ବିଶ୍ୱାସ ଥିଲା ଯେ ଶିଳ୍ପାୟନର ତୀବ୍ର ଗତି ପାଇଁ ଭାରତକୁ ଏକ ବୃହତ ସାର୍ବଜନୀକ କ୍ଷେତ୍ରର ଆବଶ୍ୟକ ଅଛି । ଏହା ନିର୍ଣ୍ଣୟ କରିବ ଯେ ଅର୍ଥ ବ୍ୟବସ୍ଥାରେ ମୌଳିକ ଏବଂ ମୁଖ୍ୟ ଶିଳ୍ପ ବିକଶିତ କରାଯାଉ ଏବଂ କିଛି ଘରୋଇ ଶିଳ୍ପପତିମାନଙ୍କ ପାଖରେ ଶକ୍ତିର କେନ୍ଦ୍ରୀକରଣ ନହେଉ । ଅତଏବ କେତେକ ଆର୍ଥିକ କାର୍ଯ୍ୟକଳାପକୁ ସାର୍ବଜନୀକ କ୍ଷେତ୍ର ପାଇଁ ହିଁ କେବଳ ସଂରକ୍ଷିତ କରି ଦିଆଗଲା ଯାହା ଫଳରେ ଘରୋଇ କ୍ଷେତ୍ର ଏହି କ୍ଷେତ୍ରରେ ପ୍ରବେଶ କରିପାରିବ ନାହିଁ । ତନ୍ମଧ୍ୟରୁ ବିଦ୍ୟୁତ୍ ଉତ୍ପାଦନ ସଂଚାରଣ ଏବଂ ବିତରଣ, ଗମନାଗମନ ଓ ସଂଚାର, ଖନନ, ଭାରୀ ଯନ୍ତ୍ରପାତି ଭଳି ଶିଳ୍ପ ସାମିଲଥିଲେ ।

2) **ଔଦ୍ୟୋଗିକ ଲାଇସେନ୍ସିଂ (Industrial licensing) :** ଘରୋଇକ୍ଷେତ୍ର ପାଇଁ ଛାଡ଼ି ଦିଆଯାଇଥିବା କେତେକ ଉଦ୍ୟୋଗ ଅନେକଗୁଡ଼ିଏ ନିୟନ୍ତ୍ରଣ ଏବଂ ନିୟମର ଅଧୀନ ଥିଲେ । ଏଗୁଡ଼ିକୁ ଔଦ୍ୟୋଗିକ ଲାଇସେନ୍ସ ନୀତି ସାହାଯ୍ୟରେ କରାଗଲା । ଏହି ବ୍ୟବସ୍ଥା ଅନୁସାରେ ଏକ ଘରୋଇ ଉଦ୍ୟୋଗକୁ ସ୍ଥାପନା କରିବା ପୂର୍ବରୁ ସରକାରଙ୍କର ବିଭିନ୍ନ ବିଭାଗରୁ ଅନୁମତି ନେବାକୁ ପଡୁଥିଲା । ଘରୋଇ କ୍ଷେତ୍ର ଆକାର ଉତ୍ପାଦନର ଆୟତନ ଅନୁଯାୟୀ ଯାହା ଉପରେ କାମ କରିପାରିବ ସେହି ଆଧାର ଉପରେ ମଧ୍ୟ ନିୟନ୍ତ୍ରିତ ଥିଲେ । ଅନ୍ୟ ଅର୍ଥରେ ଘରୋଇ କ୍ଷେତ୍ରକୁ ଏକ ବିଶେଷ ଆକାରରେ ସମସ୍ତ କାର୍ଯ୍ୟର ବିସ୍ତାର ପାଇଁ ଅନୁମତି ନଥିଲା ।

3) **ବିଦେଶୀ ନିବେଶ ଉପରେ ପ୍ରତିବନ୍ଧକ :** ଦେଶରେ ବିଦେଶୀ ପୁଞ୍ଜି ଓ ବୈଷୟିକ ଜ୍ଞାନର ପ୍ରବାହ ଉପରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମାନ ଥିଲା । ଉଦାହରଣ ସ୍ୱରୂପ, ବିଦେଶୀ ନାଗରିକମାନଙ୍କୁ ଭାରତରେ ଯେକୌଣସି ଉଦ୍ୟୋଗରେ ୨୫ ଶତକଡ଼ାରୁ ଅଧିକ ପୁଞ୍ଜିର ମାଲିକ ହେବାକୁ ଅଧିକାର ନଥିଲା । ପରବର୍ତ୍ତୀ କାଳରେ ଏହି ସୀମାକୁ ବୃଦ୍ଧି କରି ୫୧% କରି ଦିଆଗଲା । ଏହାକୁ ଏଥିପାଇଁ ଆରମ୍ଭ କରାଗଲା ଯେ ଯାହାଦ୍ୱାରା ଭାରତୀୟ କମ୍ପାନୀମାନେ ନିଜର କାର୍ଯ୍ୟକ୍ରମକୁ ପରିଚାଳନା କରିବାକୁ ଅଧିକାର ବିଦେଶୀମାନଙ୍କୁ ନଦିଅନ୍ତୁ । ଏହା ବ୍ୟତୀତ ଯେ କୌଣସି ନିବେଶକୁ ଭାରତକୁ ଆସିବାକୁ ଅନୁମତି ମିଳିବା ପୂର୍ବରୁ

ଏହାର ସରକାରଙ୍କ ଦ୍ୱାରା ଆକଳନ କରାଯାଉଥିଲା । ବିଦେଶୀ ନିବେଶକୁ ଲମ୍ବା ଚଉଡା ପ୍ରକ୍ରିୟା ଏବଂ ଏହା ପ୍ରତି ଥିବା ମନୋଭାବକୁ ଭାରତରେ ସନ୍ଦେହାତ୍ମକ ବିଦେଶୀ ନିବେଶକୁ ହତୋତ୍ସାହିତ କରିବାରେ ମୁଖ୍ୟ ଭୂମିକା ସମ୍ପାଦନ କରିଛି ।

4) ସ୍ୱଦେଶୀ ଉଦ୍ୟୋଗର ସୁରକ୍ଷା : ସରକାର ଘରୋଇ ଉଦ୍ୟୋଗଗୁଡିକୁ ବିଦେଶୀ ପ୍ରତିଯୋଗିତା ଠାରୁ ମଧ ରକ୍ଷା କରିଛନ୍ତି । ଏହା ବିଦେଶୀ ଦ୍ରବ୍ୟ ଉପରେ ଅତ୍ୟଧିକ ଆମଦାନୀ ଶୁଳ୍କ ଲଗାଇ କରାଗଲା । ହାରାହାରି ଆମଦାନୀ-ରପ୍ତାନୀ ଶୁଳ୍କ ପ୍ରାୟତଃ ୮୦% ଥିଲା ଏବଂ ଉଚ୍ଚତମ ଆମଦାନୀ ଶୁଳ୍କ ୩୦୦% ଥିଲା । ଏବେ ଅଧିକ ଆମଦାନୀ ଶୁଳ୍କ ସହିତ ବିଦେଶୀ ଦ୍ରବ୍ୟ ଭାରତରେ ଭାରତୀୟ ଦ୍ରବ୍ୟ ତୁଳନାରେ ଅଧିକ ମହଙ୍ଗା ହୋଇଗଲା । ସୁତରାଂ ଘରୋଇ ଉପଭୋକ୍ତା ବିଦେଶୀ ଦ୍ରବ୍ୟଠାରୁ ଅଧିକ ଭାରତୀୟ ଦ୍ରବ୍ୟକୁ କିଣିବାକୁ ପସନ୍ଦ କରୁଥିଲେ । ଏହା ଭାରତୀୟ ଉଦ୍ୟୋଗକୁ ଅକ୍ଷମ କରିଦେଲା, କାରଣ ସେମାନଙ୍କ ଠାରେ ବିଦେଶୀ ପ୍ରତିଯୋଗୀତାରୁ ମୁକ୍ତ ଏକ ସରଳ ବଜାର ଥିଲା, ଯେତେ ପର୍ଯ୍ୟନ୍ତ ରପ୍ତାନି କଥା କୁହାଯାଏ, ଭାରତୀୟ ଶିଳ୍ପ ନିଜର ଉତ୍ପାଦକୁ ବିଶ୍ୱସ୍ତରରେ ଅଧିକ ପ୍ରତିଯୋଗୀ କରି ରପ୍ତାନି ଉପରେ ଆର୍ଥିକ ସହାୟତା ପାଇଁ ନିର୍ଭର ଥିଲେ ।

5) ସ୍ଥିର ବିନିମୟ ଦର : ୧୯୯୧ ପୂର୍ବରୁ ବିଦେଶୀ ମୁଦ୍ରାର ମୂଲ୍ୟ ଭାରତୀୟ ଟଙ୍କା ସହିତ ତୁଳନା ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଉଥିଲା । ଏହାକୁ ସରକାରୀ (Official) ବିନିମୟ ଦର କୁହାଯାଉଥିଲା । ରପ୍ତାନିକାରୀ ଓ ଆମଦାନୀକାରୀଙ୍କୁ କ୍ରମଶଃ ଖରିଦ ଓ ବିକ୍ରି ସ୍ଥିରିକୃତ ସରକାରୀ ବିନିମୟ ଦରରେ କରିବାକୁ ପଡିଥାଏ । ସାଧାରଣତଃ ଭାରତରେ ବିଦେଶୀ ମୁଦ୍ରାର ଚାହିଦା (ରପ୍ତାନିକାରୀଙ୍କ ହ୍ରାସ) ଏହାର ଭରଣା (ଆମଦାନୀକାରୀଙ୍କ ଦ୍ୱାରା) ଠାରୁ ଅଧିକ ଥିଲା । ଏହା ଫଳରେ ବିଦେଶୀ ମୁଦ୍ରାର ଏକ ବେଆଇନ୍ ମୁକ୍ତ ବଜାର (ଏହାକୁ କଳା ବଜାର ମଧ କୁହାଯାଏ) ଜନ୍ମ ନେଲା । ବିଦେଶୀ ମୁଦ୍ରାର ବିକ୍ରେତା ଏହାକୁ ମୁକ୍ତ ବଜାରରେ ବିକିବାକୁ ଚାହାନ୍ତି କାରଣ ଏହି ବିନିମୟ ଦର 'ସରକାରୀ ବିନିମୟ ଦର' ଠାରୁ ଅଧିକ ଥିଲା । ତେଣୁ ରପ୍ତାନୀକାରୀ ରପ୍ତାନୀରୁ ଅର୍ଜିତ ଆୟକୁ କମ୍ ଦର୍ଶାଇଥାନ୍ତି । ଅନ୍ୟପକ୍ଷରେ କ୍ରେତା ବିଦେଶୀ ମୁଦ୍ରା ସରକାରୀ ବିନିମୟ ଦରରେ କିଣିବାକୁ ଚାହିଁଲେ କାରଣ 'ସରକାରୀ ବିନିମୟ ଦର' ଶସ୍ତା ଥିଲା । ଏହି କାରଣରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ବିଦେଶୀ ମୁଦ୍ରାକୋଷର ବିରାଟ ହ୍ରାସ ଘଟିଲା ।

ପାଠ୍ୟଗତ ପ୍ରଶ୍ନ 24.1

1) ନିମ୍ନଲିଖିତ ଉକ୍ତିଗୁଡିକ ଠିକ୍ ନା ଭୁଲ :

(କ) ଔଦ୍ୟୋଗିକ ଲାଇସେନ୍ସିଂ ନୀତି ଅନୁସାରେ ଭାରତୀୟ ଉଦ୍ୟୋଗକୁ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଥିଲା ।

(ଖ) ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଘରୋଇ ମୁଦ୍ରା ବିନିମୟ ହାରକୁ ..... ବିନିମୟ ହାର କୁହାଯାଏ ।

(ଗ) ଘରୋଇ ଉଦ୍ୟୋଗକୁ ଆମଦାନୀ ଉପରେ ଅତ୍ୟଧିକ ଆମଦାନୀ ଶୁଳ୍କ ଲଗାଇ ବିଦେଶୀ ପ୍ରତିଯୋଗିତା ଠାରୁ ରକ୍ଷା କରାଯାଇଥିଲା ।

(ଘ) ୧୯୯୧ ପୂର୍ବରୁ ବିଦେଶୀ ବୈଷୟିକ ଜ୍ଞାନ ଭାରତ ସହଜରେ ଅଣାଯାଇପାରୁଥିଲା ।

(ଙ) ସାର୍ବଜନୀକ କ୍ଷେତ୍ରକୁ ଏଥିପାଇଁ ମହତ୍ତ୍ୱ ଦିଆଯାଇଥିଲା କାରଣ ଏପରି ଅନୁମାନ କରାଯାଇଥିଲା ଯେ ଏହି ଭାରତୀୟ ଅର୍ଥ ବ୍ୟବସ୍ଥାର ତୀବ୍ର ଶିଳ୍ପାୟନ କରିବେ ।

2) ଏଗୁଡିକ ମଧ୍ୟରୁ କେଉଁଟି ଔଦ୍ୟୋଗିକ ଲାଇସେନ୍ସିଂର ଅନ୍ତର୍ଗତ ।

(କ) ଘରୋଇ କ୍ଷେତ୍ର ସରକାରୀ ନିୟନ୍ତ୍ରଣ ଓ ନିୟମର ଅଧୀନସ୍ଥ ।

(ଖ) ସାର୍ବଜନୀକ କ୍ଷେତ୍ର ବିଦେଶୀ ମୁଦ୍ରାକୁ ଘରୋଇ କ୍ଷେତ୍ରକୁ ବିକିପାରିବ ନାହିଁ ।

(ଗ) ଘରୋଇ କ୍ଷେତ୍ର ସରକାରଙ୍କ ବିନା ଅନୁମତିରେ ନିଜ କାର୍ଯ୍ୟକ୍ଷେତ୍ରର ଆୟତନ ବଢାଇ ପାରିବେ ନାହିଁ ।

(ଘ) କେବଳ ସାର୍ବଜନୀକ କ୍ଷେତ୍ର ବିଦେଶରୁ ବୈଷୟିକ ଜ୍ଞାନର ଆମଦାନୀ କରିପାରିବ ନାହିଁ ।

24.2 1990-91ରେ ଅର୍ଥନୈତିକ ସଂକଟ

ଭାରତୀୟ ଅର୍ଥ ବ୍ୟବସ୍ଥାର ସମସ୍ୟାଗୁଡିକ ଯାହାକି 1991ରେ ଏକ ବିରାଟ ସଂକଟ ହୋଇଥିଲା, ତାହା ହଠାତ୍ ଉଗ୍ରରୂପ ଧାରଣ କରିନଥିଲା । ଏହା ବିଗତ କେତେ ବର୍ଷ ଧରି ଏକତ୍ରିତ ହୋଇଚାଲୁଥିଲା ଯାହାକି ସର୍ବୋପରି 1980 ଦଶକରେ ପ୍ରଚଳିତ ଆର୍ଥିକ ନୀତି ଉପରେ ଆଧାରିତ ଥିଲା । ଏହି ଅଧ୍ୟାୟରେ ଆମେ 1991ର ଅର୍ଥ ବ୍ୟବସ୍ଥାର ସାଧାରଣ ଦୁର୍ବଳତାଗୁଡିକୁ ଏବଂ ସେହି ସମୟର କାରଣ ଯାହା ସେହିବର୍ଷର ଆର୍ଥିକ ସଂକଟର ଜନନୀ ଥିଲା, ତାହା ବିଷୟରେ ଅଧ୍ୟୟନ କରିବା ।

(କ) ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଥିବା ସମସ୍ୟା :

(1) ସାର୍ବଜନୀକ କ୍ଷେତ୍ରର କାର୍ଯ୍ୟକ୍ରମର ଅସନ୍ତୋଷଜନକ କାର୍ଯ୍ୟନିର୍ବାହୀ ସାର୍ବଜନୀକ କ୍ଷେତ୍ରର କାର୍ଯ୍ୟକ୍ରମର ସଂଖ୍ୟାଗୁଡିକର ଅତ୍ୟଧିକ ବୃଦ୍ଧି ଘଟିଲା (1951ରେ 5 ଠାରୁ 1992ରେ 246) । ପରନ୍ତୁ, କେତେକ ସାର୍ବଜନୀକ କ୍ଷେତ୍ର କାର୍ଯ୍ୟକ୍ରମରେ ଉତ୍ତମ କାର୍ଯ୍ୟନିର୍ବାହ କରିଥିଲେ ମଧ୍ୟ ସର୍ବମୋଟରେ ସେମାନଙ୍କ କାର୍ଯ୍ୟନିର୍ବାହ ଦୟନୀୟ ଥିଲା । ଉତ୍ପାଦକତା କମ୍ ଥିଲା ଏବଂ ତା ମଧ୍ୟରୁ ଅର୍ଦ୍ଧେକ କାର୍ଯ୍ୟକ୍ରମ କ୍ଷତିରେ ଚାଲୁଥିଲା, ଯେପରି ପୂର୍ବରୁ କୁହାଯାଇଛି

ଯେ ସାର୍ବଜନୀକ କ୍ଷେତ୍ରକୁ ଅର୍ଥ ବ୍ୟବସ୍ଥାର ଉଦ୍ୟୋଗୀକରଣର ରଥ ରୁପେ ବିବେଚନା କରାଯାଉଥିଲା । ତେଣୁ ଏହାକୁ ଅଧିକ ମହତ୍ତ୍ୱ ଦିଆଗଲା । ସେତେବେଳେ ଘରୋଇ କ୍ଷେତ୍ରକୁ ଅନେକ ପ୍ରକାର ପ୍ରତିବନ୍ଧ ଏବଂ ନିୟନ୍ତ୍ରଣ ଦ୍ୱାରା ଚାପି ଦିଆଗଲା । ପରନ୍ତୁ, ସାର୍ବଜନୀକ କ୍ଷେତ୍ର ନିଜର ଖରାପ ପ୍ରଦର୍ଶନ ଯୋଗୁଁ ଅର୍ଥ ବ୍ୟବସ୍ଥା ଉପରେ ଏକ ବୋଝ ହୋଇ ରହିଗଲା । ସାର୍ବଜନୀକ କ୍ଷେତ୍ରର ଅସଫଳତା ଏବଂ ଅଣବିକଶିତ ଘରୋଇ କ୍ଷେତ୍ରର ଫଳସ୍ୱରୂପ ଆର୍ଥିକ ଉତ୍ପାଦକତା କମ୍ ହୋଇଗଲା ।

2) **ମୁଦ୍ରାସ୍ଫୀତିର ଉଚ୍ଚହାର :** ୧୯୮୦ ଦଶକର ଦ୍ୱିତୀୟାର୍ଦ୍ଧରେ ଭାରତ ସମ୍ମୁଖରେ ଭାରି ମୁଦ୍ରାସ୍ଫୀତିର ଚାପ ରହିଥିଲା ଏବଂ ମୁଦ୍ରାସ୍ଫୀତିର ହାର ଦୁଇଅଙ୍କରେ ପହଞ୍ଚି ଯାଇଥିଲା । ଅର୍ଥ ବ୍ୟବସ୍ଥାରେ ସାଧାରଣ ମୂଲ୍ୟ ସ୍ତରରେ ଅନବରତ ବୃଦ୍ଧିର ହାରକୁ ମୁଦ୍ରାସ୍ଫୀତି କହନ୍ତି । ୧୯୯୧ରେ ମୁଦ୍ରାସ୍ଫୀତିର ହାର ୧୬% ଠାରୁ ଅଧିକ ହୋଇଯାଇଥିଲା । ଚିନ୍ତାର ବିଷୟ ଏହିକି ଯେ ଆବଶ୍ୟକ ଦ୍ରବ୍ୟ ଯଥା ବିଶେଷ ରୂପେ ଖାଦ୍ୟଶସ୍ୟର ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ହେଉଥିଲା । ଏହି ଉଚ୍ଚହାର ଜୀବନ ଯାପନର ପରିବ୍ୟୟକୁ ବଢାଇ ଦେଲା କାରଣ ବର୍ତ୍ତମାନ ଏକ ଶ୍ରମିକକୁ ଆବଶ୍ୟକ ଦ୍ରବ୍ୟ ଓ ସେବା କିଣିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡୁଥିଲା ।

3) **ବର୍ଦ୍ଧିତ ଋଣ ଭାର :** 1980 ଦଶକ ମଧ୍ୟରେ ସରକାରଙ୍କ ଖର୍ଚ୍ଚ ଅନବରତ ନିଜର ରାଜସ୍ୱ ଠାରୁ ଅଧିକ ଥିଲା । ବ୍ୟୟ ଓ ଆୟ ମଧ୍ୟରେ ବର୍ଦ୍ଧିତ ବ୍ୟବଧାନକୁ ଭରଣା କରିବାକୁ ପଡୁଥିଲା । ଏହି କାରଣରୁ ସରକାରଙ୍କୁ ଋଣ ନେବାକୁ ପଡୁଥିଲା । ଏହି ଋଣ ସରକାରଙ୍କ ଉପରେ ସୁଧ ଭାରକୁ ବଢାଇଦେଲା । ସରକାରୀ ରାଜସ୍ୱର ଅଭାବ ସରକାରଙ୍କ ପାଇଁ ଋଣ ଫେରସ୍ତ ଏବଂ ଋଣ ଉପରେ ସୁଧର ପରିଶୋଧ ଦେୟ ପଇଠ କରିବାକୁ କଷ୍ଟକର କରିଦେଲା । ଅତଏବ ଅର୍ଥ ବ୍ୟବସ୍ଥା ବିପର୍ଯ୍ୟସ୍ତ ରାଜକୋଷୀୟ ସ୍ଥିତିର ସମ୍ମୁଖୀନ ହେଲା ।

4) **ଦେୟ ପରିଶୋଧ ସନ୍ତୁଳନର ସମସ୍ୟା :** ଗୋଟିଏ ଦେଶର ନିଜର ଦ୍ରବ୍ୟ ଓ ସେବାର ଆମଦାନୀର ଅର୍ଥ ଭରଣା ପାଇଁ ବିଦେଶୀ ବିନିମୟର ଆବଶ୍ୟକ ହୋଇଥାଏ । ଏହା ଦ୍ରବ୍ୟ ଓ ସେବାଗୁଡିକର ରପ୍ତାନୀ ଦ୍ୱାରା ବିଦେଶୀ ବିନିମୟ ଅର୍ଜନ କରିଥାଏ । ରପ୍ତାନୀକାରୀମାନଙ୍କୁ ସବୁ ପ୍ରକାରର ମୁକ୍ତ ଓ ପ୍ରୋତ୍ସାହନ ସତ୍ତ୍ୱେ ମଧ୍ୟ ଭାରତର ରପ୍ତାନୀ ଆଶାନୁରୂପ ବୃଦ୍ଧି ହେଲା ନାହିଁ । ଏହା ମୁଖ୍ୟତଃ ଭାରତୀୟ ଉତ୍ପାଦକୁ ଅନ୍ତରାଷ୍ଟ୍ରୀୟ ବଜାରରେ ପ୍ରତିଯୋଗୀତା ଶକ୍ତିର ଅକ୍ଷମତା (ଗୁଣବତ୍ତା ଓ ମୂଲ୍ୟ ବିଚାରରେ) କାରଣରୁ ଥିଲା । ଅନ୍ୟପକ୍ଷରେ ଆମଦାନୀରେ ଅତି ଦ୍ରୁତ ବୃଦ୍ଧି ଘଟିଲା । ଏହି କାରଣରୁ ବିଦେଶୀ ମୁଦ୍ରାର ଚାହିଦା ମୁତାବକ ବିଦେଶୀ ମୁଦ୍ରାର ଭରଣା ପର୍ଯ୍ୟନ୍ତ ନଥିଲା । ଏହା ବ୍ୟତୀତ ଆମେ ଜାଣନ୍ତି ଯେ ସରକାରୀ ବିନିମୟ ଦର ଯୋଗୁଁ ଏକ ବର୍ଦ୍ଧିତ ବିଦେଶୀ ମୁଦ୍ରାର କଳା ବଜାରୀର ଅସ୍ତିତ୍ୱ ଥିଲା । ଏହା ଦେଶରେ ଦେୟ ପଇଠ କରିବା ସନ୍ତୁଳନ ସ୍ଥିତିକୁ ଅଧିକ ମାତ୍ରାରେ ଦୟନୀୟ କରିଦେଲା ।

(ଖ) ତତ୍କାଳୀନ ସଂକଟ :

1991ରେ ଭାରତରେ ଦେୟ ପଇଠ ସନ୍ତୁଳନ ସ୍ଥିତି ଖରାପ ହୋଇଯାଇଥିଲା । ଇରାକ ଦ୍ୱାରା କୁଏତ ଉପରେ ଆକ୍ରମଣ ସ୍ଥିତିକୁ ଅଧିକ ଖରାପ କରିଦେଲା । ଉପସାଗରୀୟ ସଂକଟ ପେଟ୍ରୋଲିୟମ ତୈଳର ମୂଲ୍ୟକୁ ଅନେକ ଅଧିକ ବଢାଇଦେଲା ଯାହାଫଳରେ ଭାରତର ଆମଦାନୀ ଦେୟ ପଇଠ (ଭାରତର ଆମଦାନୀରେ ସବୁଠାରୁ ବଡ଼ ଉପାଦାନ ପେଟ୍ରୋଲିୟମ ଅଶୋଧିତ ତୈଳ) ଉପରେ ଅଧିକ ଚାପ ପଡିଲା ।

ତା ସହିତ ଉପସାଗରୀୟ ସଂକଟ ଯୋଗୁଁ ମଧ୍ୟ ପ୍ରାଚ୍ୟର ଶ୍ରମିକମାନଙ୍କ ଦ୍ୱାରା ନିଜ ପରିବାରକୁ ହସ୍ତାନ୍ତରିତ କରାଯାଉଥିବା ବିଦେଶୀ ମୁଦ୍ରାରେ ମଧ୍ୟ ଅଭାବ ଘଟିଲା ।

ଆମପୂର୍ବରୁ ଜାଣନ୍ତି ଯେ ରପ୍ତାନିକାରୀ ନିଜର ଅର୍ଜିତ ବିଦେଶୀ ମୁଦ୍ରାକୁ ରିଜର୍ଭ ବ୍ୟାଙ୍କକୁ କମ୍ କରି କହିଥାନ୍ତି କାରଣ ସରକାରୀ ଦର ଏହି ଅଣ ସରକାରୀ ବଜାର ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ କମ୍ ଥିଲା । ଏହି ସମସ୍ତ କାରଣ ଯୋଗୁଁ ଭାରତର ବିଦେଶୀ ବିନିମୟ ଭଣ୍ଡାର ପ୍ରାୟତଃ ୧ ବିଲିୟନ ପର୍ଯ୍ୟନ୍ତ ହ୍ରାସ ପାଇଲା । ଏହି ଭଣ୍ଡାର ଦୁଇ ସପ୍ତାହର ଆମଦାନୀ ପାଇଁ ଦେୟ ପଇଠ ପାଇଁ ମଧ୍ୟ କମ୍ ଥିଲା । ସାଧାରଣତଃ ଏକ ରାଷ୍ଟ୍ରକୁ ଅତି କମ୍‌ରେ ନିଜର ତିନିମାସର ଆମଦାନୀର ଭରଣା ପାଇଁ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖିବା ଆବଶ୍ୟକ । ଏହି ବିଷୟରେ ବିପଦ ଥିଲା ଯେ ଭାରତୀୟ ସରକାର ବିଦେଶୀ ଋଣ ସହିତ ଏହି ଋଣର ସୁଧ ନିମିତ୍ତ ଦେୟ ପଇଠ କରିପାରିବ ନାହିଁ ।

ଅସ୍ଥିର ଘରୋଇ ରାଜନୈତିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଗଲା । କେନ୍ଦ୍ରରେ ସଂଖ୍ୟାଲଘୁ ସରକାର କାରଣରୁ ରାଜନୈତିକ ଅସ୍ଥିରତା ସ୍ଥିତି ରହିଥିଲା । ୧୩ ମାସର କାର୍ଯ୍ୟକଳାପରେ କେନ୍ଦ୍ର ସରକାରରେ ପରିବର୍ତ୍ତନ ହେଲା ।

ଦେଶକୁ ଏହି ସଂକଟରୁ ବଞ୍ଚାଇବା ପାଇଁ ଭାରତ ସରକାରଙ୍କୁ ନିଜର ସ୍ୱର୍ଣ୍ଣ ଭଣ୍ଡାରରୁ କିଛି ପରିମାଣ ସୁନାକୁ ବନ୍ଧକ ରଖିବାକୁ ପଡିଲା । ସରକାର ଧାର ପାଇଁ ବିଶ୍ୱବ୍ୟାଙ୍କ ଏବଂ ଅନ୍ତଃରାଷ୍ଟ୍ରୀୟ ମୁଦ୍ରାକୋଷ (IMF) ସହିତ ସମ୍ପର୍କ କଲା । IMF ଏଭଳି ପରିସ୍ଥିତିରେ ଅଗ୍ରୀମ ଋଣ ଦେବାକୁ ପ୍ରସ୍ତୁତ ହୋଇଗଲା କାରଣ ଭାରତୀୟ ସରକାର ଦେଶରେ ଅର୍ଥନୈତିକ ସଂସ୍କାରର ଅୟମାରମ୍ଭ କରିବ । ଏହାର ଚାପ ଫଳରେ ନୂତନ ଅର୍ଥନୈତିକ ନୀତିର ଶୁଭାରମ୍ଭ ହେଲା ।

ପାଠ୍ୟଗତ ପ୍ରଶ୍ନ 24.2

ଠିକ୍ ଉତ୍ତର ବାଛ :

1. ଏହା 1991 ସମୟରେ ଭାରତରେ ପ୍ରଚଳିତ ନଥିଲା :

   (କ) ଉଚ୍ଚ ମୁଦ୍ରାସ୍ଫୀତି ହାର

(ଖ) ଦେୟ ପଇଠ ସନ୍ତୁଳନ ସଂକଟ

(ଗ) ସ୍ଥିର ରାଜନୈତିକ ଦୃଶ୍ୟପଟ୍ଟ

(ଘ) ସାର୍ବଜନୀକ କାର୍ଯ୍ୟକ୍ରମର ଖରାପ କାର୍ଯ୍ୟନିର୍ବାହୀ

2) ଜୀବନ ଯାପନର ପରିବ୍ୟୟ ବଢେ ଯେତେବେଳେ :

(କ) ମୂଲ୍ୟବୃଦ୍ଧି ହୁଏ

(ଖ) ମୂଲ୍ୟ କମ୍ ହୁଏ

(ଗ) ମୂଲ୍ୟ ସ୍ଥିର ରହିଥାଏ

(ଘ) ଏଗୁଡିକ ମଧ୍ୟରୁ କେଉଁଟି ନୁହେଁ

3) ଉପସାଗରୀୟ ଯୁଦ୍ଧ ଯୋଗୁଁ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ଚାପ ପଡିଲା କାରଣ :

(କ) ଅଶୋଧିତ ତୈଳ ଦରରେ ବୃଦ୍ଧି ହେଲା

(ଖ) ମଧ୍ୟପ୍ରାଚ୍ୟର ପ୍ରବାସୀ ଭାରତୀୟ ଭାରତକୁ ଅର୍ଥ ପଠାଇ ପାରିଲେ ନାହିଁ ।

(ଗ) (କ) ଓ (ଖ) ଉଭୟ

(ଘ) ଉପରୋକ୍ତ କୌଣସିଟି ନୁହେଁ ।

24.3 ନୂତନ ଅର୍ଥନୈତିକ ନୀତିର ମୁଖ୍ୟ

ସରକାର ଅନୁଭବ କଲେ ଯେ ଯଦି ସଂକଟ ସ୍ଥିତିକୁ କୌଶଳକ୍ରମେ ଫଳପ୍ରଦ ନୀତିଗତ ପରିବର୍ତ୍ତନ ଦ୍ୱାରା ପ୍ରଭାବଶାଳୀ ରୂପେ ସମ୍ଭାଳା ନଗଲେ, ଅର୍ଥ ବ୍ୟବସ୍ଥାରେ ନିରାଶାକୁ ଜନ୍ମଦେବ । ଏହି କାରଣରୁ କେତେକ ପ୍ରମୁଖ ନୀତିଗତ ପରିବର୍ତ୍ତନର ଆବଶ୍ୟକତା ଥିଲା । ଯେଉଁ ପରିବର୍ତ୍ତନଗୁଡିକୁ ନୂତନ ଅର୍ଥନୈତିକ ନୀତି ମାଧ୍ୟମରେ କରାଗଲା । "ନୂତନ ଅର୍ଥନୈତିକ ନୀତିର ବିବରଣୀ ସେହିସବୁ ସଂସ୍କାର (ଉପାୟ)ରେ ନିହିତ ଯାହାସବୁ 1991ରେ ଅର୍ଥ ବ୍ୟବସ୍ଥାରେ ସକ୍ଷମତା, ଦକ୍ଷତା, ଉତ୍ପାଦକତା ଏବଂ ପ୍ରତିଯୋଗିତାକୁ ବୃଦ୍ଧି କରିବା ଦୃଷ୍ଟିକୋଣରୁ କରାଗଲା । ନୂତନ ଅର୍ଥନୈତିକ ନୀତି ପଛରେ ଥିବା ଉଦ୍ଦେଶ୍ୟ ଯେ ଏପରିକି ବାତାବରଣକୁ ତିଆରି କରିବାକୁ ହେବ ଯାହା ଯେକୌଣସି ଏକ କ୍ଷେତ୍ରକୁ ପ୍ରାଥମିକତା ବା ଅଗ୍ରାଧିକାର ଦିଆନଯାଉ ଯାହାଫଳରେ ପ୍ରତିଯୋଗିତା ଦ୍ୱାରା ଦକ୍ଷତା ଏବଂ ଉତ୍ପାଦକତାକୁ ବୃଦ୍ଧି କରାଯାଇପାରିବ । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଭାରତର ଔଦ୍ୟୋଗିକ, ବ୍ୟବସାୟିକ ଏବଂ ରାଜକୋଷୀୟ ନୀତିରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଗଲା । ତା'ସହିତ ଅର୍ଥ ବ୍ୟବସ୍ଥାର ବିତ୍ତୀୟ କ୍ଷେତ୍ରକୁ ଉନ୍ନତ କରିବାକୁ ମଧ୍ୟ ସଂସ୍କାର ଆରମ୍ଭ କରାଗଲା ।

ନୂତନ ଅର୍ଥନୈତିକ ନୀତି ନିମ୍ନଲିଖିତ ବିଷୟ ଉପରେ ବିଶେଷ ଯୋର ହେଲା :

ଉଦାରୀକରଣ : ଏହାର ଅର୍ଥ ବିଭିନ୍ନ ପ୍ରକାର ନିୟନ୍ତ୍ରଣ ଓ ନିୟମକୁ କୋହଳ କରି ଏବଂ ଆବଶ୍ୟକ ସ୍ଥଳେ ଉଠାଇଦେଇ ଅର୍ଥ ବ୍ୟବସ୍ଥାରେ ବ୍ୟବସାୟ ଓ ଶିଳ୍ପକୁ ଅଧିକ ସ୍ୱତନ୍ତ୍ର ରୂପେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଥିଲା ।

ଘରୋଇକରଣ : ଏହାର ଅର୍ଥ ଯେ ଅର୍ଥ ବ୍ୟବସ୍ଥାର ଏକ ବଡ଼ ଅଂଶକୁ ଘରୋଇ କ୍ଷେତ୍ର ପାଇଁ ଅଂଶୀଦାର ନିମିତ୍ତ ମୁକ୍ତ କରିବା ଏବଂ ଏହିପରି ସରକାରଙ୍କର କେତେକ ଗତିବିଧି ଉପରେ ନିୟନ୍ତ୍ରଣକୁ କୋହଳ କରିବା ବା ଉଠାଇଦେବା ।

ଜଗତିକରଣ : ଏହାର ଅର୍ଥ ମୁକ୍ତ ବଜାର ଏବଂ ମୁକ୍ତ ପୁଞ୍ଜିପ୍ରବାହ ମାଧ୍ୟମରେ ଘରୋଇ ଅର୍ଥ ବ୍ୟବସ୍ଥାକୁ ଅନ୍ୟଦେଶର ଅର୍ଥ ବ୍ୟବସ୍ଥା ସହିତ ସଂଯୋଗ କରିବା ।

(କ) ଔଦ୍ୟୋଗିକ ନୀତି :

ଔଦ୍ୟୋଗିକ ନୀତି ଅନ୍ତର୍ଗତ ସରକାର ଘରୋଇ ଉଦ୍ୟୋଗ ଉପରେ ନିୟନ୍ତ୍ରଣ ଓ ପ୍ରତିବନ୍ଧକକୁ କମ୍ କରିବାକୁ ନିଷ୍ପତ୍ତି ନେଲେ । ଏହାର ଉଦ୍ଦେଶ୍ୟ ଥିଲା ଘରୋଇ ପ୍ରତିଦ୍ୱନ୍ଦ୍ୱିତାକୁ ବୃଦ୍ଧି କରିବା ଯାହା ସାର୍ବଜନୀକ ଓ ବ୍ୟକ୍ତିଗତ ଉଭୟ କ୍ଷେତ୍ରର କାର୍ଯ୍ୟ ନିର୍ବାହ ଦକ୍ଷତାକୁ ଉନ୍ନତ କରନ୍ତୁ । ତା ସହିତ ଔଦ୍ୟୋଗିକ ନୀତିର ଉଦ୍ଦେଶ୍ୟ, ଔଦ୍ୟୋଗିକ କ୍ଷେତ୍ରରେ ବୃଦ୍ଧି ହାରରେ ସଂସ୍କାର ଆଣିବା ମଧ୍ୟ ଥିଲା ।

1) **ଉଦ୍ୟୋଗକୁ ଲାଇସେନ୍ସିଂରୁ ମୁକ୍ତ :** ୧୯୯୧ ଠାରୁ ସରକାର କେତେକ ଶିଳ୍ପକୁ ପର୍ଯ୍ୟାୟକ୍ରମେ ଲାଇସେନ୍ସରୁ ମୁକ୍ତ କଲେ । ବର୍ତ୍ତମାନ କେବଳ କେତେକ ଉଦ୍ୟୋଗ ଯାହା ପରିବେଶ ପାଇଁ ବିପଜ୍ଜନକ ବା ହାନିକାରକ, ସେଗୁଡିକ ଔଦ୍ୟୋଗିକ ଲାଇସେନ୍ସିଂ ନୀତିର ଅନ୍ତର୍ଗତରେ ଅଛନ୍ତି । ଉଦାହରଣ ସ୍ୱରୂପ ସୁରାଯୁକ୍ତ ପାନୀୟ, ସିଗାରେଟ୍, ଔଦ୍ୟୋଗିକ ବିସ୍ଫୋରକ, ବିପଜ୍ଜନକ ରସାୟନ ଓ ଔଷଧ ଭଳି ଉଦ୍ୟୋଗଗୁଡିକୁ ଔଦ୍ୟୋଗିକ ଲାଇସେନ୍ସିଂର ଆବଶ୍ୟକ ଅଛି । ଲାଇସେନ୍ସରୁ ମୁକ୍ତ ସରକାରଙ୍କ ନିୟନ୍ତ୍ରଣ ଏବଂ ନିୟମରୁ ମୁକ୍ତ କରିବା ଦିଗରେ ଏକ ପଦକ୍ଷେପ ଥିଲା ।

2) **ବୃହତ୍ ଧରଣର ଉଦ୍ୟୋଗ ଉପରୁ ପ୍ରତିବନ୍ଧକ ସମାପ୍ତ :** ପୂର୍ବରୁ ଯେଭଳି ବର୍ଣ୍ଣନା କରାଯାଇଛି ସରକାର ପୂର୍ବରୁ ଉଦ୍ୟୋଗଗୁଡିକର ଆକାର ବା ଉତ୍ପାଦନର ଆୟତନର ଅଧିକତମ ସୀମା ନିର୍ଦ୍ଧାରଣ କରିଥିଲେ । ଉଦ୍ୟୋଗର ବିସ୍ତାର ତଥା ଆଧୁନିକୀକରଣକୁ ପ୍ରୋତ୍ସାହିତକରିବାକୁ ସେହି ସୀମାବଦ୍ଧତାକୁ ଉଠାଇ ଦିଆଗଲା । ବୃହତ୍ ଧରଣର ଶିଳ୍ପ ସମୁହକୁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ମୂଳକ ବାତାବରଣରେ ସଂଗଠିତ ହେବାକୁ ଏହା ରାସ୍ତା ଖୋଲିଦେଲା ।

3) **ସରକାରୀ କ୍ଷେତ୍ର ପାଇଁ ସଂରକ୍ଷିତ ଶିଳ୍ପ ସଂଖ୍ୟାରେ ହ୍ରାସ :** ଉପର ଭାଗରେ ଆମେ ପଢିଛନ୍ତ ଯେ ପୁରାତନ ଶିଳ୍ପ ନୀତି ଅନ୍ତର୍ଗତ ବିଭିନ୍ନ ଉଦ୍ୟୋଗ ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ ଥିଲା । 1991-92 ରେ ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ ଉଦ୍ୟୋଗ ସଂଖ୍ୟାରେ ହ୍ରାସ କରାଗଲା । ବର୍ତ୍ତମାନ କେବଳ ସେହି ଉଦ୍ୟୋଗ ଯାହା ସାମରିକ ଏବଂ ସୁରକ୍ଷା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ତାହା ହିଁ ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ । ଏଗୁଡିକ ହେଲା, ପ୍ରତିରକ୍ଷା, ପରମାଣୁ ଶକ୍ତି, ପରମାଣୁ ଖଣିଜ ଏବଂ ରେଳପଥ । ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ ଶିଳ୍ପରେ ହ୍ରାସ ଘରୋଇକରଣ ଦିଗରେ ଏକ ପଦକ୍ଷେପ ଥିଲା ।

4) **ବିଦେଶୀ ନିବେଶ ଏବଂ ବୈଷୟିକ ଜ୍ଞାନକୁ ପ୍ରୋତ୍ସାହନ :** ସରକାର ଭାରତରେ ବିଦେଶୀ ନିବେଶକୁ ନେଇ ଅତ୍ୟଧିକ ଉଦାର ହୋଇଗଲେ । ବିଦେଶୀ ନିବେଶକୁ ଶିଳ୍ପର ମୋଟ ପୁଞ୍ଜିର ୫୧% ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । କେତେକ କ୍ଷେତ୍ରରେ ଯଥା ମୌଳିକ ସଂରଚନାଗୁଡିକରେ ସରକାର ବିଦେଶୀମାନଙ୍କ ଦ୍ୱାରା ମୋଟ ପୁଞ୍ଜିକୁ ୧୦୦% ପର୍ଯ୍ୟନ୍ତ ନିବେଶ କରିବାର ଅନୁମତି ଦେଇଦେଲେ । ଏହାର ପରିମାଣ ସ୍ୱରୂପ, ନୂତନ ବୈଷୟିକ ଜ୍ଞାନ, ବିପଣନ ଦକ୍ଷତା ଏବଂ ଆଧୁନିକ ପରିଚାଳନା କୌଶଳ ଭାରତରେ ସ୍ୱଳ୍ପ ପରିବ୍ୟୟରେ ଆସିବାକୁ ଲାଗିଲା ।

(ଖ) ବାଣିଜ୍ୟ ଏବଂ ବିଦେଶୀ ବିନିମୟ ନୀତି : ସରକାର ଅନୁଭବ କଲେ ଯେ ଭାରତ ଏବେ ଅବଶେଷ ବିଶ୍ୱରେ ପୃଥକ ଭାବରେ ରହି ଆଗକୁ ଅଗ୍ରସର ହୋଇପାରିବ ନାହିଁ । ଯଦି ଭାରତ ଯୋଜନାର ଲକ୍ଷ ହାସଲ କରିବାକୁ ଚାହେଁ ତେବେ ତାହାକୁ ଅବଶେଷ ବିଶ୍ୱ ସହିତ ତାଳ ଦେଇ ଆଦାନ-ପ୍ରଦାନ କରିବା ଆବଶ୍ୟକ । ବାଣିଜ୍ୟ ଏବଂ ବିଦେଶୀ ନୀତିରେ ଏଭଳି ଉପାୟ ଥିଲା ଯାହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଅବଶେଷ ବିଶ୍ୱସହିତ ସଂଯୋଗ କରିପାରେ ।

1) **ଆମଦାନୀ- ରପ୍ତାନୀ କରରେ ହ୍ରାସ :** ଆମଦାନୀ- ରପ୍ତାନୀ କରକୁ ବିଶ୍ୱରେ ତତ୍କାଳୀନ ପ୍ରଚଳିତ ହାର ପର୍ଯ୍ୟନ୍ତ କମ୍ କରି ଦିଆଗଲା । ଉଦାହରଣ ସ୍ୱରୂପ, ଆମଦାନୀ-ରପ୍ତାନୀ ଶୁଳ୍କର ଉଚ୍ଚତମ ହାରକୁ ୩୦୦%ରୁ କମ୍ କରି ୧୫୦% କରି ଦିଆଗଲା । ହାରାହାରି ଶୁଳ୍କ ହାରକୁ ୮୦%ରୁ କମ୍ କରି ୩୦-୪୦% କରି ଦିଆଗଲା । ଏହା ଫଳରେ ଘରୋଇ ଓ ବିଦେଶୀ ଦ୍ରବ୍ୟ ମଧ୍ୟରେ ଅଧିକରୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା ସମ୍ଭବ ହେଲା ।

2) **ମାତ୍ରାତ୍ମକ ପ୍ରତିବନ୍ଧକରେ ହ୍ରାସ :** ପୂର୍ବରୁ ସରକାରଙ୍କ ଦ୍ୱାରା ଆମଦାନୀ ଓ ରପ୍ତାନୀ ଉପରେ ମାତ୍ରାତ୍ମକ ପ୍ରତିବନ୍ଧକ ଥିଲା । ଉଦାହରଣ ସ୍ୱରୂପ, ଏକ ରପ୍ତାନୀକାରୀ ଏକ ବିଶେଷ ପରିମାଣ ଠାରୁ ଅଧିକ ରପ୍ତାନୀ କରିପାରୁନଥିଲା । ଅତିରିକ୍ତ ଉତ୍ପାଦନକୁ ଭାରତୀୟ ବଜାରରେ ବିକିବାକୁ ପଡୁଥିଲା । ଏହିପରି ଆମଦାନୀକାରୀ ଅସୀମିତ ଆମଦାନୀ କରିପାରୁନଥିଲେ । ଦେଶକୁ ଅଣାଯାଉଥିବା ଆମଦାନୀର ପରିମାଣ ଉପରେ ମଧ୍ୟ କଟକଣା

ଥିଲା । ନୂତନ ଅର୍ଥନୈତିକ ନୀତି ଅନୁସାରେ ଏହି ମାତ୍ରାଧିକ କଟକଣାକୁ ଅଧିକ ପରିମାଣରେ କମ୍ କରିଦିଆଗଲା ।

3) **ଆମଦାନୀରେ ଉଦାରୀକରଣ :** ସମସ୍ତ ପ୍ରକାର ଦ୍ରବ୍ୟର ଆମଦାନୀ ଉପରେ କଟକଣାକୁ କୋହଳ କରି ଦିଆଗଲା । ପୂର୍ବରୁ ଶିଳ୍ପମାନଙ୍କୁ ବିଭିନ୍ନ ଦ୍ରବ୍ୟର ଆମଦାନୀ ପାଇଁ ଲାଇସେନ୍ସର ଆବଶ୍ୟକତା ପଡୁଥିଲା। ନୂତନ ବାଣିଜ୍ୟ ନୀତି ଅନ୍ତର୍ଗତ ଆମଦାନୀ ପାଇଁ ଲାଇସେନ୍ସର ଆବଶ୍ୟକତାକୁ ଅନେକ କମ୍ କରି ଦିଆଗଲା। ବର୍ତ୍ତମାନ କେତେକ ଦ୍ରବ୍ୟର ଆବଦାନୀ ପାଇଁ ଲାଇସେନ୍ସ ଆବଶ୍ୟକତା ନାହିଁ। ଏହା ଉଦ୍ୟୋଗକୁ କଞ୍ଚାମାଲ ଏବଂ ଅନ୍ୟାନ୍ୟ ସାଧନଗୁଡିକୁ ଅଳ୍ପ ମୂଲ୍ୟରେ ଉପଲବ୍ଧ କରାଏ ଏବଂ ଏହିପରି ତାହାକୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ଦକ୍ଷତା ସମ୍ପନ୍ନ କରାଇଥାଏ ।

4) **ବିଦେଶୀ ବିନିମୟ ନିୟନ୍ତ୍ରଣରେ ହ୍ରାସ :** ୧୯୯୧ ପୂର୍ବରୁ ବିଦେଶୀ ମୁଦ୍ରାର ଉପଯୋଗ ସରକାରଙ୍କର ବିଭିନ୍ନ ଉଦ୍ଦେଶ୍ୟ ପାଇଁ ବିଦେଶୀ ମୁଦ୍ରାର ଉପଲବ୍ଧତା ଅତ୍ୟନ୍ତ ସୀମିତ ଥିଲା। ଉଦାହରଣ ସ୍ୱରୂପ, ନିୟମ ଅନୁସାରେ ଜଣେ ବ୍ୟକ୍ତି ତାଙ୍କର ବ୍ୟକ୍ତିଗତ ବିଦେଶ ଯାତ୍ରା ପାଇଁ ଏକ ବର୍ଷରେ ମାତ୍ର ୫୦୦ ଡଲାର ରଖିପାରୁଥିଲେ। ୧୯୯୧ରେ ବିଭିନ୍ନ ପ୍ରୟୋଜନ ପାଇଁ ବିଦେଶୀ ମୁଦ୍ରାର ଉପଲବ୍ଧତା ସରଳ କରି ଦିଆଗଲା। ଏହା ବ୍ୟତୀତ ଭାରତରେ ବିଦେଶୀ ବିନିମୟର ନିର୍ଦ୍ଧାରଣ ବର୍ତ୍ତମାନ ସରକାର କରୁନାହାନ୍ତି । ଏହାର ନିର୍ଦ୍ଧାରଣ ବଜାରରେ ଏହାର ଚାହିଦା ଏବଂ ଯୋଗାଣ ହିଁ କରିଥାଏ। ବର୍ତ୍ତମାନ ବିଦେଶୀ ମୁଦ୍ରାର କଳା ବଜାରୀ ନାହିଁ।

ପାଠ୍ୟଗତ ପ୍ରଶ୍ନ 24.3

୧. ଶୂନ୍ୟସ୍ଥାନ ପୂରଣ କର :

(କ) ଭାରତୀୟ ବ୍ୟକ୍ତିଗତ କ୍ଷେତ୍ରକୁ ସେହି ଶିଳ୍ପସ୍ଥାପନ କରିବା ପାଇଁ ଅନୁମତି ଅଛି। ଯାହା ପୂର୍ବରୁ ସରକାରୀ କ୍ଷେତ୍ର ପାଇଁ ସଂରକ୍ଷିତ ଥିଲା। ଏହା ....ର ଅନ୍ତର୍ଗତ (ଶିଳ୍ପନୀତି/ବାଣିଜ୍ୟ ନୀତି)

(ଖ) ଆମଦାନୀକୁ ପ୍ରତିବନ୍ଧକରୁ ମୁକ୍ତିକୁ .... କହନ୍ତି (ଘରୋଇ କରଣ/ ଉଦାରୀକରଣ)

(ଗ) ଆମଦାନୀ ଶୁଳ୍କରେ ହ୍ରାସ .... ଦିଗରେ ଏକ ପଦକ୍ଷେପ । (ଘରୋଇକରଣ/ ଜଗତୀକରଣ)

(ଘ) .... ଉଦ୍ୟୋଗକୁ ଏବେ ମଧ୍ୟ ଲାଇସେନ୍ସର ଆବଶ୍ୟକ ଅଛି। (ସଡକ ନିର୍ମାଣ/ସୁରା ମିଶ୍ରିତ ପାନୀୟ)

(ଙ) .... ବର୍ତ୍ତମାନ ମଧ୍ୟ ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ(ରେଳପଥ/ ଶକ୍ତି ଉତ୍ପାଦନ)

2) ଠିକ୍ ବା ଭୁଲ କୁହ :

(କ) ଜଗତିକରଣ ଏକ ଏପରି ନୀତି ଯାହାର ଲକ୍ଷ୍ୟ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ବିଶ୍ୱ ଅର୍ଥ ବ୍ୟବସ୍ଥା ସହିତ ସଂଯୋଗ କରିବା ।

(ଖ) ଲାଇସେନ୍ସମୁକ୍ତ ଏପରି ଏକ ନିୟମ ଯେଉଁଥିରେ ସରକାର ଶିଳ୍ପକୁ ନିୟନ୍ତ୍ରିତ ଓ ନିୟମିତ କରିଥାନ୍ତି ।

(ଗ) ୧୯୯୧ ପରେ ବିଦେଶୀ ମୁଦ୍ରାକୁ କେବଳ ସରକାରୀ ବିନିମୟ ହାରରେ କିଣାଯାଇପାରିଲା ।

(ଘ) ଶିଳ୍ପନୀତି ବିଦେଶୀ ବୈଷୟିକ ଜ୍ଞାନ ଓ ପୁଞ୍ଜିକୁ ଭାରତକୁ ଆସିବାକୁ ପ୍ରୋତ୍ସାହିତ କଲା ।

(ଙ) ୧୯୯୧ପରେ ସରକାର ଶିଳ୍ପର ଆୟତନର ବିସ୍ତାରର ସୀମା ସ୍ଥିର କରିଦେଲେ ।

(ଗ) ରାଜକୋଷୀୟ ନୀତି :

ରାଜକୋଷୀୟ ନୀତିର ସମ୍ବନ୍ଧ ସରକାରଙ୍କର ରାଜସ୍ୱ ଓ ବ୍ୟୟ ନିମିତ୍ତ ଅର୍ଥ ଆୟୋଜନ ନିମିତ୍ତ ଉପାୟ ସହିତ ଜଡିତ । ଔପଚାରିକ ଦିଗରୁ ଏହା ସରକାରଙ୍କର ବ୍ୟୟ ଓ ରାଜସ୍ୱ ସହିତ ସମ୍ବନ୍ଧିତ । ନୂତନ ଅର୍ଥନୈତିକ ନୀତି ଅନୁସାରେ ସରକାର ଦେଶର ଖରାପ ରାଜକୋଷୀୟ ସ୍ଥିତିକୁ ନିୟନ୍ତ୍ରିତ କରିବା ପାଇଁ କେତେକ ପଦକ୍ଷେପ ଗ୍ରହଣ କଲେ ।

1) **କର ହାରରେ ହ୍ରାସ :** ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟଙ୍କର ହାରରେ ହ୍ରାସ କଲେ, ଉଦାହରଣ ସ୍ୱରୂପ ପ୍ରତ୍ୟକ୍ଷ କର ଅନ୍ତର୍ଗତ ଆୟକର ଏବଂ ନିଗମ କର ହାରକୁ ହ୍ରାସ କରାଗଲା । ଏହିପରି ଉତ୍ପାଦନ କର (ଏକ ପରୋକ୍ଷ କର)କୁ ମଧ୍ୟ କମ୍ କରାଗଲା ।

2) **କର ଜାଲ୍‌ରେ ବିସ୍ତାର :** କର ହାରରେ ହ୍ରାସ ସହିତ ସରକାର କର ଆଦାୟ କରିବାର ପଦ୍ଧତିକୁ ମଧ୍ୟ ସରଳ କରିଦେଲେ । ଏହି ଦୁଇଟି ଉପାୟ ଫଳରେ ଏହା ଆଶା କରାଯାଉଥିଲା ଯେ ଅଧିକରୁ ଅଧିକ ଲୋକ ନିଜର କର ପଇଠ କରିବାକୁ ଚାହିଁବେ ଏବଂ ସର୍ବମୋଟ ମିଶାଇ ସରକାରଙ୍କ ରାଜସ୍ୱ ବଢିଯିବ ।

3) **ସରକାରଙ୍କ ବ୍ୟୟରେ ହ୍ରାସ :** ସରକାର ନିଜର ବ୍ୟୟର ଅବଲୋକନ କଲେ । ସରକାର ଜନସାଧାରଣଙ୍କ ଠାରୁ ଧାର କମ୍ କରିବା ପାଇଁ ଅନାବଶ୍ୟକ ବ୍ୟୟକୁ କମ୍ କରିବାକୁ ପ୍ରୟାସ କଲେ ।

4) **ସାର୍ବଜନିକ କାର୍ଯ୍ୟକ୍ରମର ବିକ୍ରି :** ସରକାର ମଧ୍ୟ କେତେକ ଉଦ୍ୟୋଗ, ଯେଉଁଥିରେ ବ୍ୟକ୍ତିଗତ କ୍ଷେତ୍ର ଅଂଶ ଗ୍ରହଣ କରିବାକୁ ତତ୍ପର ଥିଲେ। ସେଥିରୁ ପୁଞ୍ଜିକୁ ବିକ୍ରି କରିବାକୁ ନିର୍ଣ୍ଣୟ କଲେ (ପୁଞ୍ଜି ପ୍ରତ୍ୟାହାର/ ନିବେଶ) । ଏହା ଫଳରେ ସରକାରଙ୍କୁ ସେହି କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବା ପାଇଁ ଅଧିକରୁ ଅଧିକ ସଂସାଧନ ମିଳିଲା, ଯେଉଁ କ୍ଷେତ୍ରରେ ବ୍ୟକ୍ତିଗତ କ୍ଷେତ୍ର କୌଣସି ରୁଚି ରଖେ ନାହିଁ । ଏହା ସହିତ ମଧ୍ୟ କ୍ଷତିରେ ଚାଲୁଥିବା ଉଦ୍ୟୋଗ ଉପରୁ ସରକାରଙ୍କ ଭାର କମ୍ ହେଲା ଉଦାହରଣ ସ୍ୱରୂପ, ସରକାର ମଡର୍ଣ୍ଣ ଫୁଡ୍ ଇଣ୍ଡଷ୍ଟ୍ରିରେ ପୁଞ୍ଜିକୁ ଏକ ବ୍ୟକ୍ତିଗତ କ୍ଷେତ୍ର କମ୍ପାନୀକୁ ବିକ୍ରି କରିଦେଲେ। ମଡର୍ଣ୍ଣ ଫୁଡ ଇଣ୍ଡଷ୍ଟ୍ରିଜ୍ ଏକ ସରକାରୀ କାର୍ଯ୍ୟକ୍ରମ ଯାହା ମୁଖ୍ୟତଃ ବ୍ରେଡ୍ ତିଆରି କରୁଥିଲା ।

(ଘ) ବିତ୍ତୀୟ କ୍ଷେତ୍ରରେ ସଂସ୍କାର :

ନୂତନ ଅର୍ଥନୈତିକ ନୀତି ଅନ୍ତର୍ଗତ, ବିତ୍ତୀୟ କ୍ଷେତ୍ରର ସଂସ୍କାର ପାଇଁ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ଗ୍ରହଣ କଲେ। ବିତ୍ତୀୟ କ୍ଷେତ୍ରର ସମସ୍ତ ବ୍ୟାଙ୍କ, ମ୍ୟୁଚୁଆଲ ଫଣ୍ଡ ଏବଂ ସେୟାର ବଜାର ସହିତ ସମ୍ବନ୍ଧିତ ଯେଉଁଗୁଡିକ ଭାରତରେ କାର୍ଯ୍ୟରତ। ନିମ୍ନରେ କେତେକ ପ୍ରମୁଖ ଉପାୟ ଦିଆଗଲା:-

1) **ସୁଧ ହାର ନିର୍ଦ୍ଧାରଣରେ ସ୍ୱାଧୀନତା :** ୧୯୯୧ ପର୍ଯ୍ୟନ୍ତ, ବ୍ୟାଙ୍କ ଦ୍ୱାରା ଜମା ରାଶି ଉପରେ ଦିଆଯାଉଥିବା ସୁଧହାର ଏବଂ ଋଣ ଉପରେ ବସାଯାଉଥିବା ସୁଧହାରକୁ ନିର୍ଦ୍ଧାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ କରୁଥିଲା। ୧୯୯୧ ପରେ ବ୍ୟାଙ୍କଗୁଡିକ ସୁଧହାର ନିର୍ଦ୍ଧାରଣ କରିବାକୁ ସ୍ୱାଧୀନତା ଦିଆଗଲା। ଏହାଫଳରେ ବ୍ୟାଙ୍କିଙ୍ଗ ପଦ୍ଧତି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେଲା ଏବଂ ଗ୍ରାହକମାନଙ୍କୁ ଲାଭ ଅଧିକ ହେଲା ।

2) **ବ୍ୟକ୍ତିଗତ କ୍ଷେତ୍ରର ବ୍ୟାଙ୍କକୁ ଅନୁମତି :** ୧୯୯୧ ପୂର୍ବରୁ ଭାରତରେ ସମସ୍ତ ବ୍ୟାଙ୍କଗୁଡିକ କେବଳ ସରକାରଙ୍କର ଥିଲା ବା ବିଦେଶୀ କମ୍ପାନୀଙ୍କର ଥିଲା। ଦେଶରେ କୌଣସି ଗୋଟିଏ ହେଲେ ବି ବ୍ୟକ୍ତିଗତ କ୍ଷେତ୍ର ବ୍ୟାଙ୍କ ନଥିଲା। ନୂତନ ଅର୍ଥନୈତିକ ନୀତି, ଘରୋଇ, ବ୍ୟକ୍ତିଗତ ପୁଞ୍ଜି ଲଗାଣକାରୀଙ୍କ ପାଇଁ ବ୍ୟାଙ୍କ ସ୍ଥାପିତ କରିବାକୁ ଦ୍ୱାର ଉନ୍ମୁକ୍ତ କରିଦେଲେ। ଉଦାହରଣ ସ୍ୱରୂପ କେତେକ ବ୍ୟକ୍ତିଗତ କ୍ଷେତ୍ର ବ୍ୟାଙ୍କ ଆଇସିଆଇସିଆଇ, ଏଚ୍ଏଫ୍ଡିସି ଇତ୍ୟାଦି। ଏହା ଫଳରେ ବ୍ୟାଙ୍କିକ ପଦ୍ଧତି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆଣିବାରେ ସହାୟକ ହେଲା ।

3) **ବିଦେଶୀ ନିବେଶକୁ ଅନୁମତି :** ବିତ୍ତୀୟ କ୍ଷେତ୍ରରେ ସଂସ୍କାର ପାଇଁ ଅନ୍ୟ ଏକ ପଦକ୍ଷେପ ଥିଲା, ବିଦେଶୀ ନିବେଶକାରୀମାନଙ୍କୁ ଭାରତରେ ସେୟାର ବଜାରରେ ନିବେଶ କରିବାକୁ ଅନୁମତି । ଏହାସହିତ ଭାରତରେ ବୀମା କ୍ଷେତ୍ରରେ ବିଦେଶୀ ନିବେଶକାରୀଙ୍କୁ ନଦେଖି ଅନୁମତି ଦିଆଗଲା।

24.4 ନୂତନ ଅର୍ଥନୈତିକ ନୀତିରେ ସରକାରଙ୍କ ଭୂମିକା

ନୂତନ ଅର୍ଥନୈତିକ ନୀତି ପ୍ରଣୟନ ହେବା ଫଳରେ, ଆମେ ଏହା କହିପାରିବା ନାହିଁ ଯେ ଯୋଜନାର ଭୂମିକା କମ୍ ହୋଇଯାଇଛି । କେବଳ ଏହାର ରୂପରେଖ ପରିବର୍ତ୍ତିତ ହୋଇଛି । ଭାରତରେ ଯୋଜନା ବର୍ତ୍ତମାନ ଅଧିକ ବିସ୍ତୃତ ହେଉଅଛି । ଏହା ସେହି ଦିଗକୁ ଜାଜ୍ୱଲ୍ୟ ହେଉଛି ଯେଉଁ ଦିଗକୁ ଦେଶ ଆଗକୁ ଯିବାକୁ ଆବଶ୍ୟକ। ଏହା ଅର୍ଥନୈତିକ ନୀତିକୁ ନୂତନ ତଥା ବ୍ୟାପକ ଦିଗ୍‌ଦର୍ଶନ ଦେଉଛି। ଏକାଦଶ ପଞ୍ଚବାର୍ଷିକ ଯୋଜନାର ପ୍ରସ୍ତାବ ପତ୍ରରେ ଏହା ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଯୋଜନାରେ ଦରିଦ୍ରତା ଓ ଆଞ୍ଚଳିକ ଅସମାନତାକୁ ହ୍ରାସ କରି ବୃଦ୍ଧିର ହାରକୁ ବଢାଇବା ଆବଶ୍ୟକ ଅଛି। ନୂତନ ଅର୍ଥନୈତିକ ନୀତି ଅନ୍ତର୍ଗତ ସରକାରଙ୍କ ଭୂମିକାକୁ ନିମ୍ନରେ ଦିଆଗଲା :

1) **ଆର୍ଥିକ କାର୍ଯ୍ୟକଳାପରେ ସରକାରଙ୍କ ଭୂମିକାରେ ହ୍ରାସ :** ସ୍ୱାଧୀନତା ପରେ ଅର୍ଥବ୍ୟବସ୍ଥାରେ ଉତ୍ପାଦନ ପ୍ରକ୍ରିୟାରେ ସରକାରୀ କ୍ଷେତ୍ରର ପ୍ରଭୁତ୍ୱ ଥିଲା। ସରକାରଙ୍କ ସାର୍ବଜନୀକ କାର୍ଯ୍ୟକ୍ରମ ପ୍ରାୟତଃ ସମସ୍ତ ଉଦ୍ୟୋଗରେ ଉପସ୍ଥିତ ଥିଲା। ସରକାରଙ୍କ ଦ୍ୱାରା ସାର୍ବଜନୀକ କ୍ଷେତ୍ରର କାର୍ଯ୍ୟକ୍ରମରୁ ନିଜର ପୁଞ୍ଜିକୁ ବିକ୍ରୟ କରିବା ସହିତ ସରକାରଙ୍କ ଭୂମିକା ସକ୍ରିୟ ଉତ୍ପାଦନରେ କମ୍ ହେଉଅଛି ।

2) **ନିୟାମକ ଭୂମିକା :** ସରକାରଙ୍କ ଭୂମିକାର ହ୍ରାସ ହେବା ଜାଣିବା ଦ୍ୱାରା ଏହା ପରିଷ୍କାର ହେଉଛି ଯେ, ଦେଶରେ ଔଦ୍ୟୋଗିକ ବୃଦ୍ଧି ବ୍ୟକ୍ତିଗତ କ୍ଷେତ୍ରରେ କାର୍ଯ୍ୟନିର୍ବାହ ଉପରେ ନିର୍ଭର କରେ। ଅଧିକରୁ ଅଧିକ କ୍ଷେତ୍ର ବ୍ୟକ୍ତିଗତ କ୍ଷେତ୍ର ନିୟନ୍ତ୍ରଣରେ ରହିବା ଫଳରେ ଏହା ଭୟ ହେଉଛି ଯେ ଦ୍ରବ୍ୟର ଖରାପ ଗୁଣମାନ ଓ ଉଚ୍ଚମୂଲ୍ୟ ଦ୍ୱାରା ଉପଭୋକ୍ତାମାନେ ଶୋଷିତ ହୋଇପାରନ୍ତି । ତେଣୁ ସରକାରଙ୍କୁ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ସେ ଏକ ନିୟାମକ ପ୍ରାଧିକରଣ ଅଧିକାରୀମାନଙ୍କୁ ଗଠନ କରିବେ, ଯେଉଁମାନେ ବ୍ୟକ୍ତିଗତ କ୍ଷେତ୍ରର କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବେ। ଉଦାହରଣ ସ୍ୱରୂପ ସରକାରଙ୍କ ଦ୍ୱାରା ଦୂରଭାଷା ନିୟାମକ ପ୍ରାଧିକରଣ ଗଠିତ ହୋଇଅଛି। ଏହା ଦେଶର ସମସ୍ତ ଟେଲିଫୋନ ଓ ମୋବାଇଲ ସେବା ପ୍ରଦାନ କରୁଥିବା କମ୍ପାନୀମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଅଛି ।

3) **ସାମାଜିକ କ୍ଷେତ୍ରର ବିକାଶ :** ସରକାର ସାମାଜିକ କ୍ଷେତ୍ର ଯଥା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ବିକାଶରେ ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସରକାରଙ୍କୁ ଉକ୍ତ ରଣନୀତିକୁ ଜାଣିବା ଦରକାର ସେ ଯାହା ଦେଶର ଦରିଦ୍ରତା ଓ ବେକାରୀ ସମସ୍ୟାକୁ ହ୍ରାସ କରିବାରେ ସହାୟକ ହେବ କାରଣ, ବ୍ୟକ୍ତିଗତ କ୍ଷେତ୍ର ବିକାଶର ଏ ଦିଗରେ ଧ୍ୟାନ ଦେବନାହିଁ । ସରକାରଙ୍କୁ ଗ୍ରାମୀଣ ବିକାଶ ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ଯଥା- ପାନୀୟ ଜଳ, ମୌଳିକ ସ୍ୱାସ୍ଥ୍ୟ ସୁବିଧା, ଗ୍ରାମୀଣ ସଡକ ଇତାଦି । ଅତଏବ ଜନସାଧାରଣଙ୍କ ସମ୍ପତ୍ତିକୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ଆବଣ୍ଟନ କରିବା ଆବଶ୍ୟକ ।

ପାଠ୍ୟଗତ ପ୍ରଶ୍ନ 24.4

(1) ଠିକ ଉତ୍ତରଟି ବାଛ

(କ) ନିମ୍ନଲିଖିତ ମଧ୍ୟରୁ କେଉଁଟି ନୂତନ ରାଜକୋଷୀୟ ନୀତିର ବିଶେଷତ୍ୱ ନୁହେଁ ?

(i) କର ହାରରେ ହ୍ରାସ

(ii) କରଦାତାଙ୍କ ସଂଖ୍ୟାରେ ବୃଦ୍ଧି

(iii) ବ୍ୟୟରେ ବୃଦ୍ଧି

(iv) ସାର୍ବଜନୀକ କ୍ଷେତ୍ରର କାର୍ଯ୍ୟକ୍ରମରୁ ସରକାରଙ୍କ ପୁଞ୍ଜିର ବିକ୍ରି ।

(ଖ) ନୂତନ ଅର୍ଥନୈତିକ ନୀତି ବ୍ୟତୀତ ସରକାରଙ୍କୁ ଆବଶ୍ୟକ ହେଉଛି

(i) ନିୟାମକ ଭୂମିକାରେ ବୃଦ୍ଧି କରିବା

(ii) ସାର୍ବଜନୀକ କ୍ଷେତ୍ରରେ ହସ୍ତକ୍ଷେପ ନକରିବା

(iii) ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରକୁ ବିକଶିତ କରିବା

(iv) ବେକାରୀ ଓ ଦରିଦ୍ରତାକୁ କମ୍ କରିବାକୁ ଉପାୟ କରିବା ।

2. ଠିକ୍ ବା ଭୁଲ ବାଛ :

(କ) ୧୯୯୧ ପରେ ସୁଧ ହାରକୁ ନିୟନ୍ତ୍ରିତ କରାଗଲା ।

(ଖ) ନୂତନ ଅର୍ଥନୈତିକ ନୀତି ଅନ୍ତର୍ଗତ ଘରୋଇ ବ୍ୟକ୍ତିଗତ କ୍ଷେତ୍ରର ବ୍ୟାଙ୍କକୁ କାର୍ଯ୍ୟ କରିବାକୁ ଅନୁମତି ଥିଲା ।

(ଗ) ୧୯୯୧ ପରେ ଆର୍ଥିକ ଗତିବିଧିରେ ପ୍ରତ୍ୟକ୍ଷ ଭୂମିକାରେ ହ୍ରାସ ହୋଇଛି ।

(ଘ) ସରକାର ସାର୍ବଜନିକ କ୍ଷେତ୍ରର କାର୍ଯ୍ୟକ୍ରମରେ ନିଜର ପୁଞ୍ଜିକୁ ବିକିବାକୁ ଚାହୁଁନାହାନ୍ତି ।

ଆପଣ କ'ଣ ଶିଖିଲେ

- ୧୯୯୧ ପୂର୍ବରୁ ଅର୍ଥନୈତିକ ନୀତିର ମୁଖ୍ୟ ବିଶେଷତ୍ୱଗୁଡିକ ନିମ୍ନପ୍ରକାରର ଥିଲା:

  (i) ତୀବ୍ର ଉଦ୍ୟୋଗକରଣ ହାସଲ କରିବା ପାଇଁ ସାର୍ବଜନୀକ କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇଥିଲା ।

(ii) ଶିଳ୍ପ ପାଇଁ ଲାଇସେନ୍ସିଂ ପ୍ରଣାଳୀ ଥିଲା ଯାହାଦ୍ଵାରା ସରକାର ବ୍ୟକ୍ତିଗତ କ୍ଷେତ୍ରର କାର୍ଯ୍ୟକଳାପକୁ ନିୟନ୍ତ୍ରିତ କଲେ ।

(iii) ବିଦେଶୀ ନିବେଶ ନିୟନ୍ତ୍ରିତ କରାଗଲା କାରଣ ଘରୋଇ କମ୍ପାନୀର ନିୟନ୍ତ୍ରଣକୁ ବିଦେଶୀ ହାତକୁ ଦିଆନଯିବାକୁ ସରକାର ଚାହୁଁଥିଲେ ।

(iv) ସ୍ଵଦେଶୀ ଉଦ୍ୟୋଗଗୁଡ଼ିକୁ ଉଚ୍ଚ ଆମଦାନୀ ରପ୍ତାନୀ ଶୁଳ୍କ ଦ୍ଵାରା ବିଦେଶୀ ପ୍ରତିଯୋଗିତାରୁ ରକ୍ଷା କରାଯାଉଥିଲା ।

(v) ବିଦେଶୀ ମୁଦ୍ରାର ବିନିମୟ ହାର ସରକାରୀ ସ୍ତରରେ ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ହେଉଥିଲା ।

- ୧୯୯୧ରେ ଭାରତୀୟ ଅର୍ଥ ବ୍ୟବସ୍ଥା ନିମ୍ନଲିଖିତ ମୁଖ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା :

(i) ସାର୍ବଜନୀକ କ୍ଷେତ୍ରର କାର୍ଯ୍ୟକ୍ରମର କାର୍ଯ୍ୟ ନିର୍ବାହୀ ଖରାପ ଥିଲା ।

(ii) ମୁଦ୍ରାସ୍ଫୀତିର ହାର ଉଚ୍ଚ ଥିଲା ।

(iii) ସରକାରଙ୍କ ଋଣ ଭାରରେ ଦୃଢ଼ ବୃଦ୍ଧି ଘଟୁଥିଲା ।

(iv) ନିମ୍ନଲିଖିତ କାରଣରୁ ଦେୟ ପଇଠ ସନ୍ତୁଳନରେ ଗମ୍ଭୀର ସଂକଟ ଥିଲା ।

- ବିଦେଶୀ ମୁଦ୍ରାର କଳାବଜାରୀ ।
- ୧୯୯୧ର ଉପସାଗରୀୟ ସଂକଟ ।

(v) ଅର୍ଥ ବ୍ୟବସ୍ଥାରେ ରାଜନୈତିକ ଅସ୍ଥିରତା

- ନୂତନ ଅର୍ଥନୈତିକ ନୀତିର ମୁଖ୍ୟ ବିଶେଷତ୍ଵଗୁଡ଼ିକ :

i) **ଉଦାରୀକରଣ :** ଏହାର ଅର୍ଥ ବିଭିନ୍ନ ପ୍ରକାରର ନିୟନ୍ତ୍ରଣ ଓ ନିୟମକୁ କୋହଳ କରିବା ଏବଂ ଆବଶ୍ୟକସ୍ଥଳେ ଉଠାଇଦେବା ଅର୍ଥ ବ୍ୟବସ୍ଥାରେ ବାଣିଜ୍ୟ ଓ ଶିଳ୍ପକୁ ଅଧିକ ସ୍ଵତନ୍ତ୍ର ରୂପେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଥିଲା ।

ii) **ଘରୋଇକରଣ :** ଏହାର ଅର୍ଥ ଯେ ଅର୍ଥ ବ୍ୟବସ୍ଥାର ଏକ ବିରାଟ ଅଂଶକୁ ବ୍ୟକ୍ତିଗତ କ୍ଷେତ୍ର ପାଇଁ ଅଂଶୀଦାର ନିମିତ୍ତ ମୁକ୍ତ କରିବା ଏବଂ ଏହିପରି ସରକାରଙ୍କର କେତେକ ଗତିବିଧି ଉପରେ ନିୟନ୍ତ୍ରଣକୁ କୋହଳ କରିବା ବା ଉଠାଇଦେବା ।

iii) **ଜଗତୀକରଣ :** ଏହାର ତାତ୍ପର୍ଯ୍ୟ ନିଜ ଅର୍ଥ ବ୍ୟବସ୍ଥାକୁ ଅନ୍ୟ ଦେଶର ଅର୍ଥବ୍ୟବସ୍ଥା ସହିତ ମୁକ୍ତ ବଜାର ଏବଂ ପୁଞ୍ଜିର ମୁକ୍ତ ପ୍ରବାହ ମାଧ୍ୟମରେ ସଂଯୋଗ କରିବା ।

- ଔଦ୍ୟୋଗିକ/ ଶିଳ୍ପ ନୀତିର ମୁଖ୍ୟ ବିଶେଷତ୍ୱ :
  - (i) ଉଦ୍ୟୋଗକୁ ଲାଇସେନ୍ସରୁ ମୁକ୍ତ ।
  - (ii) ବୃହତ୍ ଧରଣର ଶିଳ୍ପ ଉପରୁ ନିୟନ୍ତ୍ରଣ ଉଚ୍ଛେଦ।
  - (iii) ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ ଶିଳ୍ପ ସଂଖ୍ୟାରେ ହ୍ରାସ ।
  - (iv) ବିଦେଶୀ ନିବେଶ ଏବଂ ବୈଷୟିକ ଜ୍ଞାନକୁ ପ୍ରୋତ୍ସାହନ ।
- ବାଣିଜ୍ୟ ଓ ନିବେଶ ନୀତିର ମୁଖ୍ୟ ବିଶେଷତ୍ୱ :
  - (i) ଆମଦାନୀ-ରପ୍ତାନୀ ଶୁଳ୍କରେ ହ୍ରାସ
  - (ii) ମାତ୍ରାତ୍ମକ ପ୍ରତିବନ୍ଧକରେ ହ୍ରାସ
  - (iii) ଆମଦାନୀର ଉଦାରୀକରଣ
  - (iv) ବିଦେଶୀ ବିନିମୟ ନିୟନ୍ତ୍ରଣରେ ହ୍ରାସ ।
- ରାଜକୋଷୀୟ ନୀତିର ମୁଖ୍ୟ ବିଶେଷତ୍ୱ :
  - (i) କର ହାରରେ କମ୍
  - (ii) କର ଜାଲରେ ବିସ୍ତାର
  - (iii) ସରକାରୀ ବ୍ୟୟରେ ହ୍ରାସ
  - (iv) ସରକାରୀ କାର୍ଯ୍ୟକ୍ରମଗୁଡିକ ବିକ୍ରି
- ବିତ୍ତୀୟ କ୍ଷେତ୍ରର ସଂସ୍କାରର ମୁଖ୍ୟ ବିଶେଷତ୍ୱ :
  - (i) ବ୍ୟାଙ୍କଗୁଡିକ ଦ୍ୱାରା ସୁଧ ନିର୍ଦ୍ଧାରଣରେ ସ୍ୱାଧୀନତା
  - (ii) ବ୍ୟକ୍ତିଗତ କ୍ଷେତ୍ରରେ ବ୍ୟାଙ୍କକୁ ଅନୁମତି
  - (iii) ବିଦେଶୀ ନିବେଶକୁ ଅନୁମତି ।

ପାଠ୍ୟାନ୍ତର ପ୍ରଶ୍ନ

1) 1991 ପୂର୍ବରୁ ଭାରତର ପ୍ରମୁଖ ଅର୍ଥନୈତିକ ନୀତିର ବ୍ୟାଖ୍ୟା କର ।

2) ନୂତନ ଅର୍ଥନୈତିକ ନୀତି ଗ୍ରହଣ କରିବା ସମୟରେ ଭାରତ ସମ୍ମୁଖୀନ ହୋଇଥିବା ସମସ୍ୟାଗୁଡିକୁ ବର୍ଣ୍ଣନା କର।

3) 1991ରେ ଭାରତ ସମ୍ମୁଖୀନ ହୋଇଥିବା ତତ୍କାଳୀନ/ ଆଶୁ ସମସ୍ୟାର ବର୍ଣ୍ଣନା କର।

4) ଏହା ଆମେ କିପରି କହିପାରିବା ଯେ ନୂତନ ଅର୍ଥନୈତିକ ଅନ୍ତର୍ଗତ ଶିଳ୍ପନୀତି, ଉଦାରୀକରଣ ଦିଗରେ ଏକ ପଦକ୍ଷେପ ଥିଲା ?

5) ବାଣିଜ୍ୟ ନୀତିର ମୁଖ୍ୟ ବିଶେଷତ୍ୱଗୁଡିକୁ ଲେଖ ।

6) ନୂତନ ଅର୍ଥନୈତିକ ନୀତି ଅନ୍ତର୍ଗତ ବିତ୍ତୀୟ କ୍ଷେତ୍ରରେ କରାଯାଇଥିବା ସଂସ୍କାରଗୁଡିକର ବର୍ଣ୍ଣନା କର ।

7) ଆମେ କହିପାରିବା କି ନୂତନ ଅର୍ଥନୈତିକ ନୀତି ପ୍ରବର୍ତ୍ତନ ସହିତ ସରକାରଙ୍କ ଭୂମିକା କମ୍ ହୋଇଯାଇଛି ? ନିଜ ଉତ୍ତର ପକ୍ଷରେ ଯୁକ୍ତି ରଖ ।

ପାଠ୍ୟଗତ ପ୍ରଶ୍ନର ଉତ୍ତର

24.1

1) (କ) ଭୁଲ

(ଖ) ଠିକ୍

(ଗ) ଠିକ୍

(ଘ) ଭୁଲ

(ଙ) ଠିକ୍

2) କ ଏବଂ ଗ

24.2

1) (ଗ)

2 (କ)

3 (ଗ)

24.3

1) (କ) ଶିଳ୍ପ ନୀତି

(ଖ) ଉଦାରୀକରଣ

(ଗ) ଜଗତୀକରଣ

(ଘ) ସୂରା ମିଶ୍ରିତ ପାନୀୟ

(ଙ) ରେଳପଥ ।

2) (କ) ଠିକ୍

(ଖ) ଭୁଲ

(ଗ) ଭୁଲ

(ଘ) ଠିକ୍

(ଙ) ଭୁଲ ।

24.4

1) (କ) iii

(ଖ) i ଏବଂ iv (କ)

2) (କ) ଠିକ୍

(ଖ) ଠିକ୍

(ଗ) ଠିକ୍

(ଘ) ଭୁଲ

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା :

1) ଭାଗ 24.1 ପଢନ୍ତୁ ।

2) ଭାଗ 24.2 (କ) ପଢନ୍ତୁ ।

3) ଭାଗ 24.2 (ଖ) ପଢନ୍ତୁ ।

4) ଭାଗ 24.3 (କ) ପଢନ୍ତୁ ।

5) ଭାଗ 24.3 (ଖ) ପଢନ୍ତୁ ।

6) ଭାଗ 24.3 (ଗ) ପଢନ୍ତୁ ।

7) ଭାଗ 24.4 ପଢନ୍ତୁ ।